


▶ପୃଷ୍ଠା-୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-247 ♦FRIDAY ♦06 MARCH 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୪୭ ♦ଶୁକ୍ରବାର ♦୦୬ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ସପ୍ତମ ଦିନରେ ମଧ୍ୟପ୍ରାଚ୍ୟ ଯୁଦ୍ଧ

# କମ୍ପୁଛି ଜଳ-ସ୍ଥଳ-ଆକାଶ




■ ତେହେରାନ/ତେଲ ଅଭିଭ୍, ୫ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ସାମରିକ ସଂଘର୍ଷ ଆହୁରି ଭୟଙ୍କର ରୂପ ନେଇଛି। ଏହି ଯୁଦ୍ଧର ଷଷ୍ଠ ଦିନରେ ଇରାନ ପକ୍ଷରୁ ଇସ୍ରାଏଲ ଉପରକୁ ଶତାଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଅନ୍ୟପଟେ ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ଇରାନର ଅଭ୍ୟନ୍ତରୀଣ ସୁରକ୍ଷା ବାହିନୀ (ଆଇଆରଜିସି) ଓ ବାସିଜ ୟୁନିଟ୍ ଉପରେ ଆକ୍ରମଣ ଜାରି ରଖିଛନ୍ତି। ସେପଟେ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖମନେଇଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଯୁଦ୍ଧ ନେଇ ରୁଷିଆ ତା'ର ପ୍ରତିକ୍ରିୟା ପ୍ରକାଶ କରିଛି। ରୁଷିଆ କହିଛି ଯେ ମଧ୍ୟ ପ୍ରାଚ୍ୟକୁ ଆହୁରି ବଡ଼ ସଙ୍କଟରୁ ବଞ୍ଚାଇବାକୁ ହେଲେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ଦରକାର। ଯୁଦ୍ଧ ବନ୍ଦ ପରିବାକୁ ଆମେରିକା ଓ ଇସ୍ରାଏଲର କୌଣସି ଇଚ୍ଛା ଶକ୍ତି ଦେଖିବାକୁ ମିଳୁନାହିଁ। ଏହି ଆକ୍ରମଣାତ୍ମକ ମନୋଭାବ ସମଗ୍ର ଅଞ୍ଚଳକୁ ଅଧିକ ଅସ୍ଥିର କରିବ ବୋଲି ରୁଷିଆ ସତର୍କ କରାଇଛି। ଇତିମଧ୍ୟରେ ଅନ୍ୟତମ କେନ୍ଦ୍ର ଏସୀୟ ଦେଶ ଆଜରବାଇଜାନ ଉପରେ ମଧ୍ୟ ଆକ୍ରମଣ ହୋଇଛି। ▶ପୃଷ୍ଠା-୧୦

**ଦୋହାରେ ବିସ୍ଫୋରଣ, ଆଜରବାଇଜାନ ବିମାନ ବନ୍ଦରରେ ଡ୍ରୋନ୍ ମାଡ଼**

**ଆମେରିକାର ସବୁଠାରୁ ବଡ଼ 'ରାଡାର'କୁ ଧ୍ୱଂସ କଲା ଇରାନ**

**ଆମେରିକା ତୈଳ ଟ୍ୟାଙ୍କର ଉପରେ ଇରାନର ଆକ୍ରମଣ**

**ଖାମନେଇଙ୍କ ମୃତ୍ୟୁ ଶୋକ ବ୍ୟକ୍ତକଲା ଭାରତ**

### ଇରାନୀୟ ଯୁଦ୍ଧଜାହାଜକୁ ବୁଡ଼ାଇଦେଲା ଆମେରିକା; ୮୭ ମୃତ

■ ନୂଆଦିଲ୍ଲୀ, ୫।୩ (ଏଜେନ୍ସି): ଭାରତରେ ଆୟୋଜିତ ନୌସେନା ଅଭ୍ୟାସରେ ଯୋଗ ଦେଇ ଫେରୁଥିବା ଇରାନର ଯୁଦ୍ଧ ଜାହଜ 'ଆଇଆରଆଇଏସ୍ ଡେନା'କୁ ଆମେରିକା ଟର୍ପିଡୋ ମାଡ଼ କରି ବୁଡ଼ାଇ ଦେଇଛି। ଶ୍ରୀଲଙ୍କା ଉପକୂଳରେ ଘଟିଥିବା ଏହି ଆକ୍ରମଣରେ ଅତିକମ୍‌ରେ ୮୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୨ଜଣ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି।

'ମୌଜ ଶ୍ରେଣୀ'ର ଏହି ଯୁଦ୍ଧ ଜାହାଜଟି ଭାରତର ବହୁରାଷ୍ଟ୍ରୀୟ ନୌସେନା ଅଭ୍ୟାସ 'ମିଲାନ ୨୦୨୬'ରେ ଅଂଶଗ୍ରହଣ କରିଥିଲା। ଏହି ଅଭ୍ୟାସ ଶେଷ କରି ଫେରିବା ବେଳେ ଶ୍ରୀଲଙ୍କାର ଗାଲେ ବନ୍ଦର ସହରର ପ୍ରାୟ ୪୦କିମି ଦକ୍ଷିଣରେ ଆକ୍ରମଣର ଶିକାର ହୋଇଥିଲା। ଶ୍ରୀଲଙ୍କା ନୌସେନା ଅଧିକାରୀଙ୍କ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୮୭ଟି ଶବ ଉଦ୍ଧାର କରାଯାଇଛି। ୩୨ ଜଣ ଜବତ ଏବେ ମଧ୍ୟ ୬୧ ଜଣ ନିଖୋଜ ଅଛନ୍ତି। ଜାହଜା ▶ପୃଷ୍ଠା-୧୦

## ଟି ୨୦ ବିଶ୍ୱକପ | ଫାଇନାଲରେ ଭାରତ

■ ମୁମ୍ବାଇ, ୫।୩ (ସମିସ): ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍‌ରେ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରି ଭାରତ ଟି-୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲ୍‌ରେ ପ୍ରବେଶ କରିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ପାଇଁ ଭାରତକୁ ଆମନ୍ତ୍ରଣ କରିଥିଲା। ଓପନର୍ ସଞ୍ଜୁ ସାମ୍‌ସନ୍‌ଙ୍କ ଧୂଆଁଧାର ୮୯ ରନ୍ ସହ ଇଶାନ୍ କିଶାନ୍‌ଙ୍କ ୩୯ ଏବଂ ଶିବମ୍ ଦୁବେଙ୍କ ୪୩ ରନ୍ ଭାଗିଦାରୀରେ ଭାରତ ଇଂଲଣ୍ଡ ଆଗରେ ୨୫୩ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା। ଜବାବରେ ଇଂଲଣ୍ଡ ଲଢୁଆ ବ୍ୟାଟିଂ କରି ବିଜୟର ନିକଟତର ହୋଇଥିଲା। ଜାକବ୍ ବେଥାଲ୍ ୪୮ଟି ବଲ୍‌ରେ ୧୦୫ ରନ୍ କରି ଭାରତକୁ ଅଡୁଆରେ ପକାଇଥିଲେ। ତେବେ ଶେଷ ଭାଗରେ ମାପଚୁପ ବୋଲିଂ ବଳରେ ଭାରତ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଥିଲା। ଆସନ୍ତା ୮ ତାରିଖ (ରବିବାର) ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ରାଜ୍ୟସଭା ନିର୍ବାଚନ | ୪ ଆସନ ପାଇଁ ୬ ନାମାଙ୍କନ

### ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପଙ୍କ ଆବିର୍ଭାବ ପରେ ରୋଚକ ସ୍ଥିତିରେ ରାଜ୍ୟ ରାଜନୀତି





■ ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଗୁରବାର ନାମାଙ୍କନ ପତ୍ର ଦାଖଲର ଶେଷଦିନ ଥିବାବେଳେ ମୋଟ ୫ ଜଣ ନାମାଙ୍କନ ଭରିଛନ୍ତି। ବିଜେପିରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସୁଜିତ୍ କୁମାର ନାମାଙ୍କନ ଦାଖଲ କରିଥିବା ବେଳେ ବିଜେଡିରୁ ଡ. ସଂତୃପ୍ତ ମିଶ୍ର ମନୋନୟନ ପତ୍ର ଭରିଛନ୍ତି। ସେହିପରି ବିଜେଡି, କଂଗ୍ରେସ ଓ ସିପିଆଇ(ଏମ)ରୁ ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ଓ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହା ପୂର୍ବରୁ ଆନ୍ଧ୍ରପ୍ରଦେଶର ଜଣେ ପ୍ରାର୍ଥୀ ନାମାଙ୍କନ କରିଥିବାରୁ ମୋଟ ପ୍ରାର୍ଥୀଙ୍କ ସଂଖ୍ୟା ୬ରେ ପହଞ୍ଚିଛି । ▶ପୃଷ୍ଠା-୧୦

**ବିଜେଡିରୁ ସଂତୃପ୍ତ, ବିଜେପିରୁ ମନମୋହନ ଓ ସୁଜିତ୍ ଦାଖଲ କଲେ ପ୍ରାର୍ଥିପତ୍ର**

**ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମାଙ୍କନ**

### ସଂତୃପ୍ତ ଓ ଦତ୍ତେଶ୍ୱରଙ୍କ ବିଜୟ ହେବ: ନବୀନ

■ ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ବିଜୟ ନିଶ୍ଚିତ ବୋଲି କହିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ଉଭୟ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ନବୀନ ଯୋଗ ଦେବା ସହ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଭରିଲେ ନାମାଙ୍କନ | ରାଜ୍ୟସଭା ଯିବେ ନୀତୀଶ

### ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ?



■ ପାଟନା/ନୂଆଦିଲ୍ଲୀ, ୫ ।୩ (ଏଜେନ୍ସି): ବିହାର ରାଜନୀତିର ଚାଣକ୍ୟ କୁହାଯାଉଥିବା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ରାଜ୍ୟସଭାକୁ ଯିବେ। ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କରି ଆଜି ସେ କେବଳ ବିହାର ନୁହେଁ; ଜାତୀୟ ରାଜନୀତିରେ ମଧ୍ୟ ହଟଚମଟ ସୃଷ୍ଟି କରିଛନ୍ତି। ଦୀର୍ଘ ଦୁଇ ଦଶନ୍ଧି ଧରି ବିହାରରେ ଶାସନ କ୍ଷମତାରେ ଥିବା ନୀତୀଶ ଗତ ନଭେମ୍ବର ମାସରେ ଦଶମ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଏମିତି କଣ ପରିସ୍ଥିତି ସୃଷ୍ଟି ହେଲା ଯେ ସେ ହଠାତ୍ ବିହାର ଛାଡ଼ି କେନ୍ଦ୍ର ରାଜନୀତିକୁ ଡେଇଁଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇଛି। ଏବେ ତାଙ୍କ ସ୍ଥାନରେ କିଏ ମୁଖ୍ୟମନ୍ତ୍ରୀ ହେବ ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।

୭୫ ବର୍ଷୀୟ ନୀତୀଶ ବିହାର ଛାଡ଼ି ରାଜ୍ୟସଭାକୁ ଯିବେ ଗତକାଲି ଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଆଜି ନୀତୀଶ ବିବୃତି ଜାରି କରି ରାଜ୍ୟସଭା ଯିବା କଥା ସତ ବୋଲି ସ୍ପଷ୍ଟ କରିଦେଇଥିଲେ। ତେବେ ସେ ▶ପୃଷ୍ଠା-୧୦

## ଆଜି ଆସୁଛନ୍ତି ଅମିତ ଶାହ

### ଭୁବନେଶ୍ୱରରେ ନ୍ୟାୟ ସଂହିତା ପ୍ରଦର୍ଶନୀକୁ କରିବେ ଉଦ୍‌ଘାଟନ



■ ଭୁବନେଶ୍ୱର, ୫।୩ (ସମିସ): ଭୁବନେଶ୍ୱରରେ ଶୁକ୍ରବାରଠାରୁ ଆୟୋଜିତ ହେବାକୁ ଥିବା "ନ୍ୟାୟ ସଂହିତା ପ୍ରଦର୍ଶନୀ"କୁ ଉଦଘାଟନ କରିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏହି ଅବସରରେ କଟକର ମୁଣ୍ଡଳି ସ୍ଥିତ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସ୍ଏଫ୍) ତାଲିମ ଅନୁଷ୍ଠାନର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ଶାହ ପରେଡ୍ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ପୁଲିସ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ "ନ୍ୟାୟ ସଂହିତା ପ୍ରଦର୍ଶନୀ" ଆୟୋଜନ କରାଯାଉଛି। ନୂଆ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ▶ପୃଷ୍ଠା-୧୦






## ଝାରସୁଗୁଡ଼ା ଏସିଆର ସବୁଠୁ ଉତ୍ତପ୍ତ ସହର

■ ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟରେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଯାଇଛି। କ୍ରମାଗତ ଭାବେ ୩ ଦିନ ହେବ ତାପମାତ୍ରା ବଢ଼ିବା ଯୋଗୁଁ ରାଜ୍ୟର ଏକାଧିକ ସହରର ତାପମାତ୍ରା ୪୦ ଡିଗ୍ରୀ ମୁହାଁ ହୋଇଛି। ଅନ୍ୟପଟେ ତାପମାତ୍ରା ବୃଦ୍ଧି ଆରମ୍ଭରୁ ଓଡ଼ିଶାର ତାତି ଦେଶର ପ୍ରମୁଖ ସହରମାନଙ୍କୁ ପଛରେ ପକାଇଛି। ଗୁରୁବାର ୩୯.୬ ଡିଗ୍ରୀ ସହ ଝାରସୁଗୁଡ଼ା କେବଳ ଦେଶ ନୁହେଁ, ସମଗ୍ର ଏସିଆ ମହାଦେଶରେ ସବୁଠୁ ଉତ୍ତପ୍ତ ସହର ପାଲଟିଛି। ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ତାତି ୪୦ ଡିଗ୍ରୀ ଛୁଇଁବା ନେଇ ପୂର୍ବରୁ ଆକଳନ କରାଯାଇଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ତାତି ୪୦ ଛୁଇଁବାର ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ଟିଟିଲାଗଡ଼ରେ ତାପମାତ୍ରା ୩୭.୫ ଡିଗ୍ରୀ ରେକର୍ଡ ▶ପୃଷ୍ଠା-୧୦

**୪୦ ଡିଗ୍ରୀ ମୁହାଁ ରାଜ୍ୟର ତାପମାତ୍ରା**

**୮ରୁ ବିଭିନ୍ନ ସ୍ଥାନରେ ବର୍ଷା, ପବନ ଆଶଙ୍କା**












# ଅସହାୟ ଟ୍ରମ୍ପଙ୍କ 'ଡୁମ୍‌ସଡେ' ପରୀକ୍ଷା

## ପୃଥିବୀର ଯେକୌଣସି ସ୍ଥାନକୁ ପରମାଣୁ ଆକ୍ରମଣ କରିପାରିବ




କାଲିଫର୍ଣ୍ଣିଆ/ତେହେରାନ, ୫ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଆମେରିକା ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ଆମେରିକା ତା'ର ପରମାଣୁ କ୍ଷମତାସମ୍ପନ୍ନ 'ମିନିଟ୍‌ମ୍ୟାନ୍-୩' ଆନ୍ତଃମହାଦ୍ୱୀପୀୟ ବାଲାଷ୍ଟିକ କ୍ଷେପଣାସ୍ତ୍ର (ଆଇସିବିଏମ୍)ର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ରକୁ ସାଧାରଣତଃ 'ଡୁମ୍‌ସଡେ ମିସାଇଲ' କୁହାଯାଇଥାଏ । ଆମେରିକା ମଙ୍ଗଳବାର ଏହି ପରୀକ୍ଷାକୁ ଭାନେଡେନବର୍ଗ ସ୍ପେସ୍ ଫୋର୍ସ ବେସ୍‌ରୁ କରିଥିଲା । ଏହାର ଲକ୍ଷ୍ୟ ଭେଦ କ୍ଷମତା ପ୍ରାୟ ୧୩,୦୦୦ କିମି ରହିଛି । ଏହା କାଲିଫର୍ଣ୍ଣିଆରୁ ମାର୍ଶାଲ ଦୀପପୁଞ୍ଜ ପର୍ଯ୍ୟନ୍ତ ହଜାର ହଜାର ମାଇଲ ଅତିକ୍ରମ କରି ସଫଳତାର ସହ ଲକ୍ଷ୍ୟ ଭେଦ କରିଛି । 'ଡୁମ୍‌ସଡେ'କୁ 'ପ୍ରଳୟଙ୍କରୀ କ୍ଷେପଣାସ୍ତ୍ର' ବୋଲି କୁହାଯାଇଥାଏ । କାରଣ ଏହା ଏକାସାଙ୍ଗରେ ତିନୋଟି ଭିନ୍ନ ଭିନ୍ନ ଦିଗରେ ପରମାଣୁ ବୋମା ମାଡ଼ କରିପାରେ । ଏହି କ୍ଷେପଣାସ୍ତ୍ର ପୃଥିବୀର ଯେକୌଣସି ସ୍ଥାନକୁ ମାଡ଼ କରିପାରିବ । ଏହାଦ୍ୱାରା ପୃଥିବୀରେ ଏଭଳି ବିକିରଣ ବା ରେଡିଏସନ୍ ସୃଷ୍ଟି ହେବ, ଯାହାଫଳରେ ପୃଥିବୀ ଆଉ ବାସୋପଯୋଗୀ ହୋଇ ରହିବ ନାହିଁ । ଏହି କ୍ଷେପଣାସ୍ତ୍ରର ବେଗ ଶବ୍ଦର ଗତିଠାରୁ ଯଥେଷ୍ଟ ଅଧିକ । ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ନେଇ ଆମେରିକା କହିଛି ।।ଯେ ଏହି ପରୀକ୍ଷଣର ଯୋଜନା ବହୁ ବର୍ଷ ପୂର୍ବରୁ ହୋଇଥିଲା ଓ ବର୍ତ୍ତମାନ ଚାଲିଥିବା ଯୁଦ୍ଧ ସହ ଏହାର କୌଣସି ସମ୍ପର୍କ ନାହିଁ । ତେବେ ଇରାନ ଯୁଦ୍ଧରେ ଅସହାୟ ହୋଇପଡ଼ିଥିବା ରାଷ୍ଟ୍ରପତି ଟ୍ରମ୍ପ ଇରାନକୁ ଡରାଇବା ଲାଗି ଏଭଳି

- **ପଛକୁ ହଟିଲା ଯୁଦ୍ଧ ଜାହାଜ 'ଆବ୍ରହମ ଲିଙ୍କନ'**
- **ୟୁରୋପୀୟ ଦେଶ ଉପରେ ଟ୍ରମ୍ପ କ୍ଷୁବ୍ଧ**
- **ଇସ୍ରାଏଲ, ଗଲଫ୍‌ରୁ ଫେରୁଛନ୍ତି ଆମେରିକୀୟ**

ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି । କାରଣ ଏହି ଯୁଦ୍ଧରେ ଆଶା ଅନୁଯାୟୀ ତାଙ୍କୁ ସଫଳତା ମିଳୁନାହିଁ । ଇସ୍ରାଏଲ ସମେତ ଉପସାଗୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଏବଂ ଦୂତାବାସ ଉପରେ ଇରାନ ଯେଭଳି ଆକ୍ରମଣ ଚଳାଇଛି, ତାହାର ମୁକାବିଲା ପାଇଁ ୟୁରୋପୀୟ ରାଷ୍ଟ୍ର ଆମେରିକାକୁ ସମର୍ଥନ ଦେଉ ନାହାନ୍ତି । ଏଥିରେ ଟ୍ରମ୍ପ ବିରକ୍ତି ପ୍ରକାଶ କରିବା ସହିତ ଇସ୍ରାଏଲ ଏବଂ ଉପସାଗରୀୟ (ଗଲ୍‌ଫ) ଦେଶରେ ରହୁଥିବା ଆମେରିକୀୟ ନାଗରିକଙ୍କୁ ଦେଶ ଫେରି ଆସିବା ଲାଗି ଟ୍ରମ୍ପ ପରାମର୍ଶ ଦେଇଛନ୍ତି । ଏହି ଦେଶମାନଙ୍କରେ ନିଜର ନାଗରିକମାନଙ୍କୁ ସୁରକ୍ଷା ପାଇଁ ଆମେରିକା ଗ୍ୟାରେଣ୍ଟି ଦେଇପାରୁନାହିଁ । ଆମେରିକାକୁ ନରାଶ କରିବା ଭଳି ଆଉ ଏକ ଖବର ଅନୁଯାୟୀ ଆମେରିକାର ବିଶାଳ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ 'ଆବ୍ରାହମ ଲିଙ୍କନ' ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହାପରେ ଆମେରିକା ଏହି ଜାହାଜକୁ ।।ସେଠାରୁ ନିରାପଦ ସ୍ଥାନକୁ ଫେରାଇ ନେଇଛି ।

ଅନ୍ୟପକ୍ଷରେ ଇରାନ ମଧ୍ୟ ପରମାଣୁ ପରୀକ୍ଷା କରିଥିବା ଜଣାପଡ଼ିଛି । ରାଜଧାନୀ ତେହରାନ ନିକଟରେ ଗତ ୩ ତରିଖରେ ଭୂମିକମ୍ପ ଅନୁଭୂତ ହୋଇଛି । ଇରାନର ପରମାଣୁ ପରୀକ୍ଷା ଯୋଗୁଁ କମ୍ପନ ହୋଇଥିବା କୁହାଯାଇଛି । କିନ୍ତୁ ଏନେଇ ଇରାନ ନିରବ ରହିଛି ।

ଇତିମଧ୍ୟରେ ଖବର ମିଳିଛି ଯେ ଫ୍ରାନ୍ସ ନିଜର ସାମରିକ ଘାଟିଗୁଡ଼ିକୁ ବ୍ୟବହାର କରିବା ପାଇଁ ଆମେରିକା ସେନାକୁ ଅନୁମତି ପ୍ରଦାନ କରିଛି । ଇରାନ ବିରୁଦ୍ଧରେ ଚାଲିଥିବା ସାମରିକ ଅଭିଯାନରେ ଆମେରିକାକୁ ସହାୟତା କରିବା ପାଇଁ ଫ୍ରାନ୍ସ ଏହି ପଦକ୍ଷେପ ନେଇଛି । କିନ୍ତୁ ପୂର୍ବରୁ ଫ୍ରାନ୍ସର ଆମେରିକା ଓ ଇସ୍ରାଏଲର ଆକ୍ରମଣକୁ 'ଅନ୍ତର୍ଜାତୀୟ ଆଇନ୍ ବାହାରେ' ବୋଲି କହି ସମାଲୋଚନା କରିଥିଲା । ବର୍ତ୍ତମାନର ପରିସ୍ଥିତିକୁ ଦେଖି ଫ୍ରାନ୍ସ ନିଜର ନିଷ୍ପତ୍ତି ବଦଳାଇଛି । ୟୁରୋପୀୟ ଦେଶମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଫ୍ରାନ୍ସ ଏଭଳି ନିଷ୍ପତ୍ତି ନେଇଛି । ତେବେ ୟୁରୋପର କୌଣସି ଦେଶ ଏହି ଯୁଦ୍ଧରେ ସାମିଲ ହେବାକୁ ସ୍ପଷ୍ଟ ଭା।।ବେ ମନା କରିଦେଇଛନ୍ତି ।

# ଭାରତ ମହାସାଗରରେ ପହଞ୍ଚିଲା ଯୁଦ୍ଧ

କଲମ୍ବୋ/ନୂଆଦିଲ୍ଲୀ/ତେହେରାନ, ୫ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଭାରତୀୟ ମହାସାଗରରେ ପହଞ୍ଚିଛି । ଯୁଦ୍ଧ ଦୃଷ୍ଟିରୁ ସବୁଠାରୁ ସୁରକ୍ଷିତ ମନେ କରାଯାଉଥିବା ଭାରତୀୟ ମହାସାଗରରେ ଇରାନୀ ଜାହାଜ ଉପରେ ଆମେରିକାର ଆକ୍ରମଣ ଏହି ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି । ଏହା ସମଗ୍ର ଭାରତ ମହାସାଗର

- **ଇରାନ ଯୁଦ୍ଧ ଜାହାଜ ଉପରେ ଆମେରିକାର ଆକ୍ରମଣ**
- **ଭାରତ ପାଇଁ ମଧ୍ୟ ଚିନ୍ତାର ବିଷୟ: ଶ୍ରୀଲଙ୍କା ସାଂସଦ**
- **ଇରାନର ଚେତାବନୀ; ଅନୁତାପ କରିବ ଆମେରିକା**




ଅଞ୍ଚଳରେ ଚିନ୍ତା ବଢ଼ାଇଛି । ଏହି ଘଟଣାକୁ ନେଇ ଶ୍ରୀଲଙ୍କା ସାଂସଦ ନମାଲ ରାଜପକ୍ଷେ କହିଛନ୍ତି ଯେ ଏହା ଶ୍ରୀଲଙ୍କା ସମେତ ଭାରତ ଓ ସମଗ୍ର ଦକ୍ଷିଣ ଏସିଆ ପାଇଁ ଗମ୍ଭୀର ଚିନ୍ତାର ବିଷୟ । ସେ କହିଛନ୍ତି ଯେ, ବହୁ ଦୂରରେ ଯୁଦ୍ଧ ହେଉଥିଲେ ମଧ୍ୟ ତାହାର ପ୍ରଭାବ ଭାରତ ମହାସାଗରରେ ଦେଖାଯାଉଛି । ଶ୍ରୀଲଙ୍କା ସରକାର ଏହାକୁ ସ୍ପଷ୍ଟ କରିବା ଆବଶ୍ୟକ ଯେ ଆମେରିକାର ଏହି ଅଭିଯାନ ସମ୍ପର୍କରେ ସେମାନେ ପୂର୍ବରୁ ଜାଣିଥିଲେ କି ନାହିଁ । ଯଦି ସରକାର ଏହି ଆକ୍ରମଣ ସମ୍ପର୍କରେ ପୂର୍ବରୁ ଜାଣିଥିଲେ, ତେବେ ଏ ନେଇ ଲୋକମାନଙ୍କୁ କାହିଁକି ଅବଗତ କରାଇ ନ ଥିଲେ । ଯଦି ସରକାର ଏହା ଜାଣି ନ ଥିଲେ, ତେବେ ଭାରତ ମହାସାଗରରେ ଏତେ ବଡ଼ ସାମରିକ ଅଭିଯାନ ହେଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଏ ବିଷୟରେ ଭାରତ ସମେତ ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ ସହିତ ସମସ୍ତ ଆଞ୍ଚଳିକ ଦେଶଗୁଡ଼ିକ ସାଥି ହୋଇ ଆଲୋଚନା କରିବା ଦରକାର । ଏପର୍ଯ୍ୟନ୍ତ ଚାଲିଥିବା ଏହି ଯୁଦ୍ଧରେ ୨୦ରୁ ଅଧିକ ନୌସେନା ଯୁଦ୍ଧ ଜାହଜକୁ ଧ୍ୱଂସ କରାଯାଇଛି ।

ଶ୍ରୀଲଙ୍କା ଉପକୂଳରେ ଇରାନର ଆଇଆରଆଇଏସ୍ ଡେନା ଉପରେ ଆକ୍ରମଣ ପାଇଁ ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବ୍ବାସ ଆରାଗଚି ଆମେରିକାକୁ ଚେତାବନୀ ଦେଇଛନ୍ତି । ସମୁଦ୍ରରେ ଏହି ଆକ୍ରମଣକୁ ଏକ ନିର୍ମମ କାଣ୍ଡ ବୋଲି ସେ ଅଭିହିତ କରିଛନ୍ତି । ଏଥିପାଇଁ ଆମେରିକାକୁ ଅନୁଶୋଚନା କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଭାରତରେ ଅନୁଷ୍ଠିତ ମିଳିତ ନୌସେନା ଅଭ୍ୟାସ ସାରି ଫେରୁଥିବା ବେଳେ ଏହି ଜାହାଜ ଉପରେ ବିନା ସୂଚନା ବା ସତର୍କତାରେ ଆକ୍ରମଣ କରାଯାଇଥିବାରୁ ଆମେରିକାକୁ ଏଥିପାଇଁ କଠୋର ଅନୁତାପ କରିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ଆଇଆରଆଇଏସ୍ ଡେନା ଫେବୃଆରୀ ୧୮ରୁ ୨୫ ବଙ୍ଗୋପସାଗରରେ ଅନୁଷ୍ଠିତ 'ମିଲାନ ଇଣ୍ଟରନ୍ୟାସନାଲ ଫ୍ଲିଟ୍ ରିଭ୍ୟୁ'ରେ ଅଂଶଗ୍ରହଣ କରିଥିଲା । ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଫେରିବା ସମୟରେ ଅନ୍ତର୍ଜାତୀୟ ଜଳସୀମାରେ ହିଁ ଏହାକୁ ଟାର୍ଗେଟ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ ଭାରତରେ ଆୟୋଜିତ ନୌସେନା ଅଭ୍ୟାସରେ ଯୋଗ ଦେଇ ଫେରୁଥିବା ଇରାନର ଯୁଦ୍ଧ ଜାହଜ 'ଆଇଆରଆଇଏସ୍ ଡେନା'କୁ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରି ବୁଡ଼ାଇ ଦେଇଛି । ଶ୍ରୀଲଙ୍କା ଉପକୂଳରେ ଘଟିଥିବା ଏହି ଆକ୍ରମଣରେ ଅତିକମ୍‌ରେ ୮୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୨ଜଣ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି । ଏଥିରେ ୧୮୦ରୁ ଅଧିକ ନାବିକ କର୍ମଚାରୀ ଥିଲେ ବୋଲି କୁହାଯାଉଛି ।

ଭାରତ ଏନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ । ତେବେ ଆକ୍ରମଣ ପରେ ବୁଡ଼ିଯାଉଥିବା ଇରାନୀ ଜାହାଜରୁ ନାବିକମାନଙ୍କୁ ଉଦ୍ଧାର କରିବା ଲାଗି ଭାରତୀୟ ଜାହାଜ ନିୟୋଜିତ ହୋଇଥିଲେ ବୋଲି ଭାରତ ପକ୍ଷରୁ କୁହାଯାଇଛି ।

## ସାଉଦି ଉପରେ ଆକ୍ରମଣ ପଛରେ କିଏ? ସନ୍ଦେହ ଘେରରେ ଇସ୍ରାଏଲ

ଦୁବାଇ, ୫ ।୩(ଏଜେନ୍ସି): ଇରାନ୍ ଏବଂ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଦିନକୁ ଦିନ ଭୟଙ୍କର ରୂପ ନେବାରେ ଲାଗିଛି । ଇରାନ୍‌ର ରାଜଧାନୀ ତେହରାନରେ ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ବୋମା ବର୍ଷଣ କରୁଥିବା ବେଳେ ଇରାନ୍ ଏହାର ଜବାବ ତା'ର ଅତ୍ୟାଧୁନିକ କ୍ଷେପଣାସ୍ତ୍ରରେ ଦେଉଛି । ଇସ୍ରାଏଲର ସମୃଦ୍ଧ ସହର ତେଲ-ଆଭିଭ୍‌ରେ ଇରାନ୍‌ର କ୍ଷେପଣାସ୍ତ୍ର ତାଣ୍ଡବ ଚଳାଇଛି । ଏପରିସ୍ଥଳେ, ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ କାଦୁଅଫିଙ୍ଗା ରାଜନୀତି ଆରମ୍ଭ ହୋଇଯାଇଛି । ବିଶେଷକରି, ବିଶ୍ୱର ଅନ୍ୟତମ ବୃହତ୍ତମ ତୈଳ ବିଶୋଧନ ସଂସ୍ଥା ସାଉଦି ଆରାମକୋର ତନୁରା ତୈଳ ବିଶୋଧନାଗାର, ପଡ଼ୋଶୀ ସାଇପ୍ରସ୍‌ରେ ଥିବା ବ୍ରିଟେନ୍‌ର ଏୟାର-ବେସ୍ ଏବଂ ପଡ଼ୋଶୀ ରାଷ୍ଟ୍ର ଅଜରବୈଜାନ୍ ଉପରେ ହୋଇଥିବା ଆକ୍ରମଣକୁ ନେଇ ତୁତୁମେମେ ଚାଲିଛି ।

- **ପଡ଼ୋଶୀ ରାଷ୍ଟ୍ରଙ୍କୁ ଇରାନ୍ ବିରୋଧରେ ଉସୁକାଉଛି!**
- **ସାଇପ୍ରସ, ଆଜରବୈଜାନ ଆକ୍ରମଣ ପଛରେ କିଏ?**

ସୂଚନାନୁଯାୟୀ, ଦୁଇ ଦିନ ତଳେ ସାଉଦି ଆରବ ସରକାରଙ୍କ ଦ୍ୱାରା ପରିଚାଳିତ ତନୁରା ତୈଳ ବିଶୋଧନାଗାର ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣ ଏତେ ସାଂଘାତିକ ଥିଲା ଯେ ବାଧ୍ୟ ହୋଇ ଏହି ପ୍ଲାଣ୍ଟ ପରିଚାଳନାକୁ ବନ୍ଦ କରାଯାଇଛି । ଏହାଦ୍ୱାରା ସାଉଦି ସରକାରଙ୍କୁ ଦୈନିକ କୋଟିକୋଟି ଟଙ୍କାର କ୍ଷତି ହେଉଛି । ତେବେ ଇରାନ୍ ଏହି ଆକ୍ରମଣ କରିଥିବା କୁହାଯାଉଥିବା ବେଳେ ଇରାନ୍ ସରକାର ଏହାକୁ ଖଣ୍ଡନ କରିଛନ୍ତି । ସେହିପରି ସାଇପ୍ରସ୍‌ରେ ଥିବା ବ୍ରିଟେନ୍ ରୟାଲ ଏୟାର ଫୋର୍ସର ଏୟାର ବେସ୍ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣ ମଧ୍ୟ ଇରାନ୍ କରିଥିଲା ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । କିନ୍ତୁ, ବ୍ରିଟେନ୍‌ର ପ୍ରତିରକ୍ଷା ମନ୍ତ୍ରାଳୟ ଏହାର ତଦନ୍ତ କରି ଜଣାଇଛି ଯେ ଏହି ଆକ୍ରମଣ ଇରାନ୍‌ରୁ ହୋଇନାହିଁ । ଆକ୍ରମଣରେ ବ୍ୟବହାର ହୋଇଥିବା ଡ୍ରୋନ୍ ଇରାନ୍‌ର ନାମକରା ଡ୍ରୋନ୍ 'ସାହେଦ' ଭଳି ଦେଖିବାକୁ । କିନ୍ତୁ ତାହା 'ସାହେଦ' ଡ୍ରୋନ୍ ନୁହେଁ ବୋଲି ବ୍ରିଟେନ୍‌ର ପ୍ରତିରକ୍ଷା ମନ୍ତ୍ରାଳୟ ସ୍ପଷ୍ଟ କରିଛି । ଅପରପକ୍ଷେ, ପଡ଼ୋଶୀ ରାଷ୍ଟ୍ର ଅଜରବୈଜାନ ଉପରେ ଆଜି ହୋଇଥିବା ଡ୍ରୋନ୍ ଆକ୍ରମଣରେ ମଧ୍ୟ ଇରାନ୍‌ର ହାତ ଥିବା କୁହାଯାଉଥିବା ବେଳେ ଇରାନ୍ ସରକାର ଏହାକୁ ଖଣ୍ଡନ କରିଛନ୍ତି । ଏପରି ସ୍ଥିତିରେ ଏହି ଆକ୍ରମଣ ପଛରେ ଇସ୍ରାଏଲର ହାତ ଥିବା ନେଇ ଏବେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଏପରି କରି ଇସ୍ରାଏଲ ଅନ୍ୟ ରାଷ୍ଟ୍ରମାନଙ୍କୁ ବିଶେଷକରି ଇରାନ୍‌ର ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ଇରାନ୍ ବିପକ୍ଷରେ ଉସୁକାଇବାକୁ ଚେଷ୍ଟା କରୁଛି ଏବଂ ଇରାନ୍ ବିପକ୍ଷ ଯୁଦ୍ଧରେ ଅଧିକରୁ ଅଧିକ ରାଷ୍ଟ୍ରମାନଙ୍କୁ ସାମିଲ କରିବାକୁ ଚେଷ୍ଟା କରୁଥିବା କୁହାଯାଉଛି ।

## ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଉଦ୍ୟମ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ମଧ୍ୟପ୍ରଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ଭାରତ ଉଦ୍ୟମ ଆରମ୍ଭ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସଂପର୍କରେ ଇସ୍ରାଏଲ, ଫ୍ରାନ୍ସ ଏବଂ ଆରବ ଦେଶମାନଙ୍କ ସହିତ କଥାବାର୍ତ୍ତା କରୁଥିବା ବେଳେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହିତ ଆଲୋଚନା କରୁଛନ୍ତି ।

- **ଆରବ, ଇସ୍ରାଏଲ, ଫ୍ରାନ୍ସ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା**
- **ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହେଲେ ଜୟଶଙ୍କର**
- **ଖାମନେଇଙ୍କ ମୃତ୍ୟୁ ନେଇ ଶୋକ ପ୍ରକାଶ କଲା ଭାରତ**

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେକୌଣସି ବିବାଦର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ଭଳି ଦିଗ ଅତ୍ୟନ୍ତ ଆବଶ୍ୟକ । ଆମେରିକା- ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ରୁଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ କେବଳ ସାମରିକ ଲଢ଼େଇ ଦ୍ୱାରା କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ । ୟୁକ୍ରେନ ହେଉ କିମ୍ବା ମଧ୍ୟପ୍ରାଚ୍ୟ, ସଂଘର୍ଷରୁ ତୁରନ୍ତ ଅନ୍ତ ଓ ଶାନ୍ତି ପ୍ରତିଷ୍ଠା ପାଇଁ କରାଯାଉଥିବା ସମସ୍ତ ପ୍ରୟାସକୁ ଆମେ ସମର୍ଥନ ଜାରି ରଖିବୁ । ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଆଜି ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହିତ ମଧ୍ୟ ଫୋନରେ କଥା ହୋଇଛନ୍ତି । ଇତିମଧ୍ୟରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁରେ ଭାରତ ସରକାର ଆନୁଷ୍ଠାନିକ ଭାବେ ଶୋକ ପ୍ରକାଶ କରିଛନ୍ତି । ଭାରତର ବୈଦେଶିକ ସଚିବ ବିକ୍ରମ ମିସ୍ରି ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସ ଯାଇ ଶୋକ ପୁସ୍ତିକାରେ ସ୍ୱାକ୍ଷର କରିଛନ୍ତି । ସେ ଇରାନ ରାଷ୍ଟ୍ରଦୂତଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।

## ଭାରତୀୟ ବନ୍ଦରରୁ ଆମେରିକାର ଇରାନ ଆକ୍ରମଣ କଥା ମିଛ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ଆମେରିକା ନିଜର ନୌସେନା ଓ ବାୟୁସେନା ମାଧ୍ୟମରେ ଇରାନ ଉପରେ ଆକ୍ରମଣ ଜାରି ରଖିଥିବା ବେଳେ ଆମେରିକା ଭାରତୀୟ ବନ୍ଦରଗୁଡ଼ିକୁ ବ୍ୟବହାର କରୁଛି ବୋଲି ପ୍ରକାଶିତ ଏକ ରିପୋର୍ଟକୁ ଭାରତ ଖଣ୍ଡନ କରିଛି । ଆମେରିକା ପୂର୍ବତନ ସେନା କର୍ଣ୍ଣେଲ ଡଗଲାସ ମ୍ୟାକ୍‌ଗ୍ରେଗର ଦାବି କରିଥିଲେ ଯେ ଆମେରିକା ଇରାନ ବିରୁଦ୍ଧରେ ଯୁଦ୍ଧ ପାଇଁ ଭାରତୀୟ ନୌସେନା ଘାଟି ଓ ବନ୍ଦରଗୁଡ଼ିକୁ ବ୍ୟବହାର କରୁଛି । ତେବେ ଭାରତ ଏହି ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛି । ସାମାଜିକ ଗଣମାଧ୍ୟମ ଏକ୍ସରେ ମାଧ୍ୟମରେ ମନ୍ତ୍ରଣାଳୟ ଲୋକଙ୍କୁ ଏଭଳି ଗୁଜବରୁ ଦୂରେଇ ରହିବାକୁ ସତର୍କ କରାଇଛି । ଏହି ରିପୋର୍ଟରେ ମ୍ୟାକଗ୍ରେଗର କହିଥିଲେ ଯେ, ଆମର ସମସ୍ତ ବେସ୍ ଓ ବନ୍ଦର ସ୍ଥାପନାଗୁଡ଼ିକ ନଷ୍ଟ ହୋଇଯାଇଛି । ଫଳରେ ଆମକୁ ବାଧ୍ୟ ହୋଇ ଭାରତ ଓ ଭାରତୀୟ ବନ୍ଦର ଉପରେ ନିର୍ଭର କରିବାକୁ ପଡୁଛି । ଭାରତ ଏହି ଦାବିକୁ ନକଲି ଓ ମିଥ୍ୟା ବୋଲି କହିଛି ।

## 'ଟ୍ରମ୍ପଙ୍କ ରକ୍ତ' ପାଇଁ ଇରାନୀ ଧର୍ମଗୁରୁଙ୍କ ଫତୱା

ତେହେରାନ, ୫ ।୩(ଏଜେନ୍ସି): ଆମେରିକା - ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚରମସୀମାରେ ପହଞ୍ଚିଥିବା ବେଳେ ଇରାନର ବରିଷ୍ଠ ଧର୍ମଗୁରୁ ଆୟୋତୋଲ୍ଲା ଅବଦୁଲ୍ଲା ଜାଭାଦି-ଆମୋଲି ଏକ ଭୟଙ୍କର ଜିହାଦ ଫତ୍‌ୱା ଜାରି କରିଛନ୍ତି । ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆମୋଲି ନିଜ ଫତ୍‌ୱାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ନାଗରିକଙ୍କ ପାଇଁ ରକ୍ତପାତର ଆହ୍ୱାନ ଦେଇଛନ୍ତି । ଜଣେ ନିଷ୍ଠାପର ସିଆ ମୁସଲମାନ ପାଇଁ ଏହା ବର୍ତ୍ତମାନ ସବୁଠାରୁ ବଡ଼ କର୍ତ୍ତବ୍ୟ ବୋଲି ସେ କହିଛନ୍ତି । ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମନେଇଙ୍କ ମୃତ୍ୟୁ ପରେ ଏହି ସଂଘର୍ଷ ଏବେ ଧର୍ମ ଯୁଦ୍ଧ ବା ଜିହାଦର ରୂପ ନେଇଛି । ଇରାନ ନେତାମାନେ ଏହାକୁ ସାରା ବିଶ୍ୱର ସିଆ ମୁସଲମାନଙ୍କ ବିରୋଧରେ ଏକ ଖୋଲା ଯୁଦ୍ଧ ବୋଲି ଘୋଷଣା କରିଛନ୍ତି । ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ ଇରାନର ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରିବା ଏକ ଐତିହାସିକ ଅପରାଧ ଏବ ଏହାର ମାଷ୍ଟରମାଇଣ୍ଡଙ୍କଠାରୁ ପ୍ରତିଶୋଧ ନେବା ଇରାନର ବୈଧ ଅଧିକାର । ଖାମନେଇଙ୍କ ମୃତ୍ୟୁରେ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି ଓ ତାଙ୍କର ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି କରାଯାଉଛି ।

## ବି-୨କୁ ଧ୍ୱଂସ କଲା ଇରାନ

ତେହେରାନ, ୫ ।୩(ଏଜେନ୍ସି): ଆମେରିକାର ସବୁଠାରୁ ଶକ୍ତିଶାଳୀ ବୋମା ବର୍ଷୀ ଯୁଦ୍ଧ ଜାହାଜ ବି-୨କୁ ଇରାନ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରିଦେଇଛି । ଇରାନ ସରକାର ପକ୍ଷରୁ ଆଜି ଏଭଳି ଦାବି କରାଯାଇଛି । ଏହାର ପ୍ରମାଣ ସ୍ୱରୂପ ଇରାନୀ ସେନା ଭିଡିଓ ଚିତ୍ର ଜାରି କରିଛି । ଯଦି ଏହା ସତ ହୋଇଥାଏ, ତେବେ ବି-୨ ଇତିହାସରେ ଏହା ହେଉଛି ପ୍ରଥମ ଘଟଣା । ଏହାପୂର୍ବରୁ ଯେତେ ଯୁଦ୍ଧରେ ବି-୨ ସାମିଲ ହୋଇଥିଲେ ମଧ୍ୟ ଏହା ଉପରେ କେବେ ଆକ୍ରମଣ ହୋଇନାହିଁ । ଇରାନର ଏହି ଦାବି ନେଇ ଆମେରିକା ପକ୍ଷରୁ କିଛି କୁହାଯାଇ ନାହିଁ । ଏଭଳି ଖବର ମେ୍ରିକା ପାଇଁ ବଡ଼ ଝଟକା ବୋଲି କୁହାଯାଉଛି ।



## ଭାରତ ସୀମାରେ ହାଇଆଲର୍ଟ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟ ଚାଲିଥିବା ସାମରିକ ସଂଘର୍ଷର ପ୍ରଭାବ ଭାରତ ଉପରେ ପଡ଼ିପାରେ ବୋଲି ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଚେତାବନୀ ଜାରି କରିଛନ୍ତି । ପାକିସ୍ତାନରେ ଅସ୍ଥିରତା ମଧ୍ୟରେ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଭାରତରେ ବଡ଼ଧରଣର ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି । ପାକ୍ ଅଧିକୃତ କଶ୍ମୀର (ପିଓକେ) ରେ ଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡ୍‌ଗୁଡ଼ିକ ପୁଣି ସକ୍ରିୟ ହୋଇ ଉଠିଛି । ପ୍ରାୟ ୧, ୦୦୦ରୁ ୧, ୫୦୦୦ ଆତଙ୍କବାଦୀ ଜମ୍ମୁ-କଶ୍ମୀର ସୀମା ଦେଇ ଭାରତକୁ ଅନୁପ୍ରବେଶ କରିବାକୁ ଅପେକ୍ଷା କରିଛନ୍ତି । ଲସ୍କର-ଇ- ତୋଏବା (ଏଲ୍‌ଇଟି) ଓ ଜୈଶ-ଇ-ମହମ୍ମଦ (ଜେଇଏମ୍) ପରି ଆତଙ୍କବାଦୀ ସଂଗଠନଗୁଡ଼ିକ ପାକିସ୍ତାନର ଆଇଏସ୍‌ଆଇ ନିର୍ଦ୍ଦେଶରେ ଭାରତରେ ବିସ୍ଫୋରଣ ଓ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । କେବଳ କଶ୍ମୀର ନୁହେଁ; ପଞ୍ଜାବ ସୀମାରେ ମଧ୍ୟ ଉତ୍ତେଜନା ଦେଖାଦେଇଛି । ଖଲିସ୍ତାନୀ ସଂଗଠନ ଓ ଆଇଏସ୍‌ଆଇ ମିଳିତ ଭାବେ ଭାରତର ସୁରକ୍ଷା ବ୍ୟବସ୍ଥା ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି । ଆଭ୍ୟନ୍ତରୀଣ ସମସ୍ୟାରୁ ଦୃଷ୍ଟି ହଟାଇବା ଓ ମଧ୍ୟପ୍ରାଚ୍ୟ ଯୁଦ୍ଧର ସୁଯୋଗ ନେବା ପାଇଁ ଏପରି ଯୋଜନା କରାଯାଉଛି ବୋଲି ଗୁଇନ୍ଦା ସଂସ୍ଥା ପକ୍ଷରୁ କୁହାଯାଇଛି ।

## ଦୁବାଇ ବିମାନ ସେବା ପୁଣି ଆରମ୍ଭ

ନୂଆଦିଲ୍ଲୀ, ୫ ।୩(ଏଜେନ୍ସି): ଯୁଦ୍ଧ ସ୍ଥିତି ଭିତରେ ମଧ୍ୟପ୍ରାଚ୍ୟରେ ଫସିଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବା ପାଇଁ ବିଭିନ୍ନ ବିମାନ କମ୍ପାନୀ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ୪ ଦିନ ଧରି ବନ୍ଦ ରହିବା ପରେ ଗୁରୁବାର କୋଲକାତାରୁ ଦୁବାଇ ବିମାନ ସେବା ଆରମ୍ଭ ହୋଇଛି । ଗୁରୁବାର ଫ୍ଲାଏ ଦୁବାଇର ଏକ ବିମାନ ୧୩୦ ଜଣ ଯାତ୍ରୀଙ୍କୁ ଧରି କୋଲକାତାରେ ଅବତରଣ କରିଥିଲା ଏବଂ ପୁଣି ୫୫ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନ ଦୁବାଇ ଯାତ୍ରା କରିଥିଲା । ଏୟାର ଇଣ୍ଡିଆ କହିଛି ଯେ, ସେଠାରେ ଫସି ରହିଥିବା ଭାରତୀୟଙ୍କୁ ଆଣିବା ପାଇଁ ଦୁବାଇ ଓ ଜେଦ୍ଦାରୁ ବିମାନ ଚଳାଚଳ ଜାରି ରହିଛି । ଯେଉଁମାନେ ଗତ ୨୮ ତାରିଖ ପୂର୍ବରୁ ଟିକଟ ବୁକ୍ କରିଥିଲେ, ସେମାନେ ବିନା କୌଣସି ଅତିରିକ୍ତ ଶୁଳ୍କରେ ନିଜ ଟିକଟ ବାତିଲ କରି ପୂରା ଟଙ୍କା ଫେରସ୍ତ ପାଇପାରିବେ କିମ୍ବା ଯାତ୍ରା ତାରିଖ ବଦଳାଇ ପାରିବେ । ସେପଟେ ୟୁଏଇରେ ଫସି ରହିଥିବା ଭାରତୀୟଙ୍କ ପାଇଁ ସ୍ପାଇସ୍‌ଜେଟ୍ ଅତିରିକ୍ତ ବିମାନ ଚଳାଚଳ କରୁଛି ।

## ଏମିରେଟ୍ସ ବିମାନ ସଂଖ୍ୟା ହ୍ରାସ

ଆବୁଧାବି, ୫ ।୩(ଏଜେନ୍ସି): ଯୁଦ୍ଧକୁ ଦୃଷ୍ଟିରେ ରଖି ଦୁବାଇର ପ୍ରମୁଖ ବିମାନ କମ୍ପାନୀ ଏମିରେଟ୍ସ ତା'ର ବିମାନ ଚଳାଚଳ ସଂଖ୍ୟାକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି । ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଏମିରେଟ୍ସ ତା'ର ସ୍ୱାଭାବିକ ଉଡ଼ାଣ ସୂଚୀରେ କାଟ୍‌ଛାଣ୍ଟ କରିବ । ଏହା ସତ୍ତ୍ୱେ ମାର୍ଚ୍ଚ ୫ ଓ ୬ ମଧ୍ୟରେ ଦୁବାଇରୁ ଯିବା ଓ ଆସିବା ପାଇଁ ୧୦୦ରୁ ଅଧିକ ବିମାନ ଚାଳାଚଳ କରିବ ବୋଲି ଏମିରେଟ୍ସ ତରଫରୁ ସୂଚନା ଦିଆଯାଇଛି ।

# ବିଜୁବାବୁ ଥିଲେ ଓଡ଼ିଆ ଭାବନାର ପ୍ରତୀକ: ନବୀନ



- ଓଡିଶାର ଗୌରବମୟ ଅତୀତ ଓ ସମୃଦ୍ଧ ଭବିଷ୍ୟତ ମଧ୍ୟରେ ବିଜୁ ପଟ୍ଟନାୟକ ଥିଲେ ଏକ ସୁବର୍ଣ୍ଣ ସେତୁ
- ଓଡ଼ିଆ ସ୍ୱାଭିମାନ ଥିଲା ତାଙ୍କର ସବୁଠାରୁ ବଡ଼ ଶକ୍ତି
- ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବେ ବିପଦରେ

ଭୁବନେଶ୍ୱର,୫।୩(ସମିସ): ବିଜୁ ବାବୁ ଓଡ଼ିଶାର ଗୌରବମୟ ଅତୀତ ଓ ସମୃଦ୍ଧ ଭବିଷ୍ୟତ ମଧ୍ୟରେ ଏକ ସୁବର୍ଣ୍ଣ ସେତୁ ଥିଲେ। ସେ କେବଳ ଆମ ଅତୀତ ଗୌରବକୁ ନେଇ ଗର୍ବ କରୁ ନ ଥିଲେ, ବରଂ ଆମର ଉତ୍ତର ପିଢ଼ି ପାଇଁ ଏକ ସମୃଦ୍ଧ ଭବିଷ୍ୟତର ଯୋଜନା ମଧ୍ୟ କରିଥିଲେ। ବିଜୁ ବାବୁ କେବଳ ଜଣେ ରାଜନେତା ନଥିଲେ, ସେ ଓଡ଼ିଆ ଭାବନାର ପ୍ରତୀକ ଥିଲେ ବୋଲି କହିଛନ୍ତି ବିଜେଡି ସଭାପତି, ବିରୋଧୀ ଦଳ ନେତା ତଥା ବିଜୁ ବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ। ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ଶ୍ରୀ ପଟ୍ଟନାୟକ ଶ୍ରଦ୍ଧା ସୁମାନ ଅର୍ପଣ କରିବା ସହ ଓଡ଼ିଆ ସ୍ୱାଭିମାନ ତାଙ୍କର ସବୁଠାରୁ ବଡ଼ ଶକ୍ତି ଥିଲା ବୋଲି ସେ ଅଭିହିତ କରିଛନ୍ତି।

ଶଙ୍ଖ ଭବନରେ ଆୟୋଜିତ ବିଜୁ ବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ନବୀନ କହିଛନ୍ତି ଯେ ଯେ ଆଜି ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମଦିବସ। ଏହି ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଓଡ଼ିଶାର ବିକାଶରୁ ଆରମ୍ଭ କରି ମହିଳା ସଶକ୍ତିକରଣ ଓ ପଞ୍ଚାୟତିରାଜ ବ୍ୟବସ୍ଥା ପର୍ଯ୍ୟନ୍ତ ତାଙ୍କର ଅବଦାନକୁ କେହି ମଧ୍ୟ ଭୁଲି ପାରିବେ ନାହିଁ। ଲୋକଙ୍କ ଶକ୍ତିକୁ ସମ୍ମାନ ଦେଉଥିବା ନେତା ହିଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ମଜବୁତ କରିପାରିବ। ପଞ୍ଚାୟତିରାଜ ବ୍ୟବସ୍ଥା ଦୁର୍ବଳ ହେଲେ ଲୋକଙ୍କ ଭରସା ମଧ୍ୟ ନଷ୍ଟ ହୋଇଯାଏ। ତେବେ ଏବେ ଓଡିଶାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗୁରୁତର ସଙ୍କଟରେ ଅଛନ୍ତି, ଯାହା ଗଭୀର ଚିନ୍ତାର ବିଷୟ । ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜନସଚେତନତା ସୃଷ୍ଟି କରିବ। ତାହା ହିଁ ବିଜୁ ବାବୁଙ୍କ ପ୍ରତି ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ହେବ ବୋଲି ନବୀନ କହିଛନ୍ତି।

**ପ୍ରଧାନମନ୍ତ୍ରୀ ଜଣାଇଲେ ଶ୍ରଦ୍ଧାଞ୍ଜଳି**

ପୁଣ୍ୟ ତିଥିରେ ବିଜୁବାବୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଓଡ଼ିଶାର ଉନ୍ନତିକୁ ଆଗକୁ ନେବାରେ ବିଜୁବାବୁଙ୍କ ଗଭୀର ଉତ୍ସାହ ଓ ସମର୍ପଣକୁ ସ୍ମରଣ କରିଛନ୍ତି।

# ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ ପାଳିତ

# ବିଜୁ ବାବୁ ଜଣେ ବ୍ୟକ୍ତି ନୁହନ୍ତି; ଏକ ବିଚାରଧାରା: ମୁଖ୍ୟମନ୍ତ୍ରୀ




- ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରେରଣାର ଉତ୍ସ
- ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ସହ ସମୃଦ୍ଧ ଓଡ଼ିଶା ଗଠନ ହେବ
- ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ବିଜୁଙ୍କ ପ୍ରମୁଖ ପରିଚୟ

ଭୁବନେଶ୍ୱର,୫।୩(ସମିସ): ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶ ପାଇଁ ବ୍ରତୀ ଥିଲେ। ବିଜୁ ବାବୁ ଯେଉଁ କ୍ଷେତ୍ରରେ ହାତ ରଖୁଥିଲେ, ତାହା ସୁନା ପାଲଟି ଯାଉଥିଲା। ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଜୟଦେବ ଭବନଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା। ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା। ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ ପାଇଁ ବିଜୁ ବାବୁ ସ୍ୱପ୍ନ ଦେଖିଥିଲେ। ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା। ସମୃଦ୍ଧ ଓଡ଼ଶା ଗଠନ ହେଲେ ହିଁ, ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ। ତେଣୁ ସମୃଦ୍ଧ ଓଡ଼ିଶା ଗଠନ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ଆମ ସରକାର ନିଶ୍ଚୟ ପୂରଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ ଥିଲା। ରୟାଲ ଏୟାର ଫୋର୍ସର ପାଇଲଟ୍ ଭାବେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାହସିକ ଭୂମିକା ଗ୍ରହଣ କରିଥିଲେ। ଅଗଷ୍ଟ କ୍ରାନ୍ତି ସମୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱାଧୀନତା ପରେ ୧୯୪୭ ମସିହାରେ କାଶ୍ମୀର ସଙ୍କଟ ସମୟରେ ଶ୍ରୀନଗରରେ ସେନା ଅବତରଣ କରାଇ ଭାରତର ସୁରକ୍ଷାରେ ମଧ୍ୟ ସେ ଅମୂଲ୍ୟ ଅବଦାନ ରଖିଥିଲେ। ପରିଶେଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ସମୃଦ୍ଧି ଓ ଓଡ଼ିଆ ଜାତିର ଗୌରବକୁ ଆହୁରି ଉଚ୍ଚତାକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂହ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଲ୍ଲୀ ଏମ୍‌ସ ସ୍ଥାନାନ୍ତର ହେଲେ ସୁରେଶ ପୂଜାରୀ



ଭୁବନେଶ୍ୱର, ୫।୩ (ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅକସ୍ମାତ ଅସୁସ୍ଥ ହୋଇ ପଡ଼ିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି ହୋଇଥିବା ବେଳେ ଆଜି ତାଙ୍କୁ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ୨୦୨୩ ମସିହାର ସୁରେଶ ପୂଜାରୀ ଛାତିରେ ଯନ୍ତ୍ରଣା ଅନୁଭବ କରି ଦିଲ୍ଲୀ ଏମ୍‌ସରେ ଚିକିତ୍ସିତ ହୋଇଥିଲେ। ସେଠାରେ ତାଙ୍କର ବ୍ଲକେଜରେ ଷ୍ଟେଣ୍ଟ୍ ଲଗା ଯାଇଥିଲା। ଶ୍ରୀ ପୂଜାରୀ ଗତ ମଙ୍ଗଳବାର ସନ୍ଧ୍ୟାରେ ବାସଭବନରେ ଥିବାବେଳେ ଛାତିରେ ତୀବ୍ର ଯନ୍ତ୍ରଣା ହେବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ଆଞ୍ଜିଓଗ୍ରାମ୍ କରାଯାଇଥିଲା। ସେ କରୋନାରି ଆର୍ଟେରି ରୋଗ (ସିଏଡି) ଓ ଟ୍ରିପଲ୍ ଭେସେଲ୍ ରୋଗ (ଟିଭିଡି)ରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଫଳରେ ତାଙ୍କର ହୃଦପିଣ୍ଡର ଧମନୀ ପ୍ରଭାବିତ ହୋଇଥିଲା। ଭୁବନେଶ୍ୱର ଏମ୍‌ସର ଚିକିତ୍ସା ଦଳ କାର୍ଡିଓଥୋରାସିକ୍ ଓ ଭାସ୍କୁଲାର୍ ସର୍ଜରୀ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ ମାଧ୍ୟମରେ ତାଙ୍କ ଅବସ୍ଥାକୁ ସ୍ଥିର କରିବାରେ ସଫଳ ହୋଇଥିଲେ। କିନ୍ତୁ ଉଚ୍ଚତର ଚିକିତ୍ସା ପାଇଁ ଗୁରୁବାର ସକାଳ ୯ଟା ରେ ତାଙ୍କୁ ବିମାନ ଯୋଗେ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରିବାକୁ ଯୋଜନା କରାଯାଇଥିଲା। ଏବେ ଦିଲ୍ଲୀ ଏମ୍‌ସର ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ତାଙ୍କର ଭାଇଟାଲ୍ ସାଇନ୍ସ ସ୍ଥିର ରହିଥିବା ବେଳେ ଧମନୀ ଧମନୀ ଅବରୋଧକୁ ସମାଧାନ କରିବା ପାଇଁ ପଦକ୍ଷେପ ନିଆଯିବ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

# ଶିଶୁ ସମେତ ୪ ମୃତ

ଫୁଲବାଣୀ, ୫।୩ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ବର୍ଷର ଏକ ଶିଶୁ ସମେତ ୪ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ଫିରିଙ୍ଗିଆ ଥାନା ପାଙ୍ଗା ପଞ୍ଚାୟତ ପଟିଲିପିଡିଆ ଗ୍ରାମର ବାବୁଲା କହଁର(୩୮), ବାମନ କହଁର(୩୫), କାର୍ତ୍ତିକ କହଁର(୩) ଓ ସଲାଗୁଡ଼ା ପଞ୍ଚାୟତ ଟକେରୀଗୁଡ଼ା ଗ୍ରାମର ଟିଲୁ ଦିଗାଲ (୩୦)। ବନିତା କହଁର ଗୁରୁତର ହୋଇଛନ୍ତି।

ସୂଚନାନୁସାରେ, ବାବୁଲା, ବାମନ, ବନିତା ଓ କାର୍ତ୍ତିକ ଏକ ବାଇକ୍‌ରେ ଗୋଛାପଡ଼ା ଅଞ୍ଚଳରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଅପରାହ୍ଣ ପ୍ରାୟ ୩ଟା ବେଳେ ବନ୍ଧୁଲି ଛକ ନିକଟରେ ଅନ୍ୟ ଏକ ବାଇକ୍‌ରେ ବାଲନ୍ଦାପଡା ଆଡ଼କୁ ଯାଉଥିବା ଟିଲୁ ଦିଗାଲଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସମସ୍ତେ ଗୁରୁତର ହୋଇଥିଲେ। ସ୍ଥାନୀୟ ବିଜେପି ନେତା ବାବୁଲା କହଁର ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବାବୁଲା, ବାମନ, କାର୍ତ୍ତିକ ଓ ଟିଲୁଙ୍କୁ ମୃତ ଘୋଷଣା କରିଥିଲେ। ବନିତା ଏବେ ଏଠାରେ ଚିକିତ୍ସାଧୀନ ଅଛନ୍ତି। ଗୋଛାପଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# କୋର୍ଟ ଆଗରେ ଜଘନ୍ୟ କାଣ୍ଡ

# କୋର୍ଟ ସାମ୍ନାରେ ଯୁବକଙ୍କୁ ହାଣି ହତ୍ୟା



ଭଞ୍ଜନଗର, ୫।୩ (ସମିସ): ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ସାମ୍ନାରେ ବିଚ୍ ରାସ୍ତାରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଫାର୍ସାରେ ହାଣି ହତ୍ୟା। ଭଞ୍ଜନଗରରେ ଆଜି ଦିନ ଦି' ପହରେ ଘଟିଥିବା ଏଭଳି ଏକ ଘଟଣା ସାଧାରଣରେ ଆତଙ୍କ ଖେଳାଇ ଦେଇଛି। ମୃତକ ହେଲେ, ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମର ରାମନାଥ ସ୍ୱାଇଁଙ୍କ ପୁଅ ଅଶୋକ କୁମାର ସ୍ୱାଇଁ (୪୫)। ପୁଲିସ ଅଶୋକଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ନମ୍ବର ୧୮୫/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏହାସହ ଅଭିଯୁକ୍ତ ଡିହପଡ଼ାଳ ଗ୍ରାମର ଦିଲ୍ଲୀପ ଜେନା(୪୫)କୁ ହେପାଜତକୁ ନେଇ ପଚରାଉଚରା କରୁଛି। ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ସେ ନେଇ ପୁଲିସ୍ ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

ଅଶୋକ ଏକ ମାମଲାରେ ହାଜର ହେବାକୁ କୋର୍ଟକୁ ଆସୁଥିବା ବେଳେ ଦିଲ୍ଲୀପ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେ ଦୌଡ଼ି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ଦିଲ୍ଲୀପ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଚୋଟ ପରେ ଚୋଟ ପକାଇଥିଲା। ଏଥିରେ ଅଶୋକଙ୍କ ଶରୀରର ଦେହ, ମୁଣ୍ଡରେ ୨୦ରୁ ଉର୍ଦ୍ଧ୍ୱ ଚୋଟ ବାଜିଥିଲା। ରକ୍ତ ଜୁଡୁବୁଡୁ ଅଶୋକଙ୍କୁ ପାଖରେ ଥିବା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦିଲ୍ଲୀପକୁ କୋର୍ଟ ପରିସରରେ ଥିବା ପୁଲିସ କାବୁ କରି ଥାନାକୁ ନେଇଥିଲେ।

ହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଦିଲ୍ଲୀପ ପୂର୍ବରୁ ଅଶୋକ ନାମରେ ଟଙ୍କାପଇସା ଦେଣନେଣ ମାମଲା ସହ ଅନେକ ସଂଗିନ ଅଭିଯୋଗ କରିଥିଲେ। ପୁଲିସ ଅଶୋକକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଶୋକ ଜାମିନରେ ଆସିଥିବା ବେଳେ ଗୁରୁବାର କୋର୍ଟରେ ହାଜର ହେବାକୁ ଆସିଥିବା ବେଳେ ଦିଲ୍ଲୀପଙ୍କ ଆକ୍ରମଣର ଶିକାର ହୋଇଥିଲେ।

# ଅସହ୍ୟ ହେଲା ପତ୍ନୀ ବିୟୋଗ ଦୁଃଖ

# ଗଛରୁ ଡେଇଁ ଜୀବନ ହାରିଲେ ସ୍ୱାମୀ



ଜେନାପୁର, ୫।୩ (ସମିସ): ଅସହ୍ୟ ହେଲା ପତ୍ନୀଙ୍କ ବିୟୋଗ ଦୁଃଖ। ମାନସିକ ଭାରସାମ୍ୟ ହରାଇ ଗଛରୁ ଡେଇଁ ଜୀବନ ହାରିଲେ ସ୍ୱାମୀ। ଯାଜପୁର ଜିଲ୍ଲା ମଧୁପୁରଗଡ଼ ଅଞ୍ଚଳରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ ମଧୁପୁରଗଡ଼ ତଳସାହିର ରୂପେଶ ଗୋଛାୟତ(୩୦)। ପୁଲିସ୍ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ପ୍ରାୟ ମାସକ ତଳେ ରୂପେଶଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ପତ୍ନୀଙ୍କ ଅକାଳ ବିୟୋଗରେ ରୂପେଶ ପୂରା ଭାଙ୍ଗି ପଡ଼ିଥିଲେ। ସେହିଦିନଠାରୁ କାହା ସହ ଠିକ୍‌ରେ କଥାବାର୍ତ୍ତା ହେଉନଥିଲେ କି ଠିକ୍‌ରେ ଖିଆପିଆ ବି କରୁନଥିଲେ। ସବୁବେଳେ ଚିନ୍ତାଗ୍ରସ୍ତ ରହୁଥିଲେ। ତେବେ ସୋମବାର ସନ୍ଧ୍ୟାରେ ଘର ପାଖ ଏକ ନିମ୍ବ ଗଛ ଉପରେ ଚଢ଼ି ବିଭିନ୍ନ ପ୍ରକାରର ପ୍ରଳାପ କରିବା ସହ ଆତ୍ମହତ୍ୟା ଉଦ୍ୟମ ଥିଲେ। ଗ୍ରାମବାସୀ, ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ ବାହିନୀର କର୍ମଚାରୀ ଯେତେ ବୁଝାସୁଝା କରିଥିଲେ ମଧ୍ୟ ସେ କାହାରି କଥା ଶୁଣିନଥିଲେ। ଶେଷରେ ପ୍ରାୟ ୫୦ ଫୁଟ୍ ଉଚ୍ଚ ଗଛରୁ ଏକ ଆଜବେଷ୍ଟସ୍ ଘର ଉପରକୁ ଡେଇଁ ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମବାହିନୀ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ, ଆଜି ସକାଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ଶିକ୍ଷକ ବେଶରେ ସଇତାନ

# ବିଜ୍ଞାନମେଳାରୁ ଫେରିବା ବାଟରେ ଛାତ୍ରୀଙ୍କୁ ଦୁଷ୍କର୍ମ

ଫୁଲବାଣୀ, ୫।୩ (ସମିସ): ଗୁରୁ-ଶିଷ୍ୟର ପବିତ୍ର ସଂପର୍କରେ ଦାଗ। ବିଜ୍ଞାନ ମେଳାରୁ ଫେରିବା ବାଟରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ। ଖାଲି ସେତିକି ନୁହେଁ, ପରେ ଜୀବନରୁ ମାରିଦେବାର ଧମକ ଦେଇ ସ୍କୁଲ ହଷ୍ଟେଲରେ ବାରମ୍ବାର ଦୁଷ୍କର୍ମ। କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ୍ ଗୋଛାପଡ଼ା ଥାନା ଅନ୍ତର୍ଗତ କଟ୍ରିଙ୍ଗିଆ ଅଞ୍ଚଳରେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି ଘଟଣା ପଦାକୁ ଆସିବା ପରେ ଏବେ ସମଗ୍ର ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଗୋଛାପଡ଼ା ଥାନା ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ଗତ ନଭେମ୍ବର ୨୧ତାରିଖରେ ଫୁଲବାଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା। ଏହି ମେଳାରେ ଯୋଗ ଦେବାକୁ ଅଭିଯୁକ୍ତ ଶିକ୍ଷକଜଣଙ୍କ ଛାତ୍ରୀଙ୍କୁ ସାଙ୍ଗରେ ନେଇ ଆସିଥିଲେ। କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ବିଳମ୍ବ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ଶିକ୍ଷକଜଣଙ୍କ ନିଛାଟିଆ ସ୍ଥାନରେ ଗାଡ଼ି ଅଟକାଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ନାବାଳିକାଜଣକ ସେଠାରେ ଅଚେତ ହୋଇପଡ଼ିଥିଲେ। ପରେ, ଶିକ୍ଷକଜଣଙ୍କ ଛାତ୍ରୀଙ୍କୁ ଧମକଚମକ ଦେଇଥିଲେ। ଏ ସଂପର୍କରେ ମୁହଁ ଖୋଲିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ଛାତ୍ରୀଜଣଙ୍କ କାହାକୁ କିଛି କହିପାରିନଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଶିକ୍ଷକଜଣଙ୍କ ହଷ୍ଟେଲ ପରିସରରେ ମଧ୍ୟ ପଶିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୧୮ ତାରିଖ ମଧ୍ୟରେ ସେ ପ୍ରାୟ ୬ଥର ଛାତ୍ରୀଙ୍କୁ ଶାରୀରିକ ଶୋଷଣ କରିଥିଲେ। ବିଦ୍ୟାଳୟ ପରିସର, ଯେଉଁଠି ପିଲାମାନେ ନିଜକୁ ସବୁଠାରୁ ସୁରକ୍ଷିତ ମଣନ୍ତି, ସେହିଠାରେ ଜଣେ ଶିକ୍ଷକଙ୍କ ଏଭଳି ପାଶବିକ ପ୍ରବୃତ୍ତି ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

**ଅଭିଯୁକ୍ତ ଶିକ୍ଷକ ଗିରଫ**

ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ଦୁଃଖଦାୟକ ବିଷୟ ହେଉଛି, ପୀଡ଼ିତାଙ୍କ ସାଙ୍ଗମାନେ ଏହି ଘଟଣା ବିଷୟରେ କିଛିଟା ସୁରାକ୍ ପାଇଥିଲେ। ସେମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। କିନ୍ତୁ, କୌଣସି ଅଜ୍ଞାତ କାରଣରୁ ପ୍ରଧାନଶିକ୍ଷକ ଏହାକୁ ଗୁରୁତ୍ୱ ନ ଦେଇ ଚପାଇବାକୁ ଚେଷ୍ଟା କରିଥିଲେ। ଯଦି ପ୍ରଥମ ସମୟରେ ପଦକ୍ଷେପ ନିଆଯାଇଥାନ୍ତା, ତେବେ ହୁଏତ ବାରମ୍ବାର ଶାରୀରିକ ଅତ୍ୟାଚାରରୁ ନାବାଳିକାଜଣଙ୍କ ରକ୍ଷା ପାଇଯାଇଥାନ୍ତେ। ଅତ୍ୟାଚାର ସହି ନପାରି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଭାବେ ବିଗିଡିବାରେ ଲାଗିଥିଲା। ଏହା ଦେଖି ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷକ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ବିଦ୍ୟାଳୟରେ ପହଞ୍ଚି ଝିଅଠାରୁ ସବୁ କଥା ଶୁଣିବା ପରେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ଗୋଛାପଡ଼ା ଥାନାରେ ଏତଲା ଦିଆଯିବା ପରେ ପୁଲିସ ତୁରନ୍ତ ତତ୍ପରତା ପ୍ରକାଶ କରିଥିଲା। ଅଭିଯୁକ୍ତ ଶିକ୍ଷକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ମାମଲା। ପୋକ୍‌ସୋ ଆକ୍ଟ ଏବଂ ଅନ୍ୟାନ୍ୟ କଠୋର ଧାରାରେ ମାମଲା ରୁଜୁ କରାଯାଇଛି ବୋଲି ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଜଣେ ଗୁରୁଙ୍କ ଏଭଳି ନୀଚ କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ରାଜ୍ୟରେ ନୂଆ ରାଜନୈତିକ ସମୀକରଣ ନେଇ କଳ୍ପନାଜଳ୍ପନା

# କ'ଣ ହେବ ସମୟ କହିବ: ନବୀନ

ଭୁବନେଶ୍ୱର,୫।୩(ସମିସ): ଗୁରୁବାର ରାଜ୍ୟ ରାଜନୀତିରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରଥମ ଥର ପାଇଁ ରାଜ୍ୟ ରାଜନୀତିରେ କୌଣସି ଏକ ପ୍ରସଙ୍ଗକୁ ନେଇ ଏକାଠି ହୋଇଛନ୍ତି ବିଜେଡି, କଂଗ୍ରେସ ଓ ସିପିଏମ୍। ରାଜ୍ୟସଭା ଚତୁର୍ଥ ଆସନ ପାଇଁ ବିଜେଡି ଘୋଷିତ ମିଳିତ ପ୍ରାର୍ଥୀ ଡ଼ାକ୍ତର ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସ ଓ ସିପିଏମ୍‌ର ସମର୍ଥନ ଆଗାମୀ ଦିନରେ ଓଡ଼ିଶା ରାଜନୀତିରେ ନୂଆ ରାଜନୈତିକ ସମୀକରଣକୁ ଇଙ୍ଗିତ ଦେଉଥିବା କଳ୍ପନାଜଳ୍ପନା ସୃଷ୍ଟି କରିଛି। ଏପରିକି ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଦିବସରେ ଏପରି ଏକ ଘଟଣା ଭବିଷ୍ୟତରେ ବିଜେପି ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅପରପକ୍ଷରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପାଳନ ହେଉଥିବା ପଞ୍ଚାୟତିରାଜ ଦିବସ ଓ ସରକାରୀ ଛୁଟିକୁ ବନ୍ଦ କରିଥିବା ସତ୍ତ୍ୱେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଉତ୍ସବରେ ବିଜୁ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ବିଚାରଧାରା ବୋଲି ଅଭିହିତ କରିବା ଆଉ ଏକ ଦିଗକୁ ଇଙ୍ଗିତ କରିଛି। ଆଧୁନିକ ଓଡ଼ିଶାର ନିର୍ମାତା ଭାବରେ ବିଜୁବାବୁ ପ୍ରେରଣାର ଉତ୍ସ ବୋଲି ଉଲ୍ଲେଖ କରି ସରକାର ବିଜୁ ଲିଗାସୀକୁ ନିକଟତର କରିବା ପାଇଁ ଲକ୍ଷ୍ୟ ରଖିଥିବା ମଧ୍ୟ ଆଲୋଚନା ହେଉଛି ।

ବିଜେଡି ଗଠନ ପରେ ୧୯୯୭ରୁ ୨୦୦୯ ଯାଏଁ ରାଜ୍ୟରେ ବିଜେଡି ବଡ଼ଭାଇ ଓ ବିଜେପି ସାନଭାଇ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା। ତତ୍କାଳୀନ ବାଜପେୟୀଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମଧ୍ୟ ସମ୍ଭାଳିଥିଲେ। ରାଜ୍ୟରେ ନବୀନଙ୍କ ନେତୃତ୍ୱାଧୀନ ସରକାରରେ ବିଜେପି କନିଷ୍ଠ ସହଯୋଗୀ ଭାବରେ ୨୦୦୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। କନ୍ଧମାଳ ଦଙ୍ଗା ପରେ ନବୀନ ବିଜେପି ହାତ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୯ ମସିହାରେ ସିପିଆଇ ଓ ସିପିଏମ ସହ ବିଜେଡି ନିର୍ବାଚନୀ ମେଣ୍ଟ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୪ ମସିହା ପରଠାରୁ ଏକାକୀ ନିର୍ବାଚନ ଲଢ଼ି ଆସୁଛି। ୨୦୦୯ ପରଠାରୁ ବିଜେଡି ଉଭୟ ବିଜେପି ଓ କଂଗ୍ରେସ ସହ ସମଦୂରତା ବଜାୟ ରଖି ଆସିଛନ୍ତି। ଉଭୟ ଏନଡିଏ ତଥା ୟୁପିଏ ସରକାରଙ୍କୁ ନବୀନ କେନ୍ଦ୍ରରେ ରାଜ୍ୟର ସ୍ୱାର୍ଥ ଚରିତାର୍ଥ ପାଇଁ ସର୍ତ୍ତମୂଳକ ସମର୍ଥନ ପ୍ରଦାନ କରିଛନ୍ତି। ମାତ୍ର ପ୍ରଥମ ଥର ପାଇଁ ରାଜ୍ୟରେ ବିଜେଡି ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ସହ ମିଶି ମିଳିତ ପ୍ରାର୍ଥୀ ଦେବା ନୂଆ ଘଟଣା ।

ପୂର୍ବରୁ ସିପିଏମ ସହ ବିଜେଡି ନିର୍ବାଚନୀ ମେଣ୍ଟ କରିଥିବାର ଦୃଷ୍ଟାନ୍ତ ରହିଛି, ମାତ୍ର କଂଗ୍ରେସ ସହ କୌଣସି ସମୟରେ ବିଜେଡି କୌଣସି ନିର୍ବାଚନୀ ବୁଝାମଣା କରିନାହିଁ। ଏବେ ବିଜେଡି ଘୋଷିତ ପ୍ରାର୍ଥୀଙ୍କୁ କଂଗ୍ରେସର ସମର୍ଥନ ଯେଉଁ ସମୀକରଣ ସୃଷ୍ଟି କରିଛି, ତାହା ଆଗାମୀ ଦିନରେ ରାଜ୍ୟରେ କି ପ୍ରକାର ପ୍ରଭାବ ପକାଇବ ତାହା ଏବେଠାରୁ ଆକଳନ କରିବା ରାଜନୈତିକ ସମୀକ୍ଷକଙ୍କ ପାଇଁ ସମ୍ଭବ ହୋଇନାହିଁ। ଏପରିକି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଏ ସମ୍ପର୍କରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ରାଜ୍ୟରେ ଏକ ଧର୍ମନିରପେକ୍ଷ ସମଭାବାପନ୍ନ ଦଳଙ୍କୁ ନେଇ ଏକ ମେଣ୍ଟ ଗଠନ ହେବାକୁ ଯାଉଛି କି ବୋଲି ସାମ୍ବାଦିକଙ୍କ ପ୍ରଶ୍ନକୁ ନବୀନ ଗ୍ରହଣ କରିନାହାନ୍ତି କିମ୍ବା ଏଡ଼ାଇ ଯାଇ ନାହାନ୍ତି । 'କଣ ହେବ ତାହା ଆଗକୁ ସମୟ ହିଁ କହିବ' ବୋଲି ତାଙ୍କର ସଂକ୍ଷିପ୍ତ ଉତ୍ତର ବିଭିନ୍ନ ଦିଗକୁ ଇଙ୍ଗିତ କରିଛି । ଅନ୍ୟପକ୍ଷରେ ରାଜନୈତିକ ସମୀକ୍ଷକମାନେ ନବୀନଙ୍କ ଏହି ସଂକ୍ଷିପ୍ତ ଟିପ୍ପଣୀକୁ ହାଲୁକା ଭାବରେ ଗ୍ରହଣ କରିପାରୁ ନାହାନ୍ତି । ନବୀନ କମ୍ କଥା କହନ୍ତି ଓ ତାଙ୍କ ଛୋଟ ଟିପ୍ପଣୀ ଅନେକ ଅର୍ଥକୁ ବହନ କରିଥାଏ । ଜାତୀୟ ରାଜନୀତିରେ ସମ୍ପ୍ରତି ସୃଷ୍ଟି ହୋଇଥିବା ଦ୍ରୁତ ପରିବର୍ତ୍ତନୀୟ ସ୍ଥିତି ଓ ରାଜ୍ୟର ଦୃଶ୍ୟପଟ ଏବେ ନିରନ୍ତର ବଦଳିବାରେ ଲାଗିଛି। ରାଜନୀତିରେ ଜଣେ ପୋଖତ୍ ଖେଳାଳି ତଥା ରଣନୀତିଜ୍ଞ ନବୀନ ସବୁ ପରିସ୍ଥିତିକୁ ଅତି ପାଖରୁ ବିଶ୍ଳେଷଣ କରୁଛନ୍ତି। ଅତଏବ ରାଜ୍ୟ ସ୍ୱାର୍ଥ ପାଇଁ ଯାହା ଆବଶ୍ୟକ ତାହା କରାଯିବ ବୋଲି ପ୍ରକାରାନ୍ତରେ ନବୀନ ଇଙ୍ଗିତ ଦେଇଥିବା ଅନେକ ମନେ କରୁଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ ରାଜ୍ୟ ରାଜନୀତିରେ ଏହି ନୂଆ ସମୀକରଣ ଆରମ୍ଭ ହୋଇଥିବା ବେଳେ ବିଜେପି ଶୀର୍ଷ ନେତୃତ୍ୱଙ୍କ ପାଇଁ ଏହା ଚିନ୍ତାର କାରଣ ସାଜିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରଦାନ କରିଛନ୍ତି।

# ଛେଳି ଚୋରି ପାଇଁ କଙ୍ଗାରୁକୋର୍ଟ

# ଗ୍ରାମବାସୀଙ୍କ ମାଡ଼ରେ ନାବାଳକ ମୃତ

## ୧୨ ଗିରଫ, ଗିରଫଦାରୀ ଭୟରେ ଗାଁ ପୁରୁଷଶୂନ୍ୟ

ରାଇରଙ୍ଗପୁର, ୫।୩ (ସମିସ): ଛେଳି ଚୋର ଅଭିଯୋଗରେ ଜଣେ ନାବାଳକକୁ ଗାଁ ଦାଣ୍ଡରେ ନିସ୍ଥୁକ ମାଡ଼ ମାରି ହତ୍ୟା। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍, ତିରିଂ ଥାନା ଅନ୍ତର୍ଗତ ହେରୋଗୋଡ଼ା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତ ନାବାଳକଜଣଙ୍କ ହେଲା, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭୁଟକାବାଦି ଗ୍ରାମର ରାଜକୁମାର ବିନ୍ଧାଣୀଙ୍କ ପୁଅ ସମ୍ବିତ ବିନ୍ଧାଣୀ। ଏହି ଘଟଣାରେ ଅନ୍ୟ ଜଣେ ନାବାଳକ ମଧ୍ୟ ଗୁରୁତର ଆହତ ହୋଇଛି। ତିରିଂ ଥାନା ପୁଲିସ ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ନମ୍ବର ୩୧/୨୬ରେ ଏକ ମାମଲା ରୁଜୁ କରି ୧୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ପୁଲିସ କହିଛି। ଅପରପକ୍ଷେ, ଗିରଫଦାରୀ ଭୟରେ ଏବେ ପୂରା ଗାଁ ପୁରୁଷଶୂନ୍ୟ ହୋଇଯାଇଛି।

ସୂଚନାନୁଯାୟୀ, ମୃତ ସମ୍ବିତ ନିଜ ମାମୁ ଘର, ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମରେ ରହି ବାସିଙ୍ଗି ସରକାରୀ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲା। ସୋମବାର ଅପରାହ୍‌ଣରେ ସମ୍ବିତ ଓ ତା'ର ଜଣେ ସାଙ୍ଗ ନିକଟସ୍ଥ ହେରୋଗୋଡ଼ା ଗ୍ରାମକୁ ଏକ ବାଇକ୍‌ରେ ଯାଇଥିବା ବେଳେ ଗ୍ରାମବାସୀମାନେ ମିଳିତ ଭାବେ



ସେମାନଙ୍କୁ ଆକ୍ରମଣ କରିଥିଲେ। ଛେଳି ଚୋର ସନ୍ଦେହରେ ଗ୍ରାମବାସୀମାନେ ଦୁହିଁଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏହାସହ ସେମାନଙ୍କ ବାଇକ୍‌କୁ ଜାଳି ଦେଇଥିଲେ। ଖବର ପାଇ ପୁଲିସ ଦୁହିଁଙ୍କୁ ଉଦ୍ଧାର କରି ଝରାଡିହି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ରାଇରଙ୍ଗପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ବିତର ମୃତ୍ୟୁ ହୋଇଯାଇଥିଲା। ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁରରୁ ବାରିପଦାସ୍ଥ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ଅନ୍ୟ ଜଣେ ନାବାଳକ ଚିକିତ୍ସାଧୀନ**

ଅପରପକ୍ଷେ, ପୁଅକୁ ହତ୍ୟା କରାଯାଇଥିବା ନେଇ ସମ୍ବିତର ବାପା ତିରିଂ ଥାନାରେ ଅଭିଯୋଗ କରିବାରୁ ପୁଲିସ ନଂ ୩୧/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୨ଜଣ ଅଭିଯୁକ୍ତ ଗ୍ରାମବାସୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦାରୀ ସଂଖ୍ୟା ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଗିରଫଦାରୀ ଭୟରେ ଗ୍ରାମବାସୀ ଫେରାର୍ ହୋଇଯାଇଥିବାରୁ ପୂରା ଗାଁ ପୁରୁଷଶୂନ୍ୟ ହୋଇଯାଇଛି।

ସକାଳ
THE SAKALA



## ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା

# ପୋଖରୀରେ ବୁଡି ଛାତ୍ରଙ୍କ ମୃତ୍ୟୁ

**ଭବାନୀପାଟଣା, ୫ ।୩ (ସମିସ)**

ଭବାନୀପାଟଣା ସହରରେହୋଲି ଖେଳ ଚାଲୁଥିବା ବେଳେ ପୋଖରୀରେ ବୁଡି ଛାତ୍ର ମୃତ୍ୟୁ ଘଟିବା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା । ହୋଲି ଖେଳି ସାରି ସାଙ୍ଗମାନଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବା ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି । ମୃତ ଛାତ୍ରଙ୍କ ନାମ ସୌମ୍ୟ ରଞ୍ଜନ ସାହୁ (୧୪) ଓ ସେ କଳାହାଣ୍ଡି ଜିଲ୍ଲାର କୋକସରା ଥାନା ଝରିଆଗୁଡ଼ା ଗାଁର ବୋଲି ଜଣାପଡ଼ିଛି । ଭବାନୀପାଟଣା ସହର ନିକଟସ୍ଥ ମେଦିନୀପୁରରେ ଥିବା ଶାସ୍ତ୍ରୀଜୀ ଶିକ୍ଷା ନିକେତନରେ ସେ ନବମ ଶ୍ରେଣୀରେ ପଢୁଥିବା ବେଳେ ସେଠାରେ ହଷ୍ଟେଲରେ ରହୁଥିଲେ । ମଙ୍ଗଳବାର ମଧ୍ୟାହ୍ନରେ ହୋଲି ଖେଳ ସରିବା ପରେ ସ୍କୁଲ ସାଙ୍ଗମାନଙ୍କ ସହ ହଷ୍ଟେଲ ଠାରୁ ପ୍ରାୟ ଅଧ କିଲୋମିଟର ଦୂର ନିକଟସ୍ଥ ମେଦିନୀପୁର ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ହେଲେ ତାଙ୍କର ସବୁ ସାଙ୍ଗ ସ୍କୁଲକୁ ଚାଲି ଆସିଥିବା ବେଳେ ସେ ଆସିନଥିଲେ । ଖାଇବା ସମୟରେ ଏହା ଜଣାପଡ଼ିବା ପରେ ସ୍କୁଲ କର୍ମଚାରୀ ଶୀଘ୍ର ଉକ୍ତ ପୋଖରୀକୁ ଖୋଜିବାକୁ ଯାଇଥିଲେ । ତେବେ ସେଠାରେ ଛାତ୍ର ଜଣକ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ । ପରେ ଛାତ୍ର ଜଣକୁ ସେଠାରୁ ଉଦ୍ଧାର କରି ସ୍କୁଲ କର୍ମଚାରୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ



ନେଇଥିଲେ । ତେବେ ସବୁ ସରିଯାଇଥିବା ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ । ମୃତ୍ୟୁର ୬ଘଣ୍ଟା ପରେ ସ୍କୁଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଖବର ଦେଇଥିବା ପ୍ରକାଶ । ପରିବାର ସଦସ୍ୟମାନେ ଘଟଣା ସ୍ଥଳକୁ

### ପରିବାର ପକ୍ଷରୁ ଥାନାରେ ଅଭିଯୋଗ

ପହଞ୍ଚିଥିଲେ । ପରିବାର ଲୋକେ ପାଣିରେ ବୁଡି ସୌମ୍ୟଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରୁ ନ ଥିବାବେଳେ ଏହା ସମ୍ପୂର୍ଣ୍ଣ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ କାରଣରୁ ଘଟିଛି ଏବଂ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାରବର୍ଗ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ ଆଣିଛନ୍ତି । ତତ୍ ସହିତ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଯଦି ହଷ୍ଟେଲରୁ ଦୂର ପୋଖରୀକୁ ଗାଧୋଇବାକୁ ଗଲାବେଳେ ଛାତ୍ର ସଂଖ୍ୟା ଗଣା ହୋଇଥିଲା ଫେରିବା ବେଳେ କେମିତି କେହି ଅନୁମାନ କଲେନାହିଁ । ଖାଇବା ସମୟରେ ମୃତ ଛାତ୍ର ସୌମ୍ୟ ରଞ୍ଜନ ପୋଖରୀରୁ ଫେରାଇନଥିବା ଜାଣିପାରିଲେ ତାହାହିଁ ବଡ଼ ପ୍ରଶ୍ନ ହୋଇଛି । ସଦର ଥାନା ପୁଲିସ କେସ୍ ନଂ(୯୧/୨୬)ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସଦର ଥାନା ଆଇଆଇସି ସୂଚନା ଦେଇଛନ୍ତି । ଏପଟେ ଗୁରୁବାର ପୂର୍ବାହ୍ନରେ ଛାତ୍ରଙ୍କ ମୃତ ଦହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

## ଇନ୍ଦ୍ରାବତୀରେ ଡଙ୍ଗା ବୁଡ଼ି ଘଟଣା

# ୬ଦିନ ପରେ ମଧ ନିଖୋଜ ବ୍ୟକ୍ତିର ପତ୍ତା ନାହିଁ

**ଥୁଆମୂଳରାମପୁର, ୫ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଅଞ୍ଚଳର ଇନ୍ଦ୍ରାବତୀ ଜଳଭଣ୍ଡାର ମଝିଭାଗରେ ଗତ ୨୮ ତାରିଖ ଦିନ ଡଙ୍ଗା ବୁଡି ଘଟଣାରେ ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳିପାରିନି । ମାଛ ଧରିବା ପାଇଁ ଦେଶୀ ଡଙ୍ଗାରେ ଜଳଭଣ୍ଡାରକୁ ଯାଇଥିବା ବେଳେ ଡଙ୍ଗା ହଠାତ୍ ଓଲଟି ପଡ଼ିଥିବା ସୂଚନା ମିଳିଛି । ଏହି ଅଘଟଣାରେ ଜଣେ ବ୍ୟକ୍ତି ନିଖୋଜ ହୋଇଥିବା ବେଳେ ୬ଦିନ ବିତିଯାଇଥିଲେ ମଧ ତାଙ୍କର କୌଣସି ସନ୍ଦେଶ ମିଳିନାହିଁ । ସୂଚନା ଅନୁଯାୟୀ, ଯେଉଁ ସ୍ଥାନରେ ଡଙ୍ଗା ବୁଡିଯାଇଛି ସେଠାରେ ପ୍ରାୟ ୩୦୦ ରୁ ୪୦୦ ଫୁଟ୍ ପର୍ଯ୍ୟନ୍ତ ପାଣିର ଗଭୀରତା ରହିଛି । ଏପରି ଗଭୀର ଜଳରେ ଉଦ୍ଧାର କାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି । ଥୁଆମୂଳରାମପୁର ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ଇତିମଧ୍ୟରେ ତିନି ଦିନ ଲଗାତାର ଖୋଜାଖୋଜି କରିଥିବା ସତ୍ତ୍ୱେ କୌଣସି ସଫଳତା ମିଳି ପାରିନାହିଁ । ପରିସ୍ଥିତି ଜଟିଳ ହୋଇଥିବାରୁ ଦଳକୁ ବାରମ୍ବାର ନିରାଶ ହୋଇ ଫେରିବାକୁ ପଡୁଛି । ଏପଟେ ନିଖୋଜ ବ୍ୟକ୍ତିଙ୍କ ପରିବାର ଓ ଗ୍ରାମବାସୀ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଜଳଭଣ୍ଡାର କୂଳରେ ଅପେକ୍ଷାରେ ବସିରହିଛନ୍ତି । ଏପରିକି ଗ୍ରାମବାସୀ ମଧ୍ୟ ଡଙ୍ଗା ଧରି ଧରି ଜଳଭଣ୍ଡାର ମଧ୍ୟରେ ଖୋଜାଖୋଜି କରିବାର ପ୍ରୟାସ କରୁଛନ୍ତି । ଅସହାୟ ପରିବାରରେ ଦୁଃଖ ଓ ଆଶା-ନିରାଶାର ମିଶ୍ରିତ ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଧିକ ସହାୟତା ଓ ପ୍ରୟୋଜନୀୟ ସାଜସଜ୍ଜା ଯୋଗାଇ ଦେବାକୁ ଦାବି ଉଠିଛି । ଉଦ୍ଧାର କାର୍ଯ୍ୟ ଚାଲୁଥିବା ବେଳେ ସମସ୍ତଙ୍କ ଦୃଷ୍ଟି ଏବେ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ।

# ସାଇବର୍ ଠକେଇ ମାମଲାରେ ୪ ଗିରଫ

**ଜୁନାଗଡ଼, ୫ ।୩(ସମିସ):** ଜୁନାଗଡ଼ ପୁଲିସକୁ ସାଇବର ଠକେଇ ମାମଲାରେ ମଙ୍ଗଳବାର ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ଜୁନାଗଡ଼ ଥାନା ବୁଢ଼ୀପଦର ଗ୍ରାମର ସଚିନ ମେହେର(୨୨), ଖିନବାହାଲ ଗ୍ରାମର ବବଲୁ ଓରଫ ସମୀର କୁମାର ମେହେର(୨୭), ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ହାତିବନ୍ଧା ଗ୍ରାମର ଜିତୁ ଓରଫ ଜୟନ୍ତ ମେହେର(୧୯) ଓ ଖଡ଼ିଆଳର ସିଦ୍ଧାନ୍ତ ମେହେର (୨୦)ବୋଲି ଜଣାପଡ଼ିଛି । ଏ ନେଇ ଜୁନାଗଡ଼ ଥାନାରେ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କ ଠାରୁ ଗୋଟିଏ ପାସବୁକ, ଏଟିଏମ କାର୍ଡ ଓ ୩ ଟି ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ସେମାନେ ଲୋକଙ୍କ ଠାରୁ ୧୪ ଲକ୍ଷ ୫୫ ହଜାର ସାଇବର ଠକେଇ କରିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରାଙ୍କ ପ୍ରକାଶ କରିଛନ୍ତି ।

## ଶିକ୍ଷକଙ୍କ ନିଆରା ବିଦାୟ

# ମଧୁ ବର୍ଣ୍ଣବୋଧ ବାଣ୍ଟିଲେ ବିଦାୟୀ ଶିକ୍ଷକ



**ନୂଆପଡ଼ା, ୫ ।୩ (ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ତୁର୍କାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଏକ ନିଆରା ଶୈଳୀରେ ବଦଳି ହୋଇଥିବା ସହକାରୀ ଶିକ୍ଷକ ବିଦ୍ୟାଳୟରୁ ବିଦାୟ ନେଇଛନ୍ତି । ପିଲାଙ୍କର ଅତି ପ୍ରିୟ, ଆପଣାର ଶିକ୍ଷକ ଥିଲେ ସହକାରୀ ଶିକ୍ଷକ ପିତାମ୍ବର ଦୀପ । ତାଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ବଦଳି ହୋଇଯାଇଛି । ଖବର ଜାଣିବା ପରେ ତୁର୍କାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପିଲାଙ୍କ ଭାଷା ଜ୍ଞାନ ବୃଦ୍ଧି ଓ ସୁନ୍ଦର ହସ୍ତାକ୍ଷର ପାଇଁ ବିଦାୟୀ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ଓ ହସ୍ତାକ୍ଷର ଖାତା ପ୍ରଦାନ କରିଥିଲେ ।

# ଦୋଳ ଉତ୍ସବ ଓ ହୋଲି ପର୍ବ





## କୋମନା ଅଞ୍ଚଳରେ ହୋଲି ପର୍ବ

**କୋମନା, ୫ ।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଲି ପର୍ବ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ଭେଦଭାବ ଭୁଲି ସମସ୍ତେ ଏକାଠି ହୋଇ ପରସ୍ପରକୁ ରଙ୍ଗ ଓ ଅବିର ଲଗାଇ ଭାଇଚାରାର ବାର୍ତ୍ତା ବାଣ୍ଟିଛନ୍ତି । ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ରଙ୍ଗର ଖେଳରେ ମାତିଥିଲେ । ଡିଜେ ଗୀତର ତାଳେ ତାଳେ ଯୁବପିଢ଼ି ନାଚଗୀତ କରି ହୋଲିର ଭରପୂର ମଜା ନେଇଥିଲେ । କୋମନା ସହରରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବିଭିନ୍ନ ଛକ ସ୍ଥାନରେ ପୁଲିସ ମୁତୟନ ରହିବା ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିଲା । ଲୋକମାନେ ମଧ ଶୃଙ୍ଖଳିତ ଭାବେ ଶାନ୍ତିପୂର୍ଣ୍ଣ ହୋଲି ଖେଳିଥିବାର ଦେଖିବାକୁ ମିଳିଛି । ହିନ୍ଦୁ-ମୁସଲିମ ସମସ୍ତେ ଏକାଠି ହୋଇ ପର୍ବ ପାଳନ କରିଥିଲେ । ରଙ୍ଗର ପର୍ବ କୋମନା ଅଞ୍ଚଳରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି ।

## ପୁରୁଣାପଡ଼ାରେ ଦୋଳ ଉତ୍ସବ

**ଭବାନୀପାଟଣା:** ସ୍ଥାନୀୟ ପୁରୁଣାପଡ଼ାରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି । ଦଶମୀ ତିଥି ଠାରୁ ନଗର ପରିକ୍ରମା, ହୋଲିକା ଦହନ, ପୂର୍ଣ୍ଣିମା, ଦୋଳଗୋବିନ୍ଦଙ୍କ ଦହି ଖିଆ, ହେବା ପରେ ହୋଲିରେ ଉଦ୍‌ଯାପନ ହୋଇଯାଇଛି । ତ୍ରୟୋଦଶୀ ତିଥିରେ ପୁରୁଣାପଡ଼ା ଗଙ୍ଗାଦେବୀ ମନ୍ଦିର ନିକଟରେ କମିଟି ସଭାପତି ଇନ୍ଦ୍ରଜିତ୍ ମହାକୁଡଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ଅଜୟ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସେହିପରି ପୁରୁଣାପଡ଼ା ସ୍କୁଲ ଛକ କମିଟି ପକ୍ଷରୁ ଛାତ୍ରଛାତ୍ରୀ, ପୁରୁଷ, ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ସମ୍ମାନିତ ଅତିଥି ଭାବେ ୧୫ ନଂ ୱାର୍ଡ଼ର କାଉନସିଲର ମାନସୀ ଜେନା, କେନ୍ଦ୍ର ଗୃହ ବିଭଗର ତଦନ୍ତକାରୀ ସଂସ୍ଥା, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ରଜତ କୁମାର ପ୍ରଧାନ, ଦୋଳ ଉତ୍ସବ କମିଟିର କେନ୍ଦ୍ରୀୟ ସଭାପତି ଇନ୍ଦ୍ରଜିତ ମହାକୁଡ, ସଚ୍ଚିଦାନନ୍ଦ ମହାକୁଡ, ଆଶ୍ୱିନ ପ୍ରଧାନ, ଉମା ଚରଣ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ଭାବେ ପୁରୁଣାପଡ଼ା ଜ୍ୟୋତି ସମ୍ମାନରେ ସ୍ୱର୍ଗତ ନିରଞ୍ଜନ ବିଦ୍ରୋହୀ (ପ୍ରଧାନ), ବଳରାମ ଡାକୁଆ, ତ୍ରିନାଥ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଦୋଳ ଯାତ୍ରାରେ ନିଜର ଅମ୍ଳାନ ସ୍ୱାକ୍ଷର ଛାଡିଥିବା ବାସୁ ଚନ୍ଦନ, ଇନ୍ଦ୍ରମଣି ଡାକୁଆ, ରାମଚନ୍ଦ୍ର ସ୍ୱାଇଁ, ଗଜିନ୍ଦ୍ର ଡାକୁଆଙ୍କୁ ମଧ ପୁରୁଣାପଡ଼ା ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ସନ୍ତୋଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । କର୍ମଭୂମି ପାଣି ପରିଛା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀରାଧାକୃଷ୍ଣ ମନ୍ଦିର ଦୋଳ ଉତ୍ସବ

**ଭବାନୀପାଟଣା:** ଭବାନୀପାଟଣା ସହର ଅନ୍ତର୍ଗତ ପୁରୁଣାପଡ଼ା ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ଦୋଳ ଉତ୍ସବ ଅବସରରେ ପୁରୁଣା ପଡ଼ା ଗଙ୍ଗା ଦେବୀ ମନ୍ଦିର ଛକରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି । କମିଟି ସଭାପତି ଇନ୍ଦ୍ରଜିତ ମହାଖୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାଯର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ଅଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ସଂସ୍କୃତି ଗବେଷକ ଧ୍ୟାନାନନ୍ଦ ପଣ୍ଡା, ଇଞ୍ଜିନିୟର ନିରଞ୍ଜନ ପ୍ରଧାନ, ୧୪ ୱାର୍ଡ ର କାଉନସିଲର ଶ୍ରୀମତୀ ରଞ୍ଜୁକ୍ତା ପ୍ରଧାନ, ମନମୋହନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ନାୟକ ଯୋଗଦେଇଥିଲେ । ଆକାଶବାଣୀ ଉଦଘୋଷକ ଆଲୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । କୁନି କୁନି ଶିଶୁ ମାନଙ୍କ ମଧ୍ୟରେ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଗୀତିନାଟ୍ୟ 'ରାଧା ମାଜିଷ୍ଟ୍ରେଟ କୃଷ୍ଣ ମୁଦାଲା' ପରିବେଷିତ ହୋଇଥିଲା । ସକ୍ଷମ ନୃତ୍ୟ ଏକାଡେମୀର କଳାକାରଙ୍କ ଦ୍?ାରା ପରିବେଷିତ ଏହି ଗୀତିନାଟ୍ୟକୁ ନିର୍ଦ୍ଦେଶନା ଦେଇଥିଲେ ଲିପ୍ସାରାଣୀ ବାରିକ ।ଶେଷରେ ଆଲୋକ କୁମାର ସାହୁ ଧନ୍ୟବାଦ୍ ଅର୍ପଣ ଦେଇଥିଲେ । ଏହି କାର୍ଯକ୍ରମରେ ବିକାଶ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନ, ପରୀକ୍ଷିତ ବିଶ୍?ାଳ, ଦୀପକ ସାହୁ, ମନୋଜ ଡାକୁଆ, ତିରୁପତି ପ୍ରଧାନ, ଟୁନା ପ୍ରଧାନ, ସଞ୍ଜୟ ମହାରଣା, ଶଙ୍କର ମହାରଣା, ଭବେନ୍ଦ୍ର ଡାକୁଆ, ଆୟୁଷ ସ୍ୱାଇଁ, ରୁପେଶ ପ୍ରଧାନ, ପ୍ରମୂଖ ସହଯୋଗ କରିଥିଲେ ।

# ଧର୍ମଗଡ଼ରେ ନୂତନ ଡିଏସ୍‌ପିଙ୍କ ଯୋଗଦାନ

**ଧର୍ମଗଡ଼, ୫ ।୩(ସମିସ):** ଧର୍ମଗଡ଼ ଉପଖଣ୍ଡର ନୂତନ ତଥା ପ୍ରଥମ ମହିଳା ଡିଏସପି ଭାବେ ସୁଶ୍ରୀ ଭର୍ଷିଥା



ଅଡେପୁ(ଆଇପିଏସ) କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏଠାରେ କାର୍ଯ୍ୟରତ ଡିଏସପି ଡୋଳାମଣି ଭୋଇ ପଦୋନ୍ନତି ପାଇ ଭବାନୀପାଟଣା ହେଡକ୍ୱାଟରକୁ ଅତିରିକ୍ତ ଏସ୍‌ପି ଭାବେ ବଦଳି ହେବା ପରେ ସୁଶ୍ରୀ ଭର୍ଷିଥା ଅଡେପୁ, ଆଇପିଏସ ଗତ ୨୩ ଫେବୃଆରୀରେ ଧର୍ମଗଡ଼ରେ ଯୋଗ ଦେଇଛନ୍ତି । ତେଲେଙ୍ଗାନା ରାଜ୍ୟର ୨୦୨୧ ବ୍ୟାଚ ଓଡ଼ିଶା କ୍ୟାଡରର ଆଇପିଏସ ସୁଶ୍ରୀ ଅଡେପୁ ଏଥି ପୂର୍ବରୁ ଅନୁଗୁଳ ଜିଲ୍ଲାରେ ପ୍ରୋବେସନରେ କାର୍ଯ୍ୟରତ ଥିଲେ । ନିକଟରେ ନୂଆପଡ଼ା ଉପ ନିର୍ବାଚନରେ ଦାୟିତ୍ୱ ମଧ ତୁଲାଇଥିଲେ ।

# ନାବାଳିକାକୁ ଅପହରଣ ଅଭିଯୋଗ

**କଲମପୁର, ୫ ।୩(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ନୂଆଗାଁର ଜଣେ ଯୁବକ ଜନୈକା ନାବାଳିକାକୁ ନେଇ ଫେରାର ହୋଇଥିବା ଅଭିଯୋଗ ହୋଇଥିଲା । ଦୀର୍ଘଦିନର ଲୁଚକାଳି ଖେଳ ପରେ ସମ୍ପୃକ୍ତ ଯୁବକ ଓ ନାବାଳିକାଙ୍କୁ ପୁଲିସ ହାଇଦ୍ରାବାଦରୁ ଉଦ୍ଧାର କରିଥିଲେ । ନାବାଳିକାକୁ ସ୍ୱଧାର ଗୃହକୁ ପଠାଇବା ସହିତ ସମ୍ପୃକ୍ତ ଯୁବକଙ୍କୁ ପୋକ୍‌ସୋ କୋର୍ଟକୁ ଚାଲାଣ କରିଥିଲେ ।ପୁଣି ଅନୁରୂପ ଘଟଣା ସମ୍ପୃକ୍ତ ଗ୍ରାମରେ ଘଟିଛି । ଗ୍ରାମର ଜନୈକ ଯୁବକ ଜନୈକା ନାବାଳିକାକୁ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗର ଦଶଦିନ ପରେ ମଧ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇନାହିଁ । ଏନେଇ କଲମପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର ତଦନ୍ତ ଚାଲିଛି । ଏପର୍ଯ୍ୟନ୍ତ ସେମାନଙ୍କର କୌଣସି ସନ୍ଧାନ ମିଳିନାହିଁ ବୋଲି କହିଛନ୍ତି ।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



**ଭବାନୀପାଟଣା, ୫ ।୩(ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଅସହାୟ ଓ ଭିନ୍ନକ୍ଷମଙ୍କୁ ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ମାଁ ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ ବସୁଥିବା ଅସହାୟ ଓ ଭିନ୍ନକ୍ଷମ ଭିକ୍ଷୁକଙ୍କୁ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଛତା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ଜୋନ ମହିଳା ସଭାନେତ୍ରୀ ଲଳିତା ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ବରିଷ୍ଠ ବିଜେଡି ନେତା ଧର୍ମେନ୍ଦ୍ର ନାଏକ, ପ୍ରଶାନ୍ତ ନାଏକ, କାଉନସିଲର କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ମହେନ୍ଦ୍ର ରାଉତ, ଯୁବ ନେତା ତ୍ରିଲୋଚନ ପାଣିଗ୍ରାହୀ, ଭୋଳାନାଥ ନାଗ, ଗଣେଶ ବାଗ, ମାନସ ସିନ୍ଦୂର, ନିମସ ତାଣ୍ଡି, ମିଳନ ମୁଣ୍ଡ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅମ୍ପାୟାର, ଭାଷ୍ୟକାରଙ୍କ କ୍ରିକ୍ ମିଳନ କାର୍ଯ୍ୟକ୍ରମ




**ସିନାପାଲି, ୫ ।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି କାପସିସ୍ଥିତ ମଣ୍ଡି ପଡ଼ିଆରେ ଅମ୍ପାୟର ଏବଂ ଭାଷ୍ୟକାରଙ୍କ କ୍ରିକ୍ ମିଳନ-୨ କାର୍ଯ୍ୟକ୍ରମ ସଭାପତି ଥବିର ଦୀପଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଖଡ଼ିଆଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌତମ ତାଣ୍ଡି ଉପସ୍ଥିତ ରହି ସଂଗଠନର ଉଜ୍ଜଳ ଭବିଷ୍ୟତ କାମନା ସହ ସଦାସର୍ବଦା ସେ ଏହାକୁ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ସାଗର ସମ୍ମାନିତ ଅତିଥି ଭାବେ ତଥା ଓସିଏ ପେନାଲ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ତେଜନ ଦୁର୍ଗା, ବରିଷ୍ଠ ଅମ୍ପାୟର ବସନ୍ତ ଶବର, ଭାଷ୍ୟକାର ବିନୟ ସାହୁ, ସମ୍ପାଦକ ସହ ସମ୍ପାଦକ ସୌରି ସାହୁ ଏବଂ ସଞ୍ଜୟ ମେହେର, ବରିଷ୍ଠ କ୍ରିକେଟ ବିଶେଷଜ୍ଞ ପଦ୍ମନ ବିଶି ମଞ୍ଚାସୀନ ଥିବା ବେଳେ ସରପଞ୍ଚ ପ୍ରତିନିଧି ବୁଦ୍ଧଦେବ ମେହେର ଉପସ୍ଥିତ ଥିଲେ । ଏଥିରେ ଓଡ଼ିଶା ସହ ପଡୋଶୀ ଛତିଶଗଡ଼ରୁ ଶତାଧିକ ଅମ୍ପାୟାର ଏବଂ ଭାଷ୍ୟକାର ଉପସ୍ଥିତ ଥିଲେ । ଭାଷ୍ୟକାର ତଥା ଉପସଭାପତି ନରେନ୍ଦ୍ର ନାଏକ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ପରେ ଉଭୟ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା ଭାଷ୍ୟକାର ଦଳ ୧୧ ରନରେ ଅମ୍ପାୟାର ଦଳକୁ ପରାସ୍ତ କରିଥିଲେ । ଅତିଥିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆୟୋଜକ ସିନାପାଲିରୁ ନରେଶ ମାଝୀ, ପୟୋଜ କଶ୍ୟପ, ବିନ୍ଦୁସାଗର ମେହେର, ବିକାଶ କଶ୍ୟପ ଗୁରୁ ଦାୟିତ୍ୱ ବହନ କରିଥିବା ବେଳେ ଅଜୟ ବାଗ, ଧନଞ୍ଜୟ ମେହେର, ମଦନ ଘିଭେଲା, ପରମେଶ୍ୱର ମେହେର, ବିଦ୍ୟାଧର ସା ପ୍ରମୁଖ ବିଶେଷ ସହଯୋଗ ପ୍ରଦାନ କରିଥିଲେ ।

# ନଙ୍ଗଲବୋଡ଼ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସିନାପାଲି, ୫ ।୩ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନଙ୍ଗଲବୋଡ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବରେ ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଶିକ୍ଷାର ଗୁରୁତ୍ୱ, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଜିଲ୍ଲା ଶିକ୍ଷା ବିଭାଗର ଡିଆଇ ଉଦୟ ସିଂହ ମାଝୀ ଉପସ୍ଥିତ ରହି ବିଦ୍ୟାଳୟର ଶିକ୍ଷାଗତ ଉନ୍ନତି ଓ ସଫଳତାକୁ ପ୍ରଶଂସା କରିଥିଲେ । ସହ ଶିକ୍ଷକ ସୁନିଲ ହେର୍ଣ୍ଣ । ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ଅନ୍ୟତମ ସହ ଶିକ୍ଷକ ହରେକୃଷ୍ଣ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ । ଏ ଅବସରରେ ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥିସହ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ




ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ଡବ୍ଲୁଇଓ ସୁନିଲ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ଜଗଦୀଶ ମାଝୀ, ସିଆରସିସି ତରୁଣ କୁମାର ମେହେର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ହଳଧର ମାଝୀ, ଗିରିରାଜ୍ ମାଝୀ ଏବଂ ଖଇରପଦର୍ ଆଶ୍ରମ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗ ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହ ଶତାଧିକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହ ଶିକ୍ଷକ ଡିଗ୍ରେ ରାଜ ସା, ଡିଙ୍ଗର ସୁନାନି, ସହଦେବ ମାଝୀ, ଅଣ ଶୈକ୍ଷିକ କର୍ମଚାରୀ ପାଦୁକା ଜଗତ, ଶୋଭା ମାଝୀ, ଓଁକାର ମାଝୀ, ଅନୁସୁୟା ମାଝୀ, ଦୂର୍ମିଳା ମାଝୀ, ହେମଙ୍ଗିନି ବାଗ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ଖଗେଶ୍ୱର ମାଝି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୋକସରା, ୫ ।୩(ସମିସ):** କୋକସରା ଥାନା ଲଡୁଗାଁ ନିକଟ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ବୁଧବାର ସକାଳେ ଜୟପାଟଣା ବ୍ଲକ ଅଁଳାଭଟା ପଞ୍ଚାୟତ ଶାଗଯୋର ଗ୍ରାମର ସୁବାସ ଚନ୍ଦ୍ର ଦାସ (୬୫)ଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ଗାଁ ନିକଟସ୍ଥ କେନାଲକୁ ବୃଦ୍ଧ ସୁବାସ ଗାଧେଇବାକୁ ଯାଇ କେନାଲର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ତେବେ ତାଙ୍କର ମୃତଦେହ ଲଡୁଗାଁ ନିକଟ କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ କେନାଲ କର୍ମଚାରୀଙ୍କୁ କହିବା ପରେ ସେମାନେ କୋକସରା ଥାନା ପୁଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ । ଏହା ପରେ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ କେନାଲ ପାଣିରୁ ବୃଦ୍ଧଙ୍କ ଶବକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲେ ।ପୁଲିସ ଶବ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ ।କୋକସରା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଜୟପାଟଣାରେ ବିପର୍ଯ୍ୟସ୍ତ ରବି ଚାଷ

# ଦାଦନ ସମସ୍ୟା ଓ ଚାଷୀଙ୍କ ଦୁର୍ଦ୍ଦଶା

**ଜୟପାଟଣା, ୫ ।୩(ସମିସ)**

କଳାହାଣ୍ଡି ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଜୟପାଟଣା ଅଞ୍ଚଳରେ ଚଳିତ ରବି ଚାଷ ଗମ୍ଭୀର ସଙ୍କଟ ଦେଇ ଗତି କରୁଛି । ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ଶେଷ ହେବାକୁ ବସିଥିଲେ ମଧ ଏବେ ସୁଦ୍ଧା ୪୦ ପ୍ରତିଶତ ଜମିରେ ଧାନ ରୁଆ କାର୍ଯ୍ୟ ଶେଷ ହୋଇପାରିନାହିଁ । ଏହାର ମୁଖ୍ୟ କାରଣ ସାଜିଛି 'ଶ୍ରମିକ ଅଭାବ' । ଗୋଟିଏ ପଟେ କାମ ନପାଇ ଜିଲ୍ଲାର ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୃତ୍ୟୁମୁଖରେ ପଡୁଥିବା ବେଳେ, ଅନ୍ୟପଟେ ନିଜ ଅଞ୍ଚଳର ଚାଷ ଜମିରେ କାମ କରିବାକୁ ସ୍ଥାନୀୟ ଶ୍ରମିକ ଅନିଚ୍ଛା ପ୍ରକାଶ କରିବା ଏକ ବଡ଼ ବିଡ଼ମ୍ବନା ସୃଷ୍ଟି କରିଛି । ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ଟୋକନ ବିଳମ୍ବରେ ମିଳିବା ଏବଂ ମଣ୍ଡି ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ରବି ଚାଷ କାର୍ଯ୍ୟ ଡେରିରେ ଆରମ୍ଭ କରିଥିଲେ । ଯଦିଓ ଜାନୁଆରୀ ୭ ତାରିଖରୁ ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳଯୋଗାଣ ଆରମ୍ଭ ହୋଇଥିଲା, କିନ୍ତୁ ଶ୍ରମିକ ସଙ୍କଟ ଯୋଗୁଁ ରୁଆ କାର୍ଯ୍ୟ ଆଗେଇ ପାରୁନାହିଁ । ସାଧାରଣତଃ ଫେବୃଆରୀ ସୁଦ୍ଧା ଶେଷ ହେଉଥିବା



ଚାଷ କାର୍ଯ୍ୟ ମାର୍ଚ୍ଚରେ ପହଞ୍ଚିଥିବାରୁ, ଆଗାମୀ ଦିନରେ ଧାନ ଅମଳ ପ୍ରଭାବିତ ହେବା ସହ ପୁଣିଥରେ ମଣ୍ଡି ସମସ୍ୟା ଉପୁଜିବା ଆଶଙ୍କା କରାଯାଉଛି । କଳାହାଣ୍ଡିରୁ ହାଇଦ୍ରାବାଦ, ତେଲେଙ୍ଗାନା ଏବଂ ଗୁଜୁରାଟ ଭଳି ସ୍ଥାନକୁ କାମ ସନ୍ଧାନରେ ଯାଇ ଶ୍ରମିକଙ୍କ ଶବ ଫେରିବା ଏବେ ନିତିଦିନିଆ ଘଟଣା ହୋଇଗଲାଣି । ଏହି ଦାଦନ ସମସ୍ୟାକୁ ନେଇ ରାଜନେତାମାନେ ସରକାରଙ୍କୁ ସମାଲୋଚନା କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ।ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ପ୍ରାୟ ଏକ ଲକ୍ଷ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ ହେଉଛି । ଜଣେ ଶ୍ରମିକ ଚାଷ ଜମିରେ କାମ କଲେ ଦୈନିକ ୩୦୦ ରୁ ୪୦୦ ଟଙ୍କା ପାଉଛନ୍ତି । ଏପରିକି ଚାଷୀ ଏକର ପିଛା ୫୦୦୦ ଟଙ୍କା ଦେବାକୁ ରାଜି ଥିଲେ ମଧ ଶ୍ରମିକ ମିଳୁନାହାନ୍ତି । ଯେଉଁ ଜିଲ୍ଲାରେ ବର୍ଷ ସାରା ଚାଷ କାର୍ଯ୍ୟ ପାଇଁ ଶ୍ରମିକ ଆବଶ୍ୟକ ହୁଏ, ସେଠାରେ ଲୋକେ କାମ ନପାଇ ବାହାରକୁ ଯାଉଛନ୍ତି ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ? ସ୍ଥାନୀୟ ଶ୍ରମିକମାନେ ନିଜ ଭିଟାମାଟିରେ ଚାଷ କାର୍ଯ୍ୟ କରିବାକୁ ଲାଜ କରୁଛନ୍ତି ନା ଅନ୍ୟ କୌଣସି କାରଣ ରହିଛି, ତାହା ଏବେ ଚର୍ଚ୍ଚାର ବିଷୟ । ଶ୍ରମିକଙ୍କ ଏହି ବିମୁଖତା ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି ଏବଂ ଅଞ୍ଚଳର ଅର୍ଥନୀତି ପ୍ରଭାବିତ ହେଉଛି । ଯଦି ଏହି ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ କଳାହାଣ୍ଡିର କୃଷି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବାର ଭୟ ରହିଛି । ସରକାର ଓ ପ୍ରଶାସନ ଏହି ଶ୍ରମିକ ସମସ୍ୟା ଏବଂ ଦାଦନ ସଙ୍କଟର ସ୍ଥାୟୀ ସମାଧାନ ପାଇଁ ତୃଣମୂଳସ୍ତରରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ।

# ୟୁଜିସି ଆଇନକୁ ସମର୍ଥନ କରି ବିକ୍ଷୋଭ

**ବଲାଙ୍ଗିର,୫।୩(ସମିସ):** ବଲାଙ୍ଗିର ଜିଲ୍ଲା ଓବିସି, ଏସ୍‌ଟି, ଏସ୍‌ସି ମଞ୍ଚ ତଥା ଅନେକ ମୂଳନିବାସୀ ସଂଗଠନ ରାଜ୍ୟ ଓବିସି ମଞ୍ଚର ସଭାପତି ତଥା ଓବିସି ଏସ୍‌ଟି ଏସ୍‌ସି ମିଳିତ ମଞ୍ଚର ଆବାହକ ଶଙ୍କର ପାତ୍ରଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା କୋଶଲ କଳାମଣ୍ଡଳ ପଡିଆଠାରୁ ବାହାରି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୟୁଜିସି ଆଇନ-୨୦୨୬କୁ ସମର୍ଥନ ଜଣାଇ ବକ୍ତାମାନେ ନିଜର ବକ୍ତବ୍ୟ ରଖିଥିଲେ। ୟୁଜିସି ଆଇନକୁ ସୁପ୍ରିମକୋର୍ଟର ରହିତାଦେଶ ଦୁର୍ଭାଗ୍ୟଜନକ ବୋଲି ବକ୍ତାମାନେ ନିଜର ବକ୍ତବ୍ୟରେ କହିଥିଲେ। ଏହି ଆଇନକୁ ଆହୁରି କଡାକଡି କରି ତୁରନ୍ତ କାର୍ଯ୍ୟକାରୀ କରିବା ଓ ଜନଗଣନାରେ ଜନଗଣନା ଫର୍ଦ୍ଦର ୧୨ ନମ୍ବର ପ୍ରଶ୍ନରେ ଏସ୍‌ଟି, ଏସ୍‌ସି, ଅନ୍ୟାନ୍ୟ ସହିତ ସ୍ୱତନ୍ତ୍ର ଭାବେ ଓବିସିଙ୍କ ତଥ୍ୟ ସଂଗ୍ରହ କରିବାକୁ ବଲାଙ୍ଗିର ଜିଲ୍ଲାପାଳ ଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।




ୟୁଜିସି ଆଇନ ୨୦୨୬କୁ ସମର୍ଥନ ଜଣାଇ ଜନଗଣନା ୨୦୨୭ରେ ଓବିସିଙ୍କୁ ସ୍ୱତନ୍ତ୍ର ଭାବେ ସାମିଲ କରି ତଥ୍ୟ ସଂଗ୍ରହ କରିବା ଦାବି କରି ଆଦିବାସୀ ନେତା ସତ୍ୟନାରାୟଣ ଭୋଇ, ଓବିସି କୃଷକ ନେତା ଯତୀ ପ୍ରଧାନ, ରାଜ୍ୟ ଓବିସି ମଞ୍ଚ କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ, ରାସ ବିହାରୀ ମାଝୀ, ନିକେଶ କୁମ୍ଭାର, ଅଚ୍ୟୁତ କୁମ୍ଭାର, ପାଣ୍ଡବ କୁମ୍ଭାର, ଦିନେଶ ନାଗ, ଟଙ୍କଧର ଗଡତ୍ୟା, ଶାନ୍ତନୁ ଭୋଇ, ଜ୍ୟୋତିଷ ମୁଗ୍ରି, ସିତାରାମ କୁମ୍ଭାର, ବେଲାର ସିଂ ଭୋଇ, ଶଙ୍କର୍ଷଣ ପ୍ରଧାନ, ମନୋରଞ୍ଜନ ସାହୁ, ଉମା ସାହୁ, ଗଙ୍ଗାଧର ଖମାରୀ, ଆନନ୍ଦ ପଧାନ, ବାଳକୃଷ୍ଣ ଷାଣ୍ଡ, ଅଜୟ ବାରିକ, କୌଶଲ୍ୟା କୁମ୍ଭାର, ସୁବାସିନୀ ସାହୁ, ପୂର୍ଣ୍ଣଚନ୍ଦ୍ର ବଶ୍ୱାଳ, ସରୋଜ ମେଶ୍ରା, ବିରେନ୍ଦ୍ର ରାୟ, ନଟରାଜ ନାଗ, ଦଣ୍ଡୁଆ କୁମାର, ଲଳିତ ମହାନନ୍ଦ, ରମାକାନ୍ତ ରାବଣ, ରାଜେନ୍ଦ୍ର ବଘାର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ୧୮ରୁ ରାଜ୍ୟସ୍ତରୀୟ କୋଶଲି ନାଟବାଦୀ-ନାଟଯାତ୍ରା

**ବଲାଙ୍ଗିର,୫।୩(ସମିସ):** ସ୍ଥାନୀୟ ସଦାଇପାଲି ସାଇଟ୍ କଲେଜ ରାଧାକୃଷ୍ଣ ରଙ୍ଗମଣ୍ଡପରେ ଆସନ୍ତା ୧୮ରୁ ୨୧ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମହାକୋଶଲ କୋଶଲୀ ନାଟ୍‌ବାଦୀ-ନାଟ୍‌ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଆଜି ସାଇଟ୍ କଲେଜ ସଂପାଦକ ନାରାୟଣ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ବସିଥିଲା। ୪ଟି କୋଶଲୀ ନାଟକ ଓ ତିନୋଟି ଲୀଳା ନାଟକ ପ୍ରଦର୍ଶନ ହେବ। ବଲାଙ୍ଗିର ନଟରାଜ କଳା ପରିଷଦ ଅଶୋକ ବହିଦାରଙ୍କ ଲିଖିତ ତଥା ପ୍ରହଲ୍ଲାଦ ଦର୍ଜିଙ୍କ ନିର୍ଦ୍ଦେଶିତ 'ବା' ନାଟକ ପ୍ରଥମ ଦିନ ପ୍ରଦର୍ଶନ ହେବ। ଦ୍ୱିତୀୟ ରଜନୀରେ ସୁବର୍ଣ୍ଣପୁର ଜିଲ୍ଲାର ବୀଣାପାଣି କଳା ସଂସଦ ତରଫରୁ ନାଟ୍ୟକାର ସୁମନ୍ତ ଭୋଇଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକ 'ଗୁଟେ ରାତିର କଥା' ପ୍ରଦର୍ଶିତ ହେବ। ତୃତୀୟ ଓ ଚତୁର୍ଥ ଦିନ ବରଗଡ ଜିଲ୍ଲାର ସମର୍ପଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'ଆଏବା ସକାଳ' ଓ ସୌଖିନ କଳାକାର ସଂଘ 'କାଠର ଚୌକି' ମଞ୍ଚସ୍ଥ କରିବେ। ନାଟଯାତ୍ରାରେ ୩ଟି ଲୀଳାନାଟକ 'ଶବର ଭେଟ', 'ସୀତାଚୋରୀ' ଓ 'ସୀତାଠାବ' ମଞ୍ଚସ୍ଥ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଚଳିତ ବର୍ଷ ଅଧ୍ୟାପକ ଡ. ତୁଷାରକାନ୍ତ ସାହୁ (ସୋହେଲା)ଙ୍କୁ କୋଶଲ ଗୌରବ ନାଟ୍ୟ ସମ୍ମାନ ଏବଂ ସାହିତ୍ୟକ ରାଜିବ ଲୋଚନ ଆଚାର୍ଯ୍ୟ(ବଲାଙ୍ଗିର)ଙ୍କୁ କୋଶଲ ଗୌରବ ଭାଷା ସାହିତ୍ୟ ସମ୍ମାନ ଦିଆଯିବ। ୮ ଜଣ କଳାକାରଙ୍କୁ ନାଟ୍ୟ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଦିବଂଗତ କଳାକାର ସ୍ୱର୍ଗତ ପବିତ୍ର ନାଏକ ଓ ସ୍ୱର୍ଗତ ଉଗ୍ରେସନ ଷଡଙ୍ଗିଙ୍କ ଉଦ୍ଦେଶ୍ୟରେ ଚଳିତ ବର୍ଷର ସମସ୍ତ ନାଟକ ସମର୍ପଣ ହେବ। ତେବେ ସଭାରେ ହିମାଂଶୁ ପାଢୀ, ପ୍ରହଲ୍ଲାଦ ଦର୍ଜି, ଡା. ପ୍ରମୋଦ ମିଶ୍ର, ରାମ ପ୍ରସାଦ ଦାଶ, ଇଂ ନମିତା ପଟେଲ, ପ୍ରଫେସର ସ୍ନିଗ୍ଧାମିନତି ଦାନୀ, ଲୋପାମୁଦ୍ରା ମିଶ୍ର, ତୃପ୍ତିମୟୀ ମିଶ୍ର, ସନ୍ତୋଷ ବ୍ରହ୍ମା, ଆଦିତ୍ୟ ପଟ୍ଟନାୟକ, ଲୋକନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସାଇଟର ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ବୈଠକ

**ବଲାଙ୍ଗିର,୫।୩(ସମିସ):** ଟାଟା ପାୱାରର ଠିକା ସଂସ୍ଥା ଦାରୁବ୍ରହ୍ମ ପ୍ରାଇଭେଟ ଲିମିଟେଡ ଦ୍ୱାରା କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ବିଭିନ୍ନ ଦାବି ନେଇ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ବଲାଙ୍ଗିର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ଆଲୋଚନା ହୋଇଛି। ୧୦ରୁ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେରେ ଅହୋରାତ୍ର ଧାରଣା ପାଇଁ ଜଣାଇ ଦିଆଯାଇଛି। ଆଲୋଚନାରେ କାହ୍ନୁ ଶତପଥୀ, ବିସ୍ମୟ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଜୟନ୍ତୀରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ





**ବଲାଙ୍ଗିର,୫।୩(ସମିସ)**

ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ପ୍ରବାଦ ପୁରୁଷ ତଥା ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଛି। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ନରସିଂହ ବାଗ, ଧ୍ରୁବ ୟୁଏଡ, ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ବୁଲୁ ରାଉତରାୟ, ଲକ୍ଷ୍ମଣ ମେହେର, ବିଧୁ ଭୂଷଣ ତ୍ରିପାଠୀ, ଶିବ ପ୍ରସାଦ ବେହେରା, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଗଙ୍ଗାଧର ଚାନ୍ଦ, କିଶୋର କୁମ୍ଭାର, ଲଲାଟେନ୍ଦୁ ପଟ୍ଟନାୟକ, ନନ୍ଦିନୀ ପୋଢ, ସଞ୍ଜୁଲତା ଦନ୍ତା, ସସ୍ମିତା ନନ୍ଦ, ପ୍ରତିମା ଛତ୍ରିଆ, ବଲାଙ୍ଗିର ବ୍ଲକ ସଭାପତି ନିହାର ରଞ୍ଜନ ସ୍ୱାଇଁ, ଦେଓଗାଁ ବ୍ଲକ ସଭାପତି ଅଚ୍ୟୁତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଦନ୍ତା, ସୁମନ ନନ୍ଦ, ଗୁଞ୍ଜି ଖାନ, ଦେବାଶିଷ ଲେଙ୍କା, ଜିତେନ୍ଦ୍ର ମିଶ୍ର, ଦିଲୀପ ବରର୍ତ୍ତା, ରମେଶ ବେହେରା, ସଞ୍ଜୀବ ନାଥ, ସୁବ୍ରତ ଉପାଧ୍ୟାୟ, ବଣ୍ଟି ଚାନ୍ଦ, ଆଶୀର୍ବାଦ ସାହୁ, ଦୀପକ ବେହେରା, ବିରସେନ ସାହୁ, ସରୋଜ ସ୍ୱାଇଁ, ବନମାଳି ବାଗ, ଚନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ବିଭୁତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଲୋଇସିଂହା:** ଲୋଇସିଂହା ଅଗ୍ରେସେନ ଭବନରେ ବିଜୁ ଜନତା ଦଳ ତରଫରୁ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଛି। ଲୋଇସିଂହା ବ୍ଲକ ବିଜେଡି ସଭାପତି ସରୋଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିହାର ରଞ୍ଜନ ବେହେରା, ଆକାଶ ମିଶ୍ର, ଆଗଲପୁର ବ୍ଲକ ଉପାଧ୍ୟକ୍ଷା ନିରୁପମା ପଧାନ, ଲୋଇସିଂହା ବ୍ଲକ ମହିଳା ସଭାପତି ଜ୍ୟୋସ୍ନାମୟୀ ନାଗ, ଜିଲ୍ଲା




ପରିଷଦ ସଭ୍ୟା ବୀଣାପାଣି ଦାସ, ବିଜେଡି ଜିଲ୍ଲା ମହିଳା ଉପସଭାପତି ବବିତା ପୁଟେଲ, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ସୁରେଶ ନାଏକ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବିଜୟ ଦାଶ ଓ ଗୋବର୍ଦ୍ଧନ ସାହୁ, ପଞ୍ଚୁ ପଧାନ, କୈଳାଶ ବରିହା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ୧ ନମ୍ବର ୱାର୍ଡରେ ଥିବା ଗୋଷ୍ଠୀ କେନ୍ଦ୍ରରେ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁଙ୍କ ନେତୃତ୍ୱରେ ଏହା ପାଳିତ ହୋଇଛି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ଗୋପା ମାହାନନ୍ଦ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, କଣ୍ଟାବାଞ୍ଜି ବିଜେଡ଼ି ନଗର ସଭାପତି କିଶୋର ମଛଖଣ୍ଡ,

ମୁରିବାହାଲ ବ୍ଲକ ସଭାପତି ସନ୍ୟାସୀ ପୁଟେଲ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ରାଧେଶ୍ୟାମ କେତକି, ତୁରେକେଲା ବ୍ଲକ ସଭାପତି ଖୁସିରାମ ନାଏକ, ଲାଲଚନ୍ଦ ପୁଟେଲ୍, ସୁବାଷ ଜୈନ, ଯୁବ ବିଜେଡ଼ି ନେତା ଡାକ୍ତର ଅଜମଦ ଖାଁ ପ୍ରମୁଖ ମଞ୍ଚାସୀନ ଥିଲେ।

ମନୋରଞ୍ଜନ ଭୋଇ, ପପୁ ସାହା, ମନୋଜ ଚଣ୍ଡୀ, ଗୁଡୁ ପନିକା, ଅଙ୍କିତ ଜସପାଳ, ବାବୁଲିନ ମାହାନନ୍ଦ



ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ କେନ୍ଦ୍ରରୁ ଏକ ଶୋଭାଯାତ୍ରା ବାହାରିଥିଲା। ଆମ୍ବେଦକର ଛକରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ଡାକ୍ତରଖାନାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ସେହିଭଳି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜୟନ୍ତୀ ପାଳିତ ହୋଇଛି। ଜନତା ଦଳ ନେତ୍ରୀ ନିରୁପମା ମାଝିଙ୍କ ନେତୃତ୍ୱରେ ଏହା ପାଳିତ ହୋଇଥିଲା। କଣ୍ଟାବାଞ୍ଜି ବିଜୁ ଜନତା ଦଳ କାର୍ଯ୍ୟାଳୟଠାରୁ ଏକ ବାଇକ ଶୋଭାଯାତ୍ରା ବାହାରିଥିଲା।

କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରରେ ପହଞ୍ଚିବା ପରେ ସେଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କଣ୍ଟାବାଞ୍ଜି ଚଟୁଅନକାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀ, ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦେବାର ବାରିକ, ପୂର୍ବତନ ସୈନିକ ତଥା ଯୁବ ବିଜେଡ଼ି ନେତା ଗିରିରାଜ ସିଂ ମାଝୀ, ପୂର୍ବତନ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧନଞ୍ଜୟ ମାହାନନ୍ଦ, ବିଜେଡ଼ି ନେତା ଆଶାଦୁଲା ଖାଁ, ଦେବରାଜ ଯାଦବ, ବିଜେଡ଼ି ନେତ୍ରୀ ପିଙ୍କି ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ପ୍ରସ୍ତୁତି

**ବଲାଙ୍ଗିର,୫।୩(ସମିସ):** ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ବୈଠକ ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ, ନେହରୁ ଯୁବ କେନ୍ଦ୍ର ସଂଘଠନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ସକାଳ ୬ଟା ୩୦ରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ସମୂହ ଯୋଗ ଶିବିର ଅନୁଷ୍ଠିତ ହେବ।




୭ ତାରିଖ ସକାଳ ୬ଟା ୩୦ରେ ସେହି ସ୍ଥାନରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ୮ ତାରିଖ ସକାଳ ୬ଟା ୩୦ରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରୁ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ୱକାଥନ ଆୟୋଜିତ ହେବ। ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବିଭିନ୍ନ ଖେଳ ପ୍ରତିଯୋଗିତାରେ ବିଜୟୀଙ୍କୁ ପୁରସ୍କୃତ କରାଯିବ। ୮ ତାରିଖରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଭୀମ ଭୋଇ ମେଡିକାଲ କଲେଜରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସୁଭଦ୍ରା ହିତାଧିକାରୀଙ୍କୁ ଚତୁର୍ଥ କିସ୍ତିର ଅର୍ଥ ପ୍ରଦାନ କରାଯିବ।

# ରାଣୀବନ୍ଧ ପୁନରୁଦ୍ଧାର ପାଇଁ ସଂକଳ୍ପ

**ବଲାଙ୍ଗିର,୫।୩(ସମିସ):** ରାଣୀବନ୍ଧର ପନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ତଥା ସୁରକ୍ଷା ପାଇଁ ବଲାଙ୍ଗିର ସହରର ୧୩, ୧୪, ୧୫, ୧୬ ନମ୍ବର ୱାର୍ଡର ଜନସାଧାରଣ ଏକାଠି ହୋଇଛନ୍ତି। ସ୍ଥାନୀୟ ଟିକ୍ରାପଡା ରାମଜୀ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କ ଆବାହକତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ମନୋରଂଜନ ସାହୁ, ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାୟକ, ଭଗବାନ ବରର୍ତ୍ତି, ଶିବ ରଥ, ଗୋପବନ୍ଧୁ ପୁରୋହିତ, ନୀଳମଣି ମିଶ୍ର, ଆଇନଜିବୀ ଭବାନୀ ଶଙ୍କର ଶତପଥୀ, ଜିଲ୍ଲା ଓକିଲ ସଂଘ ସଭାପତି ବାସୁଦେବ ରଥ, ଗାନ୍ଧୀ ପାଠାଗାର ସଭାପତି ପ୍ରକାଶ ନେପାକ, ବିଜେଡି ନେତା ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

● ମହୁରୁଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପୋଢ଼ମୁଣ୍ଡକୁ ହରାଇ କୁର୍ଲୁମାଲ ବିଜୟୀ

**ଖପ୍ରାଖୋଲ,୫।୩ (ସମିସ):** ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗାଁର ପ୍ରଥମବର୍ଷ କୋସଲ କପ୍ କ୍ରିକେଟ ପ୍ରତଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନରେ କୁର୍ଲୁମାଲ କ୍ରିକେଟ ଦଳ ଓ ପୋଢ଼ମୁଣ୍ଡ ଦଳ ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା। ଅମ୍ପାୟାର ଭାବେ ଜଗନ୍ନାଥ ସାହାଣୀ ଓ ମାନସ ପଧାନ ଖେଳ ପରିଚାଳନା କରିଥିଲେ। ରିଙ୍କୁ ଭୋଇ ଓ ପ୍ରେମାନନ୍ଦ ଷାଣ୍ଡେ ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। କୁର୍ଲୁମାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ଜବାବରେ ପୋଢ଼ମୁଣ୍ଡ ଦଳ ୧୨ ଓଭରରେ ୧୦ ୱିକେଟ୍ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲା। କୁର୍ଲୁମାଲ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା। ନରେନ୍ଦ୍ର ଭୋଇ, ଶିବ ଭୋଇ, ଜନ୍ମେଜୟ ଭୋଇ, ରବୀନ ବରିହା ଓ ମହୁରୁଣ୍ଡି କୋସଲ କପ୍ କ୍ରିକେଟ କମିଟୀ ସଦସ୍ୟ ଅଭିଲାଷ ଭୋଇ, ଜୟରାଜ ଷାଣ୍ଡେ, ଓଁମକାର ପାଣ୍ଡେ, ରାଜେଶ କୁଅଁର, ଜଗନ୍ନାଥ ବରିହା, ପିଣ୍ଟୁ ବନଗୁଲା, ପପୁ ଭୋଇ, ରିପୁଲ ପଧାନ, ଶୁଭମ୍ ବନଗୁଲା, ସନ୍ତୋଷ ଷାଣ୍ଡେ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

# ଧଣ୍ଡାମୁଣ୍ଡା ଦୋଳ ଉତ୍ସବ ଉଦ୍‌ଯାପିତ

**ଖପ୍ରାଖୋଲ,୫।୩ (ସମିସ):** ଧଣ୍ଡାମୁଣ୍ଡା ଗାଁର ୮୬ ତମ ଦୋଳ ଉତ୍ସବ ଧୁମଧାମରେ ପାଳିତ ହୋଇଛି। ୩ ଦିନ ଧରି ଏହି ଉତ୍ସବ ଚାଲିଥିଲା। ଉଦ୍‌ଯାପନୀ ମଧ ରାତିରେ ହରିହର ଭେଟ୍ ବା ହରି ହରଙ୍କ ଦୋଳ ମେଲଣ ମୁଖ୍ୟ ଆକର୍ଷଣ ଥିଲା। ବୈଦ୍ୟନାଥ ମିଶ୍ର ଓ କମଳା ପତି ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ହରିଶ ସାହୁ, ଲୋକନାଥ ସାହୁ ଓ ଗୋଣ୍ଡିଆ ଉତ୍ତମ ବରିହା ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା କମିଟି ସଭାପତି ପଞ୍ଚାନନ ସାହୁ, ସମ୍ପାଦକ କ୍ଷୀରୋଦ ପଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ।

# ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି ତାଲିମ

**ବଲାଙ୍ଗିର,୫।୩(ସମିସ):** ସଇଁତଳା ବ୍ଲକ୍ ସମ୍ମିଳନୀ କକ୍ଷରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନେଇ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଯୋଜନା ପ୍ରସ୍ତୁତି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଗୋଲାପି ନାୟକ ବାଲ୍ୟ ବିବାହ ନିଷେଧ ଆଇନ୍, କନ୍ୟା ବିବାହ ଯୋଜନା ଉପରେ କହିଥିଲେ। ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସ୍ୱାଗତ ପାଣିଗ୍ରାହୀ, ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବରର୍ତ୍ତି, ଚାଇଲ୍ଡ ଲାଇନର ସୁଦାନ ଖମାରୀ ପ୍ରମୁଖଙ୍କ ସହ ଗୁଡଭେଲା ବ୍ଲକ୍‌ର ୧୩ ପଞ୍ଚାୟତର ସରପଞ୍ଚ, ଇଓ, ଏଡିଇଓ ଉପସ୍ଥିତ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ବାଳମୁକୁନ୍ଦ ଭିତିରିଆ ଧନ୍ୟବାଦ ଦେଇଥିଲେ।




# ସମ୍ପାଦକୀୟ



ଖାଦ୍ୟ ଅପଚୟ କରିବା, ଗରିବ ଓ ବୁଭୁକ୍ଷୁର ଖାଇବା ଥାଳିକୁ ଚୋରି କରି ନେବା ସହିତ ସମାନ।

ପୋପ୍ ଫ୍ରାନ୍ସିସ୍

ସକାଳ
THE SAKALA

## ଉତ୍କଟ ହେବ ସାର ସଙ୍କଟ!

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଭାରତରେ ଇନ୍ଧନ(ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ) ସମସ୍ୟା ସୃଷ୍ଟି ହେବ ଏବଂ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଇନ୍ଧନ ଆବଶ୍ୟକତାର ୮୮ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରୁଥିବା ଭାରତର ଏହି ଚିନ୍ତା ରୁଷ ସହାୟତାରେ କିଛି ପରିମାଣରେ ଟଳିଯାଇପାରେ। କିନ୍ତୁ ଆଗକୁ ସାର ହିଁ ଅସଲ ସଙ୍କଟ ସୃଷ୍ଟି କରିବାକୁ ଯାଉଥିବା କୃଷି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଭାରତ ଭଳି କୃଷିପ୍ରଧାନ ଦେଶ ଏ ପର୍ଯ୍ୟନ୍ତ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିନାହିଁ। ଏଣୁ ବିଶ୍ୱରେ ଯୁଦ୍ଧ ଭଳି ସଙ୍କଟ ସୃଷ୍ଟି ହେଲେ ଭାରତର କୃଷି ଅର୍ଥନୀତି ପ୍ରଭାବିତ ହେଉଛି। ଗତ ବର୍ଷ ପରିସ୍ଥିତି ସ୍ୱାଭାବିକ ଥିବା ସତ୍ତ୍ୱେ ଓଡ଼ିଶା ସମେତ ପଞ୍ଜାବ, ହରିଆଣା, ବିହାର, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶର ଚାଷୀମାନେ ସାର ପାଇଁ ନାହିଁ ନଥିବା ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଅହଂର ଯୁଦ୍ଧ ଚାଲିଥିବାରୁ ଏହା ଏତେଶୀଘ୍ର ପ୍ରଶମିତ ହେବାର ସମ୍ଭାବନା ଦେଖାଯାଉନାହିଁ। ତେଣୁ ମୌସୁମୀ ପୂର୍ବରୁ ଭାରତ ଏଥିପ୍ରତି ଆଗୁଆ ପଦକ୍ଷେପ ନେବା ଆବଶ୍ୟକ।

ଭାରତୀୟ କୃଷିରେ ଡିଏପି ଓ ୟୁରିଆର ଚାହିଦା ଅଧିକ। ଅପରପକ୍ଷରେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍ଓପିର ୧୦୦% ଆମଦାନୀ ଉପରେ ନିର୍ଭରଶୀଳ। ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଥିଲା। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସିବା ବ୍ୟତୀତ ବିକଳ୍ପ ନାହିଁ। ତେଣୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ଏବଂ ସାର ପହଞ୍ଚିବାରେ ବିଳମ୍ବ ହେବା ସ୍ୱାଭାବିକ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଭାରତର ଡିଏପି ଓ ୟୁରିଆ ଆମଦାନୀ ପ୍ରାୟ ୨୫% ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଏହିସବୁ କାରଣ ସହିତ ଭାରତର ଅସ୍ଥିମଜ୍ଜାଗତ ପରମ୍ପରା କଳାବଜାରୀ ମିଶିଗଲେ ଆଗକୁ ସାର ସଙ୍କଟ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ। ଏବେ ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ଏହାର ପ୍ରତ୍ୟକ୍ଷ ପ୍ରଭାବ ଦେଶର ଖାଦ୍ୟ ଉତ୍ପାଦନ ଓ ମୁଦ୍ରାସ୍ଫୀତି ଉପରେ ପଡ଼ିବା ଅନିବାର୍ଯ୍ୟ।

ଏଭଳି ଏକ ସମୟରେ କେନ୍ଦ୍ର ସରକାରଙ୍କ ସାର ବାବଦ ରିହାତି ନୀତି ଆଉ ଏକ ସଙ୍କଟ ସୃଷ୍ଟି କରିବାକୁ ଯାଉଥିବା ଅଭିଯୋଗ ହେଉଛି। ଏଣିକି କେନ୍ଦ୍ର ସରକାର ସାର ବାବଦ ରିହାତି କୃଷକମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ହସ୍ତାନ୍ତର(ଡିବିଟି) କରିବାକୁ ନିଷ୍ପତ୍ତି ନେଇଛନ୍ତି। ପାଇଲଟ୍ ପ୍ରକଳ୍ପ ଭାବରେ ପଞ୍ଜାବରେ ୧.୭ଟ୍ରିଲିୟନ୍(୧ ଟ୍ରିଲିୟନ=୧ଲକ୍ଷ କୋଟି) ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ଯିବ ବୋଲି ଘୋଷଣା ହୋଇସାରିଛି। ସାର ବାବଦ ରିହାତି ପ୍ରତ୍ୟକ୍ଷ ହସ୍ତାନ୍ତର ଦ୍ୱାରା ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ ଏବଂ ଏହାଦ୍ୱାରା ଚାଷୀମାନେ ନିଜ ଇଚ୍ଛା ଓ ସୁବିଧା ଅନୁଯାୟୀ ସାର କିଣି ବ୍ୟବହାର କରିପାରିବେ ବୋଲି ସରକାର ଯୁକ୍ତି କରିଛନ୍ତି। ଏହାଦ୍ୱାରା ମଧ୍ୟ କଳାବଜାରୀ ହ୍ରାସ ପାଇବ ବୋଲି ସରକାର ଆଶା କରିଛନ୍ତି। ଅପରପକ୍ଷରେ ଏହି ନୀତିର ବିରୋଧକାରୀଙ୍କ ମତରେ ଏହିକ୍ରମରେ ସରକାର ସାର ବାବଦ ରିହାତି ପରିମାଣ କ୍ରମାନ୍ୱୟରେ ହ୍ରାସ କରିବେ, ଯେଭଳି ଏବେ ରୋଷେଇ ଗ୍ୟାସ୍ ସିଲିଣ୍ଡରରେ ହେଉଛି।

ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସାର ବାବଦ ରିହାତି ରାଶି ସରକାର ସିଧାସଳଖ ସାର ଉତ୍ପାଦନକାରୀଙ୍କୁ ଦେଉଛନ୍ତି ଏବଂ ଚାଷୀମାନେ ସରକାରୀ ଘୋଷିତ ଦରରେ ସାର କିଣୁଛନ୍ତି। ଉଦାହରଣସ୍ୱରୂପ ଏବେ ୪୫ କିଲୋଗ୍ରାମ ଓଜନ ବିଶିଷ୍ଟ ୟୁରିଆ ସାର ବସ୍ତାକୁ ଚାଷୀମାନେ ୨୭୦ ଟଙ୍କାରେ କିଣୁଥିବା ବେଳେ ତାହାର ବାସ୍ତବ ମୂଲ୍ୟହେଉଛି ୨୪୦୦ ଟଙ୍କା। ଏହି ତଫାତ୍‌କୁ କେନ୍ଦ୍ର ସରକାର ଭରଣା କରୁଛନ୍ତି। ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନା ଲାଗୁ ହେବା ପରେ ଚାଷୀମାନଙ୍କୁ ସମ ପରିମାଣର ୟୁରିଆ୨୪୦୦ ଟଙ୍କା ଦେଇ କିଣିବାକୁ ପଡ଼ିବ। ନଗଦ ପ୍ରତ୍ୟକ୍ଷ ହସ୍ତାନ୍ତର ଯୋଜନାରେ ସରକାରଙ୍କର କିଛି ଲାଭ ହେବ ନାହିଁ, ଅଧିକନ୍ତୁ କୃଷି ଉତ୍ପାଦ ଖର୍ଚ୍ଚରେ ଏହି ରାଶି ଯୋଡ଼ି ହୋଇ ମହଙ୍ଗା ହେବ। ଏହାଛଡ଼ା ଏବେ ଆମ ଦେଶରେ ଭାଗଚାଷୀଙ୍କ ସଂଖ୍ୟା ଜମି ମାଲିକଙ୍କ ତୁଳନାରେ ଅଧିକ ଥିବାରୁ ଏହି ଯୋଜନାର ପ୍ରତ୍ୟକ୍ଷ ଲାଭ ପ୍ରକୃତ ହିତାଧିକାରୀ ପାଇବାରେ ଅନେକ ପ୍ରତିବନ୍ଧକ ସୃଷ୍ଟି ହେବ। ସାମଗ୍ରିକ ଭାବରେ ଦୀର୍ଘମିଆଦୀ ସମୟରେ କୃଷି ଋଣ ପରିମାଣ ବୃଦ୍ଧି ପାଇବ ଏବଂ କ୍ଷୁଦ୍ର ଓ ମଧ୍ୟମ ଚାଷୀମାନେ ପ୍ରତିଯୋଗିତା କରି ନ ପାରି କୃଷିକାର୍ଯ୍ୟ ଛାଡ଼ିବାକୁ ବାଧ୍ୟ ହେବେ। ଭାରତ ସରକାର ଆମେରିକା ସହିତ କରିଥିବା ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ସେଠାକାର କୃଷି ଉତ୍ପାଦର ଭାରତ ପ୍ରବେଶ ପାଇଁ ପଥ ସୁଗମ ହେବାକୁ ଯାଉଛି। ତେଣୁ ଏହି ବୁଝାମଣା ଆଧାରରେ ଭାରତ ସରକାରଙ୍କ ଏହା ଏକ ଗୁପ୍ତ କାର୍ଯ୍ୟକ୍ରମ ବୋଲି ମଧ୍ୟ ଅଭିଯୋଗ ହେଉଛି। ଡବ୍ଲୁଟିଓ କୃଷି ବାବଦ ରିହାତି ହ୍ରାସ କରିବାକୁ ଭାରତ ଉପରେ ବାରମ୍ବାର ଚାପ ପକାଇ ଆସୁଛି। ସିଧାସଳଖ ରିହାତି ହ୍ରାସ କଲେ ସରକାରଙ୍କୁ ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ତେଣୁ ଏହିକ୍ରମରେ ବା ଡିବିଟି ଜରିଆରେ ରିହାତି ବ୍ୟବସ୍ଥାର ଧାରା ପରିବର୍ତ୍ତନ କରି ଶେଷରେ ସମ୍ପୂର୍ଣ୍ଣ ପ୍ରତ୍ୟାହାର କିମ୍ବା ନାମକୁ ମାତ୍ର ଦେବାର ଧାରା ଲାଗୁ ହେଲେ ସେତେବେଳକୁ ଏହାକୁ ପ୍ରତିବାଦର ସ୍ୱର କିମ୍ବା ପ୍ରତ୍ୟାହାର କରିବାର ସମ୍ଭାବନା ମଉଳି ଯାଇଥିବ।

ତେଣୁ ଏକପକ୍ଷରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଅପରପାର୍ଶ୍ୱରେ କେନ୍ଦ୍ର ସରକାରଙ୍କ ସୁପରିକଳ୍ପିତ ସାର ରିହାତି ଯୋଜନାରେ ଆମ ଦେଶର ଚାଷୀମାନେ ହିଁ ନୟାନ୍ତ ହେବା ନିଶ୍ଚିତ। ଏହାର ପରୋକ୍ଷ ପୀଡ଼ିତ ହେବେ ଦେଶର ବିଶାଳ ଖାଉଟି ବର୍ଗ। ଦେଶର ଅର୍ଥନୀତି ମଧ୍ୟ ଏଥିରୁ ବର୍ତ୍ତିବ ନାହିଁ। ତେଣୁ ସରକାର ଏହି ଯୋଜନାକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପୂର୍ବରୁ ସଂସଦର ଚଳିତ ବଜେଟ୍ ଅଧିବେଶନରେ ଆଭିମୁଖ୍ୟ ସ୍ପଷ୍ଟ କରିବା ଆବଶ୍ୟକ।

# ଅନ୍ୟ ଏକ ସ୍ୱାଧୀନତା ସଂଗ୍ରାମର ଇସ୍ତାହାର

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଦିଲ୍ଲୀ ମହାନଗରୀର ସୁସଜ୍ଜିତ ଭାରତ ମଣ୍ଡପରେ ବସିଥିଲା ବଛା ବଛା ଏ.ଆଇ. ବିଜ୍ଞାନୀ, ବିଶାରଦମାନଙ୍କ ସମ୍ମିଳନୀ। ଖୁସି ଓ ଗର୍ବରେ ଫାଟି ପଡୁଥିଲେ 'ସବୁ ଭଲ, ସବୁ ସୁନ୍ଦର' ରଟି ହେବାରେ ଅଭ୍ୟସ୍ତ ହୋଇପଡ଼ିଥିବା ଭାରତମାତାଙ୍କ ସୁଯୋଗ୍ୟସନ୍ତାନ ଆମେ ସଭିଏଁ। ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ପ୍ରଚଣ୍ଡ ଦେଶାତ୍ମବୋଧଜନିତ ଭାବାବେଗରେ ଲୁତୁପୁତୁ ହୋଇ ପଡ଼ିଥିବା ପ୍ରଚଣ୍ଡ ମହତ୍ତ୍ୱାକାଂକ୍ଷୀ ନାଗରିକ ଆମେ। ଦେଶ ଆମର ଆଗେଇ ଚାଲିଛି ବୁଲେଟ୍ ଟ୍ରେନ୍‌ର ଗତିରେ। ଚାରି କି ପାଞ୍ଚ ଟ୍ରିଲିୟନ୍‌ର ଅର୍ଥନୈତିକ ମହାଶକ୍ତି ହେବାକୁ ଆଉ କେଇଟାବର୍ଷ ମାତ୍ର ବାକି। ଏ ଚମତ୍କାରିତା ପୁଣି ସମ୍ଭବ ହେବାକୁ ଯାଉଛି ଆମେ ଆମ ଧର୍ମ, ପରମ୍ପରା, ସଂସ୍କୃତିର ଧ୍ୱଜା ଉଡ଼ାଇ ଚାଲିଥିବା ବେଳେ, ଆମ ସନାତନୀ 'ଜ୍ଞାନାଲୋକ'ର ଶ୍ରେଷ୍ଠତାର ଆବେଗଘନ ଉଦ୍‌ଘୋଷଣା କରିଚାଲିଥିବା ବେଳେ। ସମଗ୍ର ବିଶ୍ୱ ତଟସ୍ଥ ମୁଦ୍ରାରେ ଦେଖିଚାଲିଛି 'ଭାରତୀୟତା'ର ନବାଭିଷେକ ଏଇ ଅତ୍ୟାଧୁନିକ କାଳଖଣ୍ଡରେ।

ମାତ୍ର ବହୁ ବିରୋଧାଭାସର ଆବର୍ତ୍ତ ଓ ସଂଗମ ହେଉଛି ଏ 'ଭାରତୀୟତା'ର ମଞ୍ଜ ସ୍ୱରୂପ। ଏହାର ସଦ୍ୟତମ ନମୁନାଟିଏ ଆମେ ପାଇଲେ ବିଶ୍ୱବିଶ୍ରୁତ ସର୍ବଧର୍ମ-ସମନ୍ୱୟୀ ଜଗନ୍ନାଥଙ୍କ ପାବନ ଭୂମି ଓଡ଼ିଶାରେ। ସମଗ୍ର ବିଶ୍ୱ ତେଣୁ ପୁନଶ୍ଚ ନିଶ୍ଚିତ ହୋଇଗଲା ଯେ ଏ ପ୍ରାଚୀନତମ ଭୂଖଣ୍ଡ ଆଧୁନିକତାର ପରସ୍ତ ପରସ୍ତ ପୋଷାକ ଯେତେ ପିନ୍ଧିଲେ ମଧ୍ୟ କଦାପି ହେଲେ ଭୁଲିଯିବ ନାହିଁ ତା'ର ସନାତନୀ ସଂସ୍କାର, ତା'ର ଗୌରବୋଜ୍ଜ୍ୱଳ ଐତିହ୍ୟ। କ'ଣ ସେ ସଂସ୍କାର, ସେ ଐତିହ୍ୟ? ତାହା ମୂଳତଃ ହେଉଛି ସ୍ପୃଶ୍ୟ-ଅସ୍ପୃଶ୍ୟ ଭେଦରେ ରେଖାଙ୍କିତ ହୋଇଥିବା ନାନାବିଧ ବିଚାର, ଆଦର୍ଶ ତଥା ଜୀବନଧାରା। ସଦ୍ୟତମ ନମୁନାଟିଏ ଆମ ଆଗରେ, ଏ ଆଇ କନ୍‌କ୍ଲେଭରେ ଯୋଗ ଦେଇଥିବା ଅତିଥିମାନଙ୍କ ଆଗରେ ଏବଂ ସମଗ୍ର ବିଶ୍ୱ ଆଗରେ ପେସ୍ କରିଦେଲା ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ ଅଖ୍ୟାତ ଗ୍ରାମ। ଉକ୍ତ ଗ୍ରାମସ୍ଥିତ ଅଙ୍ଗନବାଡ଼ିରେ ନିଯୁକ୍ତି ପାଇଥିବା ଜଣେ ଦଳିତ ବର୍ଗର ଯୁବତୀଙ୍କ ହାତରନ୍ଧା ଖାଦ୍ୟ ସେମାନଙ୍କ ପିଲାମାନେ ସ୍ପର୍ଶ କରିବେ ନାହିଁ ବୋଲି ହୁକୁମନାମାଟିଏ ଜାରି କରିଦେଲେ ସେହି ଗ୍ରାମର ତଥାକଥିତ ସବର୍ଣ୍ଣ ମୁଖିଆମାନେ। ଭାରତ ମଣ୍ଡପର ଏ.ଆଇ କନ୍‌କ୍ଲେଭର ସାମ୍ ଅଲଟାମ୍ୟାନ୍, ସୁନ୍ଦର ପିଚାଇ, ଡାରିଓ ଆମୋଡେଇମାନେ ବିକଶିତ ଭାରତ ପାଇଁ ଏ.ଆଇ ନକ୍‌ସାମାନ ଆଙ୍କୁଥିବା ବେଳେ ଭାରତୀୟ ସଂସ୍କାର, ଭାରତୀୟ ଐତିହ୍ୟର ଏମନ୍ତ ବିରୋଧାଭାସାକ୍ରାନ୍ତ ସ୍ୱରୂପ ସଂପର୍କରେ ନିଶ୍ଚୟ ଜାଣିଯାଇଥିବେ ଏବଂ ଏହା ବି ଏକପ୍ରକାର ନିଶ୍ଚିତ ଯେ ସେମାନେ ଯେତେ ବୁଦ୍ଧିମତ୍ତା ସଂପନ୍ନ ହେଲେ ମଧ୍ୟ ଏତାଦୃଶ ଜଟିଳତମ ଭାରତୀୟ ବିରୋଧାଭାସର କି ପ୍ରକାର ବ୍ୟାଖ୍ୟା କରିବେ, ସେ ସଂପର୍କରେ ଭାଳି ହୋଇଚାଲିବେ ଆପଣା ଆପଣାର ଏ.ଆଇ ଗବେଷଣାଗାରମାନଙ୍କରେ ବେଶ୍ କିଛିକାଳ ପର୍ଯ୍ୟନ୍ତ।

ବାସ୍ତବ ସତ୍ୟଟି ହେଉଛି ଯେ ଆମର ହଜାର କି ଦୁଇହଜାର ବର୍ଷ ତଳର ଧାର୍ମିକ, ସାଂସ୍କୃତିକ ତଥା ସାମାଜିକ ଦୃଷ୍ଟିକୋଣ ଓ ଜୀବନଧାରା ଏବେ ବି ସେମିତି ସତେଜ, ସକ୍ରିୟ ରହିଛି ଅକୃତ୍ରିମ କ୍ରିୟାଶୀଳତା ସହ ବର୍ତ୍ତମାନର ଏଇ କୃତ୍ରିମ ବୁଦ୍ଧିମତ୍ତାର କାଳଖଣ୍ଡରେ। ଆହୁରି, ଆହୁରି ତୀବ୍ରତାର ସହ ଆଚ୍ଛନ୍ନ କରିଚାଲିଛି ଆମର ଚିନ୍ତାଚେତନାକୁ, ଖାସ୍ ଆମର ରାଜନୈତିକ ନେତୃବୃନ୍ଦ ଏବଂ ଅନ୍ଧ ଅନୁଗତ ବୁଦ୍ଧିଜୀବୀମାନଙ୍କ ସୌଜନ୍ୟରୁ। ଏ ଭୂମିରେ ଗାନ୍ଧୀ, ନେହେରୁ ଆମ୍ବେଦକରମାନଙ୍କର ଆବିର୍ଭାବ ସତ୍ତ୍ୱେ, ସମତା, ବାକ୍‌ସ୍ୱାଧୀନତା, ଭ୍ରାତୃତ୍ୱଭାବ ଓ ବୈଜ୍ଞାନିକ ବିଚାରଶୀଳତା ପରି ସର୍ବୋତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରିତ ସମ୍ବିଧାନଟିଏ ଆମ ପାଖରେ ଥିବା ସତ୍ତ୍ୱେ ଏବଂ ସେହି ସମ୍ବିଧାନରେ ମାରାତ୍ମକ ଦୁର୍ଗୁଣ 'ଜାତିବାଦ'ର ବିଲୋପନ ପାଇଁ ଏକାଧିକ ଧାରା, ଉପଧାରା ଉଲ୍ଲିଖିତ ହୋଇଥିବା ସତ୍ତ୍ୱେ ଆମେ ପ୍ରାୟ ନିରବଚ୍ଛିନ୍ନ ଭାବରେ ଦେଖିଚାଲିଛେ କୋଟି କୋଟି ଦଳିତବର୍ଗର ମଣିଷମାନଙ୍କର ନିଷ୍ପେଷଣ।

ଯେତେବେଳେ ଆମପାଖରେ ଉନବିଂଶ ଶତାବ୍ଦୀର ଶେଷ ଚାରିଦଶକରୁ ବିଂଶ ଶତାବ୍ଦୀର ପଚାଶ ବା ଷାଠିଏ ଦଶକ ମଧ୍ୟରେ ଯୋଗଜନ୍ମା ଧର୍ମ, ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଓ ଆଧୁନିକ ଚେତନାର ଅଗ୍ରଗାମୀ ଚିନ୍ତକ, ବୈପ୍ଳବିକ ସାଧକମାନେ ଥିଲେ ଏବଂ ଜାତିପ୍ରଥା ରୂପକ ବିଭୀଷିକାର ମୂଳୋତ୍ପାଟନ ପାଇଁ ଉଦ୍ୟମରତ ଥିଲେ, ସେତେବେଳେ ଯେଉଁମାନେ ଆଦୌ କେଉଁ ରକ୍ଷଣଶୀଳ, ରୂଢ଼ିବାଦୀ ବା ପ୍ରଦୂଷିତ ଅସ୍ମିତାବୋଧରେ ଆକ୍ରାନ୍ତ ହୋଇ ନ ଥିଲେ, ସେମାନେ ଭାବି ନେଇଥିଲେ ଯେ ଜାତିପ୍ରଥା -ମହାମାରୀଟି ନିଶ୍ଚୟ ଆଉ କେଇଟି ବର୍ଷ ଭିତରେ ଆମ ଦେଶରୁ ମୂଳପୋଛ ହୋଇଯିବ। ଭାବି ନେଇଥିଲେ ଯେ ଆମ ଲୋକେ ଏଣିକି ଗୋଟିଏ ସୁନ୍ଦର, ସ୍ୱାସ୍ଥ୍ୟପ୍ରଦ ବାତାବରଣରେ ଜୀବନର ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ପାଇଁ ମୁକ୍ତ ଭାବରେ ଠିକଣା ପଦକ୍ଷେପମାନ ନେବେ। ଯୁଗ ଯୁଗ ଧରି ସମାଜର ଅନ୍ଧାର କୋଣମାନଙ୍କରେ ରହିବା ସେମାନଙ୍କ ଭାଗ୍ୟ ବା ପୂର୍ବଜନ୍ମର କର୍ମଫଳ ବୋଲି ଯେଉଁମାନଙ୍କୁ ବଡ଼ ବଡ଼ ଧର୍ମବେତ୍ତାମାନେ ବୁଝାଇ ଦେଇଛନ୍ତି, ସେହିମାନେ ଜାଣିଯିବେ ଯେ ସେ ସବୁ ତୁଚ୍ଛା କଳ୍ପନାପ୍ରସୂତ, ତୁଚ୍ଛା ଖଳଚିନ୍ତା ପ୍ରଣୋଦିତ। ସ୍ୱାଭାବିକ ଭାବରେ ଆମେମାନେ ନିଶ୍ଚିତ ହୋଇଯାଇଥିଲେ ଯେ ଗାନ୍ଧୀବାଦର ବିଜୟ ହେବ; ସ୍ପୃଶ୍ୟ, ଅସ୍ପୃଶ୍ୟ ଭେଦାଭେଦ ଦୂରୀଭୂତ ହୋଇଯିବ; ଶାନ୍ତି, ମୈତ୍ରୀ, ପ୍ରୀତିର ପତାକା ହିମାଳୟଠାରୁ କୁମାରୀକା ଯାଏ ଉଡ଼ିଚାଲିବ। କିନ୍ତୁ ଅତି ବେଦନାଦାୟକ ଭାବରେ ଏ ସୁନ୍ଦର ସ୍ୱପ୍ନଟି ଅଧୁରା ଏବେ ମଧ୍ୟ। ଆଜି ବି ଅର୍ଦ୍ଧାଧିକ ଭାରତୀୟ ଜାତିବାଦର ବିଷବଳୟ ଭିତରେ ପୀଡ଼ିତ, ନିର୍ଯ୍ୟାତିତ। ଆଜି ଗାନ୍ଧୀ, ନେହେରୁ, ଆମ୍ବେଦକରମାନଙ୍କୁ ଆମ ଚେତନା ରାଜ୍ୟରୁ ସଂପୂର୍ଣ୍ଣ ନିର୍ବାସିତ କରିବା ପାଇଁ ଛଳନା, ଶଠତା, ଧର୍ମାନ୍ଧତା ତଥା କ୍ଷମତା ଲୋଲୁପତାର କୁବୁଦ୍ଧିସଂପନ୍ନ ବିଚକ୍ଷଣମାନେ ଯେଉଁ ଖଳଚକ୍ରାନ୍ତମାନ କରି ଚାଲିଛନ୍ତି, ସେଥିରେ ସେମାନେ ପ୍ରାୟ ସଫଳକାମ। ଦୁଃଖଦ ପରିଣତିଟି ହେଉଛି ଜାତିବାଦର ବିଲୋପନ ଆଳରେ ଜାତିବାଦର ଦୃଢ଼ୀକରଣ ପାଇଁ ସେହିମାନଙ୍କ ଦ୍ୱାରା ଅଭିନବ ରାଜନୈତିକ, ସାଂସ୍କୃତିକ ତଥା ସାମାଜିକ ନୀତିନିୟମ, ବିଚାର ଆଦର୍ଶମାନଙ୍କର ଆବିଷ୍କାର କିମ୍ବା ଉଦ୍‌ଭାବନ।

ଏବେ ଆମେ ଶୁଣିସାରିଲେଣି ଯେ କେନ୍ଦ୍ରାପଡ଼ାର ସେ ଚର୍ଚ୍ଚିତ ଦଳିତ ଯୁବତୀଙ୍କ ହାତରନ୍ଧା ଖାଦ୍ୟ ସର୍ବସମ୍ମୁଖରେ ଆପଣା ଆପଣାର ପଦ୍ମମୁଖରେ ଗ୍ରହଣ କରିଛନ୍ତି ଆମ ସମାଜର ଆଗଧାଡ଼ିର ପ୍ରମୁଖମାନେ। ଯେଉଁ ସବର୍ଣ୍ଣମାନେ ଦଳିତ ଯୁବତୀଙ୍କ ବିରୋଧରେ ଫତୁଆ ଜାରି କରିଥିଲେ, ସେମାନଙ୍କୁ ବୁଝାଇ ଶୁଝାଇ ରାଜି କରିବାରେ ବି ସଫଳ ହୋଇଛନ୍ତି ସେମାନେ - ଏଣିକି ସେଇ ଅଙ୍ଗନବାଡ଼ିରେ ଯୁବତୀଙ୍କ ହାତରନ୍ଧା ଖାଦ୍ୟ ଖାଇବାକୁ ରାଜି ହୋଇଛନ୍ତି ସେହି ଗ୍ରାମର ସବର୍ଣ୍ଣ ପିଲାମାନେ। ଗଣମାଧ୍ୟମରେ ବଡ଼ ବଡ଼ ଶିରୋନାମାରେ ପ୍ରସାରିତ ହୋଇ ଚାଲିଥିଲା - ଦଳିତ ଯୁବତୀଜଣଙ୍କ ପାଇଁ ସବର୍ଣ୍ଣମାନଙ୍କ ମନରେ ଓ ହୃଦୟରେ ହଠାତ୍ ଝରି ଯାଇଥିବା ଏଇ ଦରଦ ଓ ସମବେଦନା। କେହି କିନ୍ତୁ ପଦଟିଏ ବି କେଉଁଠି କହିନାହାନ୍ତି ଦୀର୍ଘ ତିନିମାସ ଧରି ସେ ଯୁବତୀଜଣକ ଭୋଗିଥିବା ମାନସିକ ଯନ୍ତ୍ରଣା ସଂପର୍କରେ କିମ୍ବା ଜାତିବାଦର ବିଲୋପନ ପାଇଁ ଆବଶ୍ୟକ ହେଉଥିବା କଠୋର ପଦକ୍ଷେପ, ରାଜନୈତିକ ନୀତି ନିଷ୍ପତ୍ତି ସଂପର୍କରେ। କେହି ମଧ୍ୟ ପଦୁଟିଏ କହିନାହାନ୍ତି ଯେ ଘୃଣ୍ୟ ଜାତିପ୍ରଥା ଆଧାରିତ ବ୍ୟବସ୍ଥାମାନଙ୍କର ଚକ୍ରବ୍ୟୂହରେ କେବଳ କେନ୍ଦ୍ରାପଡ଼ାର ଏ ଯୁବତୀ ନୁହନ୍ତି, ଲକ୍ଷ ଲକ୍ଷ ଦଳିତବର୍ଗର ମଣିଷମାନେ ମଧ୍ୟ ପେଶି ହୋଇଚାଲିଛନ୍ତି ନିରନ୍ତର। କେହି ମଧ୍ୟ କହିନାହାନ୍ତି ଯେ ଯେଉଁ ତାଳିପକା, ପୂରାପୂରି ଲୋକଦେଖାଣିଆ ପଦକ୍ଷେପ ମାଧ୍ୟମରେ ନିର୍ଯାତିତା ଦଳିତ ଯୁବତୀଜଣଙ୍କୁ ନ୍ୟାୟ ପ୍ରଦାନ କରାଗଲା ବୋଲି ଆମେ ଡିଣ୍ଡିମ ପିଟି ଚାଲିଛେ, ସେପ୍ରକାର ପଦକ୍ଷେପ ମାଧ୍ୟମରେ କସ୍ମିନ୍ କାଳେ ଜାତିପ୍ରଥା- ସୃଷ୍ଟ ନିର୍ଯାତନା, ନିଷ୍ପେଷଣର ଅନ୍ତ ହେବ ନାହିଁ।

ଆମମାନଙ୍କୁ ପୂର୍ବଭଳି ସତ୍ୟକାମ ଜାବାଳୀମାନଙ୍କ କଥା କୁହାଯିବ, ପ୍ରଭୁ ରାମଚନ୍ଦ୍ର ଶବରୀର ଅଇଁଠା ଫଳ ଖାଇଥିବା କଥା କୁହାଯିବ, ଶ୍ରୀୟାଚଣ୍ଡାଳୁଣି ଓ ଲକ୍ଷ୍ମୀ ଠାକୁରାଣୀ, ସାଲବେଗ ଓ ଦାସିଆବାଉରୀମାନଙ୍କ କଥା କୁହାଯିବ। ବାରମ୍ବାର ଶୁଣାଇ ଦିଆ ହୋଇଚାଲିବ ଗୀତାରେ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀ 'ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ'। ଆମେ ପୂର୍ବଭଳି ମୋହିତ ହେବା, ଭ୍ରମିତ ହେବା ଏବଂ ଜାତିବ୍ୟବସ୍ଥା, ବର୍ଣ୍ଣାଶ୍ରମ ବ୍ୟବସ୍ଥାର ସକଳ କୁପରିଣାମ ପ୍ରତି ଆଖିକାନ ବୁଜି ଦେଇ ସ୍ୱାହା, ସ୍ୱସ୍ତିର ନିଃଶ୍ୱାସ ନେଇ ଚାଲିବା। କେଉଁଠି କେଉଁ ଦଳିତ ଜଣଙ୍କ ମର୍ମାନ୍ତିକ ମାନସିକ କିମ୍ବା ଶାରୀରିକ ନିର୍ଯାତନାର ଶରବ୍ୟ ହେଉଥିବା ବେଳେ କେଉଁଠି କେଉଁ ସଂପ୍ରଦାୟର କେହିଜଣେ ଭିଡ଼ହିଂସାରେ ଯନ୍ତ୍ରଣା ଭୋଗି ମରୁଥିବା ବେଳେ ଆମେ ରହିଥିବା ନିସ୍ପନ୍ଦ, ନିଶ୍ଚଳ ଓ ନିର୍ବିକାର। ଜାତିପ୍ରଥାର ସମୂଳ ଉତ୍ପାଟନ ପାଇଁ ଯେଉଁ ସାଲିସ୍‌ହୀନ ସଂଗ୍ରାମ ଲୋଡ଼ା, ତା'ରି ସମୟ ଉପନୀତ ବର୍ତ୍ତମାନ ବୋଲି କେହି କେବେ କହିବେ ନାହିଁ ଆମକୁ। ତେଣୁ ଆମକୁ ହିଁ ନିଷ୍ପତ୍ତି ନେବାକୁ ହେବ ଏବଂ ସେହି ସାଲିସ୍‌ହୀନ ସଂଗ୍ରାମର ଉଷ୍ମ, ଅଶାନ୍ତ ଓ ଅପ୍ରୀତିକର ଆହ୍ୱାନଗୁଡ଼ିକୁ ନିର୍ଭୟତାର ସହ ସମ୍ମୁଖୀନ ହେବା ପାଇଁ ବଜ୍ରଶପଥ ନେବାକୁ ହେବ।

ବୋଧହୁଏ ଅନ୍ୟ ଏକ ସ୍ୱାଧୀନତା ସଂଗ୍ରାମ ଆମକୁ ଆରମ୍ଭ କରିବାକୁ ହେବ ଏବେ, ଏଇ ଏକବିଂଶ ଶତାବ୍ଦୀର ସମସ୍ତ ପ୍ରକାରର ଘନଘଟା ମଧ୍ୟରେ। କେନ୍ଦ୍ରାପଡ଼ାର ଅଖ୍ୟାତ ଗ୍ରାମର ଦଳିତ ଯୁବତୀଜଣଙ୍କର ପୀଡ଼ା ହିଁ ସେହି 'ଅନ୍ୟ ଏକ ସ୍ୱାଧୀନତା ସଂଗ୍ରାମ'ରେ ଆମେ ପୂର୍ଣ୍ଣପ୍ରାଣରେ ଝାସ ଦେବା ପାଇଁ ଆମକୁ ପ୍ରେରଣା ଦେଇଚାଲିଥିବ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଯେ ଦେଶ ଯାଇ ସେ ଫଳ ଖାଇ

**ଜ୍ୟୋତିସ୍ମାନ୍ ଜେନା**

ସାମ୍ପ୍ରତି ଅନେକ ମେଟ୍ରୋସହରରୁ ମଝିରେ ମଝିରେ ଅଭିଯୋଗଟିଏ ଆସୁଛି ଯେ ହିନ୍ଦୁ ସଭ୍ୟତା ଓ ସଂସ୍କୃତିର ଆଉ ଆଦର ନାହିଁ। ସେଠି ଯାକଯମକରେ ସରସ୍ୱତୀ ପୂଜା ହେଉଛି ନା ହୋଲି ପାଳନ ଅଛି ନା ଦୀପାବଳି ନା ଦଶହରା! ଏହି ଅଭିଯୋଗଟି ଯେତିକି ଉଦ୍‌ବେଗଜନକ, ତା'ପଛରେ ଥିବା କାରଣଗୁଡ଼ିକ ମଧ୍ୟ ତତୋଧିକ ଆଲୋଚନାସାପେକ୍ଷ।

ଭାରତ ଏକ ବିବିଧ ଜଳବାୟୁ ଓ ଭୌଗୋଳିକ ପରିସ୍ଥିତି ସଂପନ୍ନ ବୃହତ ରାଷ୍ଟ୍ର। ତେଣୁ ପର୍ବପର୍ବାଣିଗୁଡ଼ିକ ପ୍ରାକୃତିକ ଋତୁଚକ୍ର, କୃଷି ଓ ଖଗୋଳୀୟ ଘଟଣା ସହ ଗଭୀର ସମ୍ପର୍କିତ। ଏପରିକି ରାଜ୍ୟମାନଙ୍କରେ ମଧ୍ୟ ପର୍ବପର୍ବାଣିରେ ତାରତମ୍ୟ ଦେଖା ଯାଇଥାଏ। ପଞ୍ଜାବରେ ଲୋହରୀ ପର୍ବ ଗହମ ଚାଷ ଅମଳ ଓ ଶୀତ ଋତୁ ଶେଷର ପାଳିତ ହୁଏ। ଆସାମରେ ମାଘବିହୁ, ତାମିଲନାଡୁରେ ପୋଙ୍ଗଲ, ସମଗ୍ର ଭାରତବର୍ଷରେ ମକର ସଂକ୍ରାନ୍ତି ପାଳନ କରାଯାଏ, ଯାହା ଫସଲ ଅମଳ ସହ ଜଡ଼ିତ। ସେହିସମୟରେ ଗୁଜରାଟରେ ସୂର୍ଯ୍ୟନାରାୟଣଙ୍କ ଉତ୍ତରାୟଣ ପାଳିତ ହୋଇଥାଏ, ଯେଉଁଥିରେ ଲୋକେ ଗୁଡ଼ି ଉଡ଼ାଇ ମଉଜ କରିଥା'ନ୍ତି।

ବସନ୍ତ ପଞ୍ଚମୀ ବସନ୍ତ ଋତୁର ଆଗମନକୁ ସୂଚାଏ ଏବଂ ଜ୍ଞାନ, ସଙ୍ଗୀତ ଓ କଳାର ଦେବୀ ସରସ୍ୱତୀଙ୍କ ପୂଜା ଦିନ ଭାବେ, ବିଶେଷକରି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଆସାମ ଆଦି ପୂର୍ବଭାରତୀୟ ଅଞ୍ଚଳରେ ଗୁରୁତ୍ୱପୂର୍ବକ ପାଳନ ହୁଏ। ଏହାର ପ୍ରଧାନ କାରଣ କେଉଛି ଏହି ଅଞ୍ଚଳଗୁଡ଼ିକ ଗଙ୍ଗା-ବ୍ରହ୍ମପୁତ୍ର ଉର୍ବର ଅଞ୍ଚଳ, ଯେଉଁଠାରେ ମାଘ ମାସରେ ସୋରିଷ ଓ ଅନ୍ୟାନ୍ୟ ଫୁଲ ଫୁଟିଥାଏ। ଏହାସହିତ ପୂର୍ବ ଭାରତରେ ଶିକ୍ଷା, ସାହିତ୍ୟ ଓ ସଙ୍ଗୀତରେ ଐତିହ୍ୟ ବଳବତ୍ତର ଥିବାରୁ ସରସ୍ୱତୀ ପୂଜା ବୃହତ୍ ପରିସରରେ ପାଳିତ ହୁଏ। ଜଳବାୟୁ ମଧ୍ୟ ଏହି ସମୟରେ ଅନୁକୂଳ ଥାଏ, ଯାହା ବାହାରେ ମଣ୍ଡପ ଓ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜା ପାଇଁ ଉପଯୁକ୍ତ। ତେଣୁ ବସନ୍ତ ପଞ୍ଚମୀ କେବଳ ଧାର୍ମିକ ଦିନ ନୁହେଁ; ଏକା ପ୍ରକୃତିର ପୁନର୍ଜୀବନ, ଶିକ୍ଷାର ଆରମ୍ଭ ଓ କୃଷିଚକ୍ରର ଏକ ନୂତନ ପର୍ବର ପ୍ରତୀକ ଭାବେ ପୂର୍ବଭାରତରେ ବିଶେଷ ମହତ୍ତ୍ୱ ରଖେ।

ଉତ୍ତରାଖଣ୍ଡରେ ଫୁଲଦେଇ, ମଣିପୁରରେ ୟାଓସାଂଗ, ଗୋଆରେ ସିଗମୋ ଆଦି ବସନ୍ତ ପର୍ବ ଭାବେ ପାଳିତ ହୁଏ। ପ୍ରାଥମିକତଃ ଉତ୍ତରଭାରତରେ ହୋଲି ବସନ୍ତ ଆଗମନ ଓ ହାଡ଼ଭଙ୍ଗା ଶୀତର ଶେଷର ପରିବର୍ତ୍ତନକୁ ଚିହ୍ନଟ କରେ। ସେ ଶୀତରେ ଅନେକ ଲୋକ ଭଲରେ ଗାଧେଇ ନ ପାରିଥିବା ଯୋଗୁଁ ରଙ୍ଗ ଖେଳ କରି ଫଗୁଣର ପ୍ରାରମ୍ଭ କରନ୍ତି ଏବଂ ବେଶ୍ ମଜା ନେଇ ଗାଧୋଇ ନିଜକୁ ପରିଷ୍କାର କରନ୍ତି। ଦକ୍ଷିଣ ଭାରତରେ କମ ଶୀତ ଯୋଗୁଁ ଏ ପର୍ବ ବେଶୀ ପ୍ରଚଳିତ ନୁହେଁ। ପଞ୍ଜାବରେ ବୈଶାଖୀ, କେରଳରେ ବିଷୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ୟଗାଦି, ମହାରାଷ୍ଟ୍ରରେ ଗୁଡ଼ିପଡ଼ୱା, ଆସାମରେ ରଙ୍ଗୋଲି ବିହୁ, ଓଡ଼ିଶାରେ ପଣା ସଂକ୍ରାନ୍ତି ଆଦି ରବି ଫସଲ କଟା ତଥା ଭାରତୀୟ ନବବର୍ଷର ଉତ୍ସବ ରୂପେ ପାଳିତ ହେଇଥାଏ। କେରଳରେ ଓଣମ ଧାନ ଚାଷର ଆରମ୍ଭ ଖୁସିରେ ପାଳିତ ହୁଏ। ଓଡ଼ିଶାରେ ରଜପର୍ବ ବର୍ଷା ଋତୁରେ ପୃଥିବୀର ସୃଜନଶୀଳତାକୁ ସମ୍ମାନ ଦିଏ, ଯେତେବେଳେ କି ନୂଆଁଖାଇ ନୂତନ ଧାନ ଆସିବାର ଅବସରରେ ପାଳନ କରାଯାଏ। ଉତ୍ତର ଭାରତରେ ଦୀପାବଳି ବର୍ଷା ଶେଷରେ ପରିଷ୍କାର ଓ ଆଲୋକର ପ୍ରତୀକ ଭାବେ ପାଳିତ ହୁଏ। ବିହାର ଓ ପୂର୍ବ-ଉତ୍ତର ପ୍ରଦେଶରେ ଛଟ ପୂଜା ନଦୀତଟରେ ସୂର୍ଯ୍ୟ ଉପାସନା ସହ ଜଡ଼ିତ।

ଭାରତୀୟ ପର୍ବପର୍ବାଣିଗୁଡ଼ିକ କେବଳ ଧାର୍ମିକ ଆଚାର ନୁହେଁ, ବଙ୍ଗପ୍ରକୃତି, ଋତୁଚକ୍ର, କୃଷି ଓ ଭୌଗୋଳିକ ପରିସ୍ଥିତି ସହ ଗଭୀର ସମ୍ପର୍କର ପ୍ରତୀକ ଓ ପ୍ରତ୍ୟେକ ଅଞ୍ଚଳର ଜଳବାୟୁ, ଚାଷ ପ୍ରଣାଳୀ, ନଦୀ ଓ ପାହାଡ଼ ଆଧାର କରି ଏହି ପର୍ବମାନଙ୍କ ଉଦ୍ଭାବନ ହୋଇଛି। ତେଣୁ ସେମାନଙ୍କର ଆସଲ ମହତ୍ତ୍ୱ ସ୍ଥାନୀୟ ପୃଷ୍ଠଭୂମିରେ ଅଧିକ ଅର୍ଥବାହୀ। ଆମେ ଯେଉଁଠି ଆଉ ନା କାହିଁକି ପର୍ବ ପାଳନ କରିପାରିବୁ। କିନ୍ତୁ ସେଥିର ମୂଳ ପ୍ରାକୃତିକ ଓ ସାମାଜିକ ଅର୍ଥକୁ ବୁଝି ସମ୍ମାନ କରି ପାଳନ କରିବା ହିଁ ସଠିକ୍ ଓ ସାର୍ଥକ ପଦ୍ଧତି। ହେଲେ ଆଜିକାଲି ବିଦେଶ ଗଲେ ଆମେମାନେ ପର୍ବର ଅର୍ଥ ଓ ମହତ୍ତ୍ୱ ନ ବୁଝି ପର୍ବଗୁଡ଼ିକ ପାଳନ କରି ନିଜକୁ ତର୍କସଂଗତ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହେଉଛୁ, ଯାହାକି ସେଠାକାରର ମୂଳ ନାଗରିକମାନଙ୍କୁ ଅତ୍ୟନ୍ତ ବିରକ୍ତିକର ପରିସ୍ଥିତିରେ ପକେଇଥାଏ। ଆଜିକାଲି କିଛି ବିଦେଶୀମାନେ ବିରକ୍ତିଭାବ ପ୍ରକାଶ କରିବାକୁ ଯାଇ ଅଜାଣତରେ ଆବେଶବଶତଃ ବର୍ଣ୍ଣବୈଷମ୍ୟବାଦ କରିବାକୁ ପଛାଉ ନାହାନ୍ତି।

ଆମେ ଭୁଲିଯାଉଛୁ ଯେ ଆମେ ସେଇ ଭାରତବାସୀ, ଯେଉଁଠୁ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା। ଆମେ ବୁଝିବା ଜରୁରୀ ଯେ ବିଦେଶରେ ବା ଭିନ୍ନ ଜଳବାୟୁ ଅଞ୍ଚଳରେ ଏହି ପର୍ବମାନ ପାଳନ କରିହେବ, କିନ୍ତୁ ସେଠାରେ ଏହାର ପ୍ରାକୃତିକ ଓ କୃଷିମୂଳକ ଅର୍ଥ ଅନୁଭବ କରିବା କଷ୍ଟକର ହୋଇପାରେ।

ବେଙ୍ଗାଲୁରୁ, ମୋ: ୯୦୩୬୦୪୭୯୭୦

# କୀଟସ୍ମାରକ ସେବା 'ମୁଶି-କୁୟୋ'

**ବିଚିତ୍ର ବିଶ୍ୱାସ**

**ଓଜସ୍ୱିନୀ**

ପ୍ରକୃତି ଓ ଜୀବଜଗତ ପୂଜନର ପରମ୍ପରା କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ପ୍ରଚଳିତ। ଈଶ୍ୱରୀୟ ଦାନର ପ୍ରତୀକ ଭାବେ କ୍ଷୁଦ୍ରାତିକ୍ଷୁଦ୍ର କୀଟପତଙ୍ଗ ପରିବେଶ ସନ୍ତୁଳନ ରକ୍ଷା କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି। ଏମିତି ଅନେକ କୀଟପତଙ୍ଗ ଅଛନ୍ତି, ଯେଉଁମାନେ ମାନବସଭ୍ୟତାର ମିତ୍ର ଭାବେ ରହିଆସିଛନ୍ତି। ସେମାନଙ୍କୁ ମନୁଷ୍ୟ ତା'ର ଖାଦ୍ୟ, ବସ୍ତ୍ର ଓ ପରୀକ୍ଷଣ ପାଇଁ ଉପଯୋଗ କରିଆସୁଛି। ପ୍ରତିଦାନରେ କିନ୍ତୁ କୀଟପତଙ୍ଗଗୁଡ଼ିକ କେବଳ ନିଜକୁ ବଳିଦାନ ବା ମାନବ ସଭ୍ୟତା ପାଇଁ ଉତ୍ସର୍ଗ କରିଆସୁଛନ୍ତି। ଜାପାନରେ କୀଟଙ୍କର ଏହିଭଳି ସମର୍ପଣ ଓ ବଳିଦାନକୁ ସମ୍ମାନ ଜଣାଇ ଏକ ଭିନ୍ନ ଓ ଅନନ୍ୟ ପରମ୍ପରା ବିଗତ ୪୦ ବର୍ଷ ଧରି ପାଳନ ହୋଇଆସୁଛି, ଯାହାକୁ କୁହାଯାଉଛି 'କୀଟ ସ୍ମାରକ ସେବା'।

ଆର୍ଥ କର୍ପୋରେସନ୍ ନାମକ ଜାପାନର ଏକ ରସାୟନ କମ୍ପାନୀ ବିଗତ ୪୦ ବର୍ଷ ଧରି ବିଭିନ୍ନ ପ୍ରକାର କୀଟନାଶକ ଔଷଧ ସହିତ ବିଭିନ୍ନ ରସାୟନଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ସାରା ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛି। ପ୍ରତିବର୍ଷ ଏହି କମ୍ପାନୀ କୀଟ, ପତଙ୍ଗ ଓ କ୍ଷୁଦ୍ର ସରୀସୃପଜାତୀୟ ପ୍ରାଣୀ ଉପରେ ବିଭିନ୍ନ ରସାୟନର ପରୀକ୍ଷଣ କରିଥା'ନ୍ତି। ଏହି ପରୀକ୍ଷଣରେ କୀଟମାନଙ୍କର ପ୍ରାଣହାନି ହେଉଥିବାରୁ କମ୍ପାନୀ ପକ୍ଷରୁ ପ୍ରାୟଶ୍ଚିତ୍ତପୂର୍ବକ ସମ୍ମାନସୂଚକ 'କୀଟସ୍ମାରକ ସେବା' ବା 'ମୁଶି-କୁୟୋ'ର ଆୟୋଜନ କରାଯାଏ। ହ୍ୟୋଗୋ ପ୍ରାନ୍ତରେ ଥିବା ଅକୋ ସହରସ୍ଥିତ ମ୍ୟୋଦୋଜି ବୁଦ୍ଧ ମନ୍ଦିରରେ ଆୟୋଜିତ ହେଉଥିବା ଏହି 'ସ୍ମାରକ ସେବା' ସମାରୋହରେ କମ୍ପାନୀର ସମସ୍ତ କର୍ମଚାରୀ ସାମିଲ ହୋଇ ମୃତ କୀଟପତଙ୍ଗର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ କର୍ମଚାରୀଙ୍କୁ ହତ୍ୟା ପାପରୁ ମୁକ୍ତ କରିବା ପାଇଁ କ୍ଷମାପ୍ରାର୍ଥନା କରନ୍ତି। ବିଶ୍ୱାସ ରହିଛି ଯେ ଏଭଳି କରିବା ଦ୍ୱାରା ସେମାନଙ୍କର ପାପ ଭାର କମ୍ ହୋଇଥାଏ ଏବଂ ମୃତ୍ୟୁପରେ ତାଙ୍କୁ ସ୍ୱଳ୍ପ ନର୍କଯନ୍ତ୍ରଣା ମିଳିଥାଏ।

ଏହି ବିରଳ ସମାରୋହରେ ମଶା, ମାଛି, ତେନ୍ତୁଳିଆ ବିଛା, ଅସରପା, ଓଡ଼ଶ ଓ ଡାଆଁସ ଭଳି କେତେକ କ୍ଷତିକାରକ କୀଟଙ୍କ ଚିତ୍ରକୁ ବେଦି ଆକାରରେ ରଖାଯାଇଥାଏ କିମ୍ବା କାନ୍ଥରେ ଝୁଲାଇ ରଖାଯାଏ। ମନ୍ଦିରର ପୂଜାରୀ ଉକ୍ତ ମୃତକୀଟଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ମନ୍ତ୍ରପାଠ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରନ୍ତି। ଏହାପରେ କମ୍ପାନୀର ପ୍ରତ୍ୟେକ ସଦସ୍ୟ ଉକ୍ତ ଫଟୋଚିତ୍ରଗୁଡ଼ିକରେ ଫୁଲ ଓ ଧୂପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥା'ନ୍ତି। କାରଣ ସେମାନଙ୍କ ବଳିଦାନ ବିନା ମନୁଷ୍ୟ ଉପକୃତ ହୋଇପାରିବ ନାହିଁ। ମାନ୍ୟତା ରହିଛି ଯେ, ଏଭଳି କରିବା ଦ୍ୱାରା ସେମାନେ କୀଟମାନଙ୍କର ବଳିଦାନ ପ୍ରତି ଧନ୍ୟବାଦ ଅର୍ପଣ କରିବା ସହିତ ପ୍ରାଣହରଣ କରିଥିବାରୁ କ୍ଷମାପ୍ରାର୍ଥନା କରିଥା'ନ୍ତି। ଯଦି କୌଣସି କାରଣବଶତଃ ଏହି ସେବା ସମାରୋହର ଆୟୋଜନ ହୋଇପାରି ନଥାଏ, ସେହି ବର୍ଷ କମ୍ପାନୀରେ କୌଣସି ଦୁର୍ଘଟଣା, ଆର୍ଥିକ କ୍ଷତି କିମ୍ବା କର୍ମଚାରୀମାନେ ନାନାଦି ସମସ୍ୟାରେ ପୀଡ଼ିତ ହେବାର ଅନେକ ପ୍ରମାଣ ମଧ୍ୟ ରହିଛି। ତେଣୁ ଲୋକମାନଙ୍କର ବିଶ୍ୱାସ ରହିଛି ଯେ, ଏଭଳି ନକାରାତ୍ମକ ଶକ୍ତିକୁ ଦୂର କରିବା ପାଇଁ ଏହି ସମାରୋହର ଆୟୋଜନ କରିବା ନିହାତି ଜରୁରୀ ଏବଂ କୀଟପତଙ୍ଗଙ୍କ ଆତ୍ମାର ଶାନ୍ତି କମ୍ପାନୀ ପାଇଁ ଆଶୀର୍ବାଦ।

ଏହାବ୍ୟତୀତ ଜାପାନ ନିବାସୀ ବୌଦ୍ଧ ଓ ସିଣ୍ଟୋ ଧର୍ମାବଲମ୍ବୀମାନଙ୍କର ବିଶ୍ୱାସ ରହିଛି ଯେ, ସୃଷ୍ଟିର ପ୍ରତ୍ୟେକ ପ୍ରାଣୀଙ୍କ ଜୀବନ ଅମୂଲ୍ୟ। ତେଣୁ ସେମାନଙ୍କ ପ୍ରତି ଉଚିତ୍ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ଉଚିତ। ତେଣୁ ଯଦି ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ ହୋଇ ଅନ୍ୟଜୀବମାନଙ୍କ ପ୍ରତି ନକାରାତ୍ମକ ବ୍ୟବହାର କରେ, ସେ ଆରଜନ୍ମରେ କୀଟପତଙ୍ଗ ଭାବେ ଜନ୍ମଲାଭ କରେ ଏବଂ ଅନେକ ନିର୍ଯାତନାର ଭାଗିଦାରୀ ହୋଇଥାଏ। ତେଣୁ ପୁର୍ନଜନ୍ମଚକ୍ରରୁ ମୁକ୍ତି ପାଇବା ସହିତ ନର୍କ ଯନ୍ତ୍ରଣାକୁ ଯଥାସମ୍ଭବ ହ୍ରାସ କରିବା କରିବା ଉଦ୍ଦେଶ୍ୟରେ ଲୋକମାନେ ଏଭଳି 'କୀଟ ସ୍ମାରକ ସେବା'ର ଆୟୋଜନ କରିଥା'ନ୍ତି। 'ଜୀବେଦୟା'ର ଏହି ଅନନ୍ୟ ବିଦେଶୀୟ ପରମ୍ପରା ଓ ସଂସ୍କୃତି ପ୍ରକୃତରେ ପ୍ରଶଂସନୀୟ ଓ ଅନୁକରଣୀୟ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବାଘ ଛାଲ ଜବତ; ଜଣେ ଗିରଫ



ବାରିପଦା, ୫।୩(ସମିସ): ମୟୂରଭଞ୍ଜ ବନ ବିଭାଗକୁ ପୁଣି ମିଳିଛି ବଡ଼ ସଫଳତା। ବାଙ୍ଗିରିପୋଷି ବନାଞ୍ଚଳ ସାରୋଶପୋଷି ଗ୍ରାମ ନିକଟସ୍ଥ ଛକରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ କଲରାପତିରିଆ ବାଘ ଛାଲ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଜଣଙ୍କ ବ୍ରାହ୍ମଣଗାଁ ପଞ୍ଚାୟତ ଚୋରାବନ୍ଧ ଗ୍ରାମର ରାଜୁ ଆଲଦା। କଲରାପତରିଆ ବାଘ ଶିକାର କରାଯିବା ପରେ ତା'ର ଚମଡ଼ାକୁ ବିକ୍ରୟପାଇଁ ଉଦ୍ୟମ କରାଯାଉଥିବା ଖବର ବନ ବିଭାଗ ପାଖରେ ପହଞ୍ଚିଥିଲା। ଫଳରେ ଶିକାରୀ ଓ ବେପାରୀଙ୍କୁ କାବୁ କରିବା ପାଇଁ ବିଭାଗ ଜାଲ ବିଛାଇଥିଲା। ବାଙ୍ଗିରିପୋଷି ରେଞ୍ଜର୍ ମହେଶ୍ୱର ସିଂ ସଦଳବଳେ ସାରୋଶପୋଷି ଛକରେ ଛକି ରହିଥିଲେ। ରାଜୁ ଆଲଦା ବାଘ ଚମଡ଼ା ନେଇ ବିକ୍ରି କରିବା ପାଇଁ ଜଗିଥିବା ବେଳେ ବନ କର୍ମଚାରୀ ତାକୁ ମାଡ଼ି ବସିଥିଲେ। ତା' ପାଖରୁ ୧୨୦ ସେଣ୍ଟିମିଟର ଲମ୍ବା ଓ ୪୦ ସେଣ୍ଟିମିଟର ଓସାର ବିଶିଷ୍ଟ ଏକ କଲରାପତରିଆ ବାଘ ଚମଡ଼ା ଜବତ କରି ରାଜୁକୁ ଗିରଫ କରିଥିଲେ। ଜବତ ଚମଡ଼ାରୁ ବାଘର ବୟସ ପ୍ରାୟ ୩ବର୍ଷ ହୋଇଥିବା ଅନୁମାନ କରାଯାଉଛି ବୋଲି ରେଞ୍ଜର୍ ଶ୍ରୀ ସିଂ କହିଛନ୍ତି।

# ହାତୀ ଆକ୍ରମଣରେ ୨ ମୃତ

ରାସଗୋବିନ୍ଦପୁର/କେନ୍ଦୁଝର/ବାଲିବନ୍ଧ, ୫।୩(ସମିସ): ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ସଦର ବନାଞ୍ଚଳ ଅଲେଖାପଡ଼ା ନିକଟରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଯୁବକ ହେଲେ, କନ୍ଦରକଳା ଗାଁର ବିକାଶ ଚନ୍ଦ୍ର ନାୟକ (୨୫)। ଗୁରୁବାର ସକାଳେ ସେ ଶୌଚ ହେବାକୁ ଯାଇଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କ ପେଟକୁ ଭୁସି ଦେବାକୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ସେହିପରି, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ସାରୁମୂଳା ପଞ୍ଚାୟତ ଅନ୍ତର୍ଗତ ଭରଡ଼ାଶୋଳ ଗ୍ରାମର ରଘୁ ମାରାଣ୍ଡି (୩୫) ରାତିରେ ବିଲକୁ ଯାଇଥିବା ବେଳେ ହାତୀ ପଲଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି।

## ଅଭିଯୁକ୍ତଙ୍କୁ ନୋଟିସ ଜାରି ବେଳେ ପୁଲିସ ଯତ୍ନବାନ ରହିବା ଜରୁରୀ: ହାଇକୋର୍ଟ

କଟକ,୫।୩(ସମିସ): ସିଆରପିସି ଧାରା ୪୧(କ)(୧)ବିଏନଏସଏସ ୩୫(୩) ଅନୁଯାୟୀ ତଦନ୍ତ ପାଇଁ ଆବଶ୍ୟକ ହେଲେ ଅଭିଯୁକ୍ତଙ୍କୁ ହାଜର ହେବା ପାଇଁ ପୁଲିସର ନୋଟିସ ଜାରି କରିବାର କ୍ଷମତା ଅଛି। ତେବେ ପ୍ରତି ୧୫ ଦିନରେ ଅଭିଯୁକ୍ତଙ୍କୁ ଥାନାରେ ହାଜର ପାଇଁ ନିର୍ଦ୍ଦେଶ ଦେବା ଉଚିତ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ଗିରଫଦାରୀ ସମ୍ବନ୍ଧରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗତ ଦିଗକୁ ସ୍ପଷ୍ଟ କରି ଜଷ୍ଟିସ୍ ସାବିତ୍ରୀ ରଥ ଏପରି କହିଛନ୍ତି। ତଦନ୍ତକାରୀ ଅଧିକାରୀ ମାନେ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିବା ସମୟରେ ଅଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ଯୁକ୍ତି ଥିଲା ଯେ ପୁଲିସ ଦ୍ୱାରା ଜାରି ନୋଟିସରେ ସେମାନଙ୍କୁ ପୂର୍ବରୁ ହିଁ 'ଦୋଷୀ' ବୋଲି ଦର୍ଶାଯାଇଥିଲା। ଏହା ଉପରେ କୋର୍ଟ କହିଛନ୍ତି ଯେ ଯେହେତୁ ମାମଲାର ବିଚାର ଶେଷ ହୋଇନାହିଁ, ପୁଲିସ ନୋଟିସ୍ ପ୍ରସ୍ତୁତ କରିବା ସମୟରେ ଅଧିକ ସତର୍କ ରହିବା ଉଚିତ ଥିଲା। ମାମଲାରୁ ପ୍ରକାଶ ଅରମାନ ଖାଁ ଏବଂ ଅନ୍ୟ ୮ଜଣ ଆବେଦନକାରୀଙ୍କ ବିରୋଧରେ ବାଲିଚନ୍ଦ୍ରପୁର ଥାନାରେ ରୁଜୁ ହୋଇଥିବା ଏକ ଯୌତୁକ ନିର୍ଯାତନା ମାମଲାରେ ଆବେଦନକାରୀମାନେ ପୁଲିସ ଦ୍ୱାରା ଜାରି କରାଯାଇଥିବା ନୋଟିସ୍‌ର କିଛି ସର୍ତ୍ତାବଳୀକୁ ଚ୍ୟାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ନୋଟିସ୍‌ରେ ସେମାନଙ୍କୁ ପ୍ରତି ୧୫ଦିନରେ ଥାନାରେ ହାଜର ହେବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ବେଆଇନ ବୋଲି ଦର୍ଶାଇଥିଲେ। ଆବେଦନକାରୀଙ୍କୁ ଥାନା ଅଞ୍ଚଳ ବାହାରକୁ ନଯିବା ପାଇଁ ଦିଆଯାଇଥିବା ସର୍ତ୍ତ ଉପରେ କୋର୍ଟ କହିଛନ୍ତି ଯେ ଯଦି ଅଭିଯୁକ୍ତମାନେ ତଦନ୍ତକାରୀ ଅଧିକାରୀଙ୍କୁ ପୂର୍ବ ସୂଚନା ଦେଇଯାଆନ୍ତି, ତେବେ ଏହା ବେଆଇନ ନୁହେଁ ବୋଲି ଅଦାଲତ କହିଛନ୍ତି।

## ରାଜସ୍ୱ ମନ୍ତ୍ରୀଙ୍କ ଆରୋଗ୍ୟ କାମନା କରି ଅମଲା ସଂଘର ଦୀପଦାନ

ଭୁବନେଶ୍ୱର, ୫।୩(ସମିସ): ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଆଶୁ ଆରୋଗ୍ୟ କାମନା କରି ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ କଟକସ୍ଥିତ ଚଣ୍ଡୀ ମନ୍ଦିର ନିକଟରେ ସମୂହ ଦୀପ ଦାନ କରାଯାଇଛି। ମନ୍ତ୍ରୀ ତୁରନ୍ତ ସୁସ୍ଥ ହୋଇ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ଆଶା ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉପରୋକ୍ତ ଦୀପଦାନ କାର୍ଯ୍ୟକ୍ରମରେ ରାଜସ୍ୱ ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ କୀର୍ତ୍ତୀ ରଞ୍ଜନ ପ୍ରଧାନ, ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ସୁବ୍ରତ କୁମାର ମିଶ୍ର, କଟକ ଜିଲ୍ଲା ସଭାପତି ସୁଧାଂଶୁ ଭୂଷଣ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣିଙ୍କ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ପ୍ରାର୍ଥନା କରିଛନ୍ତି।

---

**GOVERNMENT OF ODISHA, DEPARTMENT OF WATER RESOURCES**
Office of the Addl. Chief Engineer, Mechnical Circle, Bhubaneswar
Email address: semechcircle104@gmail.com
**e-Procurement Notice- Bid Identification No. - ACEM/MDB/57-2025-26**

32001/163/2526

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDB-57/2025-26
5. Estimated Cost : Rs. 14,41,203/-
6. Period of Completion : 25 (Twenty Five) days.
7. Date & time of availability of bid documents in the Portal : From dt.06.03.2026(10.00 AM) to dt.16.03.2026(5.30 PM)
8. Last date/ time for receipt of bid In the Portal : dt.16.03.2026 (up to 5.30 PM)
9. Date and Place of opening of Bid : dt.17.03.2026(11.00 AM onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32001/32405/1/25-26/0008 — Addl. Chief Engineer, Mechanical Circle Bhubaneswar

---

**Jharsuguda Municipality**
Mangal Bazaar, Jharsuguda - 768201
Mail: jsgmunicipality@yahoo.com | Ph: 06645-272236

13001/480/2526

Sealed Quotations are invited from authorized dealer/ agencies/ suppliers/ manufactures for supply of Fibre Glass Acoustical Suspended Ceiling, Floor carpet 5.5mm thick, Providing and fixing Roller blinds of Approved make/Colour, Acoustical Wall Panel for Jharsuguda Municipality.

The rate should be quoted against the item excluding taxes. The quotationer are required to enclose their GST Registration Certificate, PAN Card, Warranty/ Guarantee details. The quotationer shall be required to produce the original copy of the required document before the undersigned at the time of opening of quotation for verification.

The quotationer should submit EMD in shape of Money Receipt/ D.D. / TDR pledge in favour of Executive Officer, Jharsuguda Municipality. The quotation paper will be available at the Cash Section from date 26.02.2026 at 10.00 AM to 07.03.2026 at 12.00 Noon in the office hours except holidays. The quotation will be received on or before dt. 07.03.2026 at 01.00 PM on Tender Box/ Speed post/ Register post and the same will be opened on dt. 07.03.2026 at 4.00 PM in presence of the respective quotationers or their authorized representative. The details will be available in the official website of Jharsuguda Municipality, DEGM, Jharsuguda from dt. 26.02.2026 to 07.03.2026. The interested persons can download the documents from the website.

The authority reserves the right to accept, cancel or reject any or all offers without assigning any reason thereof.

**TERMS AND CONDITIONS:**
1. Rate should be quoted excluding GST.
2. The quotationer should have GST clearance certificate and submit the Xerox copy GST clearance.
3. The quality and quantity of the materials will be maintained by the engineer concern.
4. Payment will be made after submission of invoice in shape of account pay cheque.

OIPR-13001/13165/1/25-26/0024 — Executive Officer, Jharsuguda Municipality.

---

**BRAHMAPUR MUNICIPAL CORPORATION,GANJAM**
**INVITATIONS FOR BIDS (IFB)**

Letter No. 4415 — Date 24.02.26

Invitation for Bids
COMPETATIVGE BIDDING THROUGH E-PROCUREMENT
Bid Identification No BMC (BAM) 319 / 2025-2026 — 13001/492/2526

| | | |
|---|---|---|
| 1 | The Municipal Commissioner, Berhampur, , invites percentage rate bids in ONLINE MODE only, as per annexure "A" | |
| 2 | Nature of work | Civil Works |
| 3 | No. of work | 38 Nos. |
| 4 | Bid Cost. | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. Of Odisha. as per Annexure "A |
| 6 | Class of Contractor | AS per the Annexure "A" |
| 7 | Availability of Bid Documents in the website | From 15.05hrs. of Dt. 06.03.26 to 17.00 hrs. of 23.03.26 |
| 8 | Date & Time of Opening of the Bids | 11.30 hrs. onwards on dt. 24.03.26 |
| 9 | Mode of submission of tender | Tender Should submitted On line in www.tendersorissa.gov.in |
| 10 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

OIPR-13001/13035/1/25-26/0008 — Commissioner, Brahmapur Municipal Corporation, Berhampur, Odisha

---

8001/119/2526

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**
**PLOT NO- 493(P), PALASPALI, KHURDA, BHUBANESWAR-751020**

**Tender Call NOTICE NO. 342/CDA/2026, DT. 23.02.2026.**

The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the **supply of Tide Gauge.** The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd/-
Addl. Chief Executive
Chilika Development Authority

OIPR-8001/8138/1/25-26/0013

---

**OFFICE OF THE MUNICIPAL COUNCIL: SUNDARGARH**
No. 1050 /Date. 26/02/2026
**COMPETITIVE BIDDING THROUGH e-Procurement**
**1st Corrigendum Notice**

13001/465/2526

Corrigendum to Tender Reference No. EO/SNGM/09/2025-26 & Notice No. 896/Dt.19.02.2026

Tender invited vide tender call notice no. 896/ Dt.19.02.2026 and bid Reference No. EO/SNGM/09/2025-26, the work mentioned in SI No. 4 i.e., "Construction of Drain with cover slab from Murli Singh House to Harachand Patel House in ward No.16" is hereby cancelled due to unavoidable reasons.

All other terms and conditions are remained unchanged.

Executive Officer
Sundargarh Municipality

OIPR-13001/13130/1/25-26/0006

---

25001/289/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II,**
**JAJPUR AT JARAKA**

**1ST CORRIGENDUM TO TENDER CALL NOTICE NO. TENDER ONLINE JJPR-II -08 OF 2025-26**

The following modifications are made in respect of the Tender Call Notice No. "Tender Online JJPR-II-08 of 2025-26" due to some unavoidable circumstances.

1. The Tender Call Notice No. Tender Online JJPR-II-08 of 2025-26 will be available for online bidding from 06.03.2026 at 11.00 A.M to 12.03.2026 upto 5.00 P.M instead of 26.02.2026 at 11.00 A.M to 07.03.2026 upto 5.00 P.M.
2. The last date & time of seeking tender clarification will be 11.03.2026 upto 5.00 P.M instead of 06.03.2026 upto 4.00 P.M. The date of opening of tender shall be 13.03.2026 at 11.00 A.M. instead of 07.03.2026 at 5.30 P.M.

All other terms & conditions remain unchanged.

The above corrigendum shall only be published in the Govt. website **www.tendersodisha.gov.in**

Superintending Engineer
Rural Works Division-II
Jajpur At Jaraka

OIPR-25001/25080/1/25-26/0028

---

ABRIDGED VERSION — 32001/162/2526

Office of the Project Engineer
Project Management Unit-I, OWSSB, Satyanagar, Bhubaneswar-7, Email: pepmu1owssb@gmail.com

Notice Inviting Bids (NIB) through e-Procurement
REQUEST FOR PROPOSAL (RfP)
for Supply and Installation of Computer Equipment and Peripherals for OWSSB, Bhubaneswar

| Sl. No. | Name of Work | Bid Reference No. | Cost of Bid Document (In Rs.) (Online) | Bid Security/ EMD (In Rs.) (Online) |
|---|---|---|---|---|
| 1 | Supply and installation of Computer Equipments and Peripherals for OWSSB, Bhubaneswar | 22/PMU-I/OWSSB/BBSR/2025-26 dt. 20.02.2026 | 6,000.00 | 20,000.00 |

- Availability of Bid Document for Online Bidding: dt. 25.02.2026(16.00 hrs IST) to dt. 09.03.2026 (16.00 hrs IST)
- Further details can be seen from the e-procurement portal https://www.tendersodisha.gov.in.
- Corrigendum, clarification, if any for the above tender shall be uploaded in the website only. Intending bidders are urged to visit the above website regularly to keep themselves updated.

Project Engineer
PMU-I, OWSSB, Bhubaneswar

OIPR-32001/32496/1/25-26/0001

---

13001/447/2526

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର**

ପତ୍ର ସଂଖ୍ୟା: ୫୧୮ — ତାରିଖ: ୦୨.୦୩.୨୦୨୬

**ସାର୍ବଜନୀନ ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର ଅଧିନସ୍ଥ ନିମ୍ନଲିଖିତ କଲ୍ୟାଣମଣ୍ଡପ (Near Town Hall Ward No-2)ର ମହସୁଲ ଆଦାୟ ତିନି ବର୍ଷ ପାଇଁ ତାରିଖ ୦୧.୦୪.୨୦୨୬ ଠାରୁ ୩୧.୦୩.୨୦୨୯ ରିଖ ପର୍ଯ୍ୟନ୍ତ ଠିକା ଦିଆଯିବ। ଏଣୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ କିମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁରର ୱେବସାଇଟ www.padampurnac.in ରୁ ତା୦୫.୦୩.୨୦୨୬ରିଖ ଠାରୁ ୧୬.୦୩.୨୦୨୬ ରିଖ ମଧ୍ୟରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଦିଷ୍ଟ ଫର୍ମ ପାଇ ପାରିବେ। ପରିଷଦ କାର୍ଯ୍ୟାଳୟରେ କୋରିଅର/ ପୋଷ୍ଟାଲ ଡାକ ମାଧ୍ୟମରେ ତା. ୧୭.୦୩.୨୦୨୬ ରିଖ ଅପରାହ୍ନ ୧:୦୦ ଘ ସୁଦ୍ଧା ପହଞ୍ଚିବା ଅବଶ୍ୟକ ଏବଂ ୧୭.୦୩.୨୦୨୬ ରିଖ ଅପରାହ୍ନ ୪:୦୦ ଘ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଉକ୍ତ ଟେଣ୍ଡର କାଗଜଗୁଡିକୁ ଖୋଲାଯିବ।

| କ୍ରମିକ ନଂ | ସଇରାତର ନାମ | ବର୍ଷ | ଅଫସେଟର ମୂଲ୍ୟ | ଅମାନତ ମୂଲ୍ୟ ଅଫସେଟ ଦର (ସ୍ଥିରୀକୃତ) ର ୧୦ ଶତାଂଶ। | ଟେଣ୍ଡର ପେପରମୂଲ୍ୟ |
|---|---|---|---|---|---|
| ୧ | କଲ୍ୟାଣମଣ୍ଡପ (Near Town Hall Ward No-2) | ୩ | ୫,୦୦,୦୦୦/- | ୫୦,୦୦୦/- | ୨୦୦୦/- |

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ ନୁହନ୍ତି। ଏହାଛଡା କର୍ତ୍ତୃପକ୍ଷ ଚାହିଁଲେ, କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ / ନାକଚ କରିପାରିବେ।
ନିଲାମରେ ଭାଗ ନେବାକୁ ଅନ୍ୟାନ୍ୟ ସର୍ତ୍ତାବଳି ଟେଣ୍ଡର ପେପର ସହ ପାଇବେ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

OIPR-13001/13118/1/25-26/0033

---

**AFFIDAVIT**

By virtue of an Affidavit before Notary Public, Malkangiri, I Harisingh Fataka, aged about 60 Years, S/o.: Late Dinabandhu Fataka , resident of village/ PO.:Gangala , P.S./Dist.: Malkangiri, Odisha-764045, declare by this Affidavit No.: 1553/2025, Dated: 10/09/2025 that I have changed my name from Harisin Phataka to Harisingh Fataka. Henceforth I shall be known as Harisingh Fataka for all future purposes.

**LOST**

I, **Smt. Janaki Sahu,** wife of Jatin Sahu aged about 30 years, resident of AT/PO- Chhindeikela, PS/Tah- Paikmal, Bargarh, Odisha declare that I have purchased an area of Ac.2.60dc. through registered Sale Deed No. 10222500311 of Khata No. 56/07, Plot No. 41/1292 of Mouza Barparlia, P.S./Tahasil- Paikmal, Dist: Bargarh (Odisha) from Basanta Kumar Sahu son of Janakram Sahu. That its previous original link registered Sale Deed No. 5230, dated- 15/12/1981 executed by Trilochan Chowdhury in favour of Basanta Kumar Sahu was lost / missing on dated 16.2.2026 while I was travelling by Motorcycle with my husband from Chhindeikela to Paikmal (the bag wherein the above noted Original RSD was kept fell). Further I declare that I have never mortgaged the above RSD in any Bank, F.I.. Now I am applying for an loan from State Bank of India, Jamseth branch At Jamseth, P.S./Tahasil Paikmal, Dist.Bargarh by mortgaging the same. If anybody has any objection may kindly draw notice before abovementioned Bank within 7 days of publication of this notice. Later on no objection or claim will be acceptable in any circumstances.

**AFFIDAVIT**

By virtue of an Affidavit **No. 7, dtd. 16.01.2026** before the Executive Magistrate, Karlamunda, Kalahandi, I, Pragyanparamita Dharua, Vill-Kansil, P.O.- Gajbahal, P.S.- M. Rampur, Dist.- Kalahandi, do hereby declare that my name has been wrongly mentioned as Pragyanparamita Dharua in my Aadhaar Card instead of my correct name Prajnaparamita Dharua. Henceforth, I shall be known as **Prajnaparamita Dharua** for all purposes.
Pragyanparamita Dharua

**AFFIDAVIT**

By virtue of an affidavit sworn before the Executive Magistrate, Dhenkanal SL.NO- 1229, dated 27-02-2026 I, **SRUTIDHAR JENA,** S/o Sachidananda Jena Permanent resident of At- Regeda, Po- Nadiali, PS- Dhenkanal Sadar, Dist- Dhenkanal, State- Odisha, PIN- 759027, declare that I have changed my son's name from **SAHIL JENA (Old name)** to **RAJDEEP JENA (New name),** Henceforth, he shall be known as **RAJDEEP JENA** for all purposes.
( Sd- SRUTIDHAR JENA)

**AFFIDAVIT**

I Biswajit Dwibedy H/o- Rita Mahapatra, resident of Flat No-52, Block-E, Utkal Heights, Balianta, Bhubaneswar, Dist- Khurda, Pin- 75210, Odisha do hereby declare by this affidavit No-154, dtd on 03/03/2026, that now onwards I Shall be known as **BISWAJIT DWIBEDI** for all future purposes.

**ଦଲିଲ ହଜିଛି**

ମୁଁ ସନାତନ ମହାନ୍ତି, ପି-ସୁରେଶ ଚନ୍ଦ୍ର ମହାନ୍ତି,ଗ୍ରା/ପୋ-ନଳଗୋହିରା ,ଜିଲ୍ଲା - ଭଦ୍ରକ,ଗତ ତା-୧୮/୧୨/୨୦୨୫ ରିଖରେ ମୁଁ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଯିବାବେଳେ ମୋରୋ ଲିଙ୍କ ଦଲିଲ ଯାହାର ନମ୍ବର - ୮୯୦,ତା-୧୯-୦୯-୧୯୯୭ ଏବଂ ଅନ୍ୟଗୋଟି ଦଲିଲ ନମ୍ବର -୯୮୮,ତା- ୨୫-୦୪-୨୦୦୫ ରିଖରେ ହୋଇଥିଲା ,ତାହା କେଉଁଆଡେ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଏହାକୁ Veritas Finash Ltd .Bhadrak ଶାଖାରେ ହସ୍ତାନ୍ତର କରିବାକୁ ଅନୁରୋଧ। ମୁଁ ଏହି ଦଲିଲକୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହିଁ। ଯୋଗାଯୋଗ- 8260215715.

**LOST**

I, **Dipty Rekha Nayak,** W/o. Sishir Kumar Nayak, At- Sapan Pur, PO- Sisua, PS- Salipur, Dist- Cuttack, Odisha have lost the Original Sale Deed vide No. 1281, Khata No. 127, Plot No. 624, Mouza- Sapan Pur, Salipur, Dist- Cuttack. If anybody found and misuse it I shall not be responsible. I wish to sell the said property to Mrs. Dipty Rekha Nayak to taken Home Loan from SBI, Home Loan Centre Mortgage on the said property. If anybody has found the Sale Deed No. 1281, please return the Original document to SBI Home Loan Centre, Cuttack or contact me on my mobile No. 7606870256.
Dipty Rekha Nayak

**AFFIDAVIT**

I, Shaziya Khatun, W/o Mohammad Javed, resident of Plot No. LB 179, Badagada Brit Colony, PO: Badagada Brit, PS: Badagada, Bhubaneswar, PIN: 751018 declare by this affidavit No. 7510, date- 05/03/2026 that now onwards I shall be known as **SHAJIYA KHATUN** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Berhampur, Ganjam. I, **Gurpreet Singh,** aged about 43 years, S/o- Jagir Singh, resident of Raghunath Niwas, Flat-2A, Senraleigh Road, Karunamoyee Housing, Asansol (m Corp.), Barddhaman, State: West Bengal, PIN- 713305, vide affidavit No. 203, dtd- 26/02/2026 that now onwards I shall be known as **GURPREET SINGH FENG** for all future purposes.

**AFFIDAVIT**

I, Shaikh Sahid Hussain, aged about 47 years, S/o- Golam Samdani Shaikh, resident of At/Po: Rasulpur, PS- Tirtol, Dist- Jagatsinghpur, PIN- 754104, Odisha declared by this affidavit No. 451, dtd- 05/03/2026 that now onwards I shall be known as **SHAIKH SAHID HOSSAIN** for all future purposes.

**AFFIDAVIT**

By virtue of an affidavit sworn before Notary Public, Kesinga, dated 05/03/2026. I, **Anisha Jain,** D/o- Nandalal Jain, At: Ward No.7, Po/Ps- Kesinga, Dist: Kalahandi, Odisha declare that, I have changed my son's name from **Priyansh Jain** to **Shivansh Jain.** Henceforth, he will be known as **Shivansh Jain** for all purpose.
**(ANISHA JAIN)**

**AFFIDAVIT**

I, Md Javed, S/o Mohammad Hassan, resident of Plot No. LB 179, Badagada Brit Colony, PO: Badagada Brit, PS: Badagada, Bhubaneswar, PIN: 751018 declare by this affidavit No. 7511, date- 05/03/2026 that now onwards I shall be known as **MOHAMMAD JAVED** for all future purposes.

**AFFIDAVIT**

I, Asish Kumar Choudhury, aged about 46 years, S/o- Ram Nivas Choudhury, resident of Tikra Para, Po- Balangir, Ps- Town Bolangir, Dist- Balangir, Odisha, Pin- 767001, do hereby declare by this affidavit No. 454, dtd- 03/03/2026, that now onwards I shall be known as **ASHISH KUMAR CHOUDHURY** for all future purposes.

**AFFIDAVIT**

I, Subasha Chandra Samal S/o- Janardan Samal, resident of AT/PO- Jari, Binjharpur, Jajpur, Pin- 755016, Odisha, do hereby declare by this affidavit No. CF-65, dtd on 24/02/2026, that now onwards I shall be known as **SUBASH CHANDRA SAMAL** for all future purposes.

**AFFIDAVIT**

I, **Birendra Behera,** aged about 38 years, S/o- Madhusudan Behera, resident of At- Sankharo, Po- Barapur, Ps- Basudevpur, Dist- Bhadrak, Pin- 756125, Odisha do hereby declare for my minor daughter **SAILAXMI BEHERA** (former name) by this affidavit No.453, dtd-05/03/2026, that now onwards she shall be known as **RIYANSHI BEHERA** (new name) for all future purposes.

---

**यूनियन बैंक ऑफ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ: crld.robalasore@unionbankofindia.bank.in, ମୋ.: ୯୪୪୯୦୦୮୨୫୨

**ଗାଡ଼ି ବିକ୍ରୟ ନୋଟିସ୍**

| କ୍ର. ନଂ. | ରଣଗ୍ରହୀତାଙ୍କ ନାମ | ଶାଖା / ଯୋଗାଯୋଗ ନଂ. | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|---|
| ୧. | ଶ୍ରୀ ମନମୋହନ ଭୂୟାଁ, ପିତା: ନନ୍ଦକିଶୋର ଭୂୟାଁ | ବରୁଆଁ / ୯୪୪୯୦୦୮୨୫୨ | MARUTI SUZUKI INDIA LTD. SWIFT DZIRE ZXI , ପଞ୍ଜିକୃତ ନଂ.: OD05Y8852, ନିର୍ମାଣ ବର୍ଷ: ୨୦୧୭ | ଟ.୧,୩୦,୦୦୦/- / ଟ.୧୩,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ: ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ସିଜ୍ କରାଯାଇଥିବା ଉପରଦର୍ଶିତ ଗାଡ଼ି "ଯେଉଁଠାରେ ଯେପରି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ସମ୍ପୃକ୍ତ ଶାଖା ପରିସରରେ ଗାଡ଼ିକୁ ତା୨୪.୦୩.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ସର୍ବସାଧାରଣ ନିଲାମ କରାଯିବ। ସବିଶେଷ ବିବରଣୀ ନିମନ୍ତେ ଉପରିଦର୍ଶିତ ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ (ଉପରଦର୍ଶିତ ସମସ୍ତ ଅର୍ଥ ରାଶିରେ ଜିଏସ୍‌ଟି ଅନ୍ତର୍ଭୁକ୍ତ)।

ସ୍ଥାନ: ବାଲେଶ୍ୱର — ସ୍ୱା/- ଶାଖା ପ୍ରବନ୍ଧକ,
ତାରିଖ: ୦୫.୦୩.୨୦୨୬ — ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

---

**ୟୁକୋ ବ୍ୟାଙ୍କ**

ରସୁଲଗଡ ଶାଖା
ପ୍ଲଟ୍ ନଂ.: ୩୧୮/୧୨୯୪, ଜିଜିପି କଲୋନୀ, ୟୁନିଟ୍-୩୭, ରସୁଲଗଡ, ଭୁବନେଶ୍ୱର

**ଡିମାଣ୍ଡ ନୋଟିସ୍ (ସୁନା ଋଣ)**

**ୟୁକୋ ବ୍ୟାଙ୍କ, ରସୁଲଗଡ ଶାଖା** ଦ୍ୱାରା ନିମ୍ନ ସୁନା ଋଣ ସୁବିଧା ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ବକେୟା ରାଶି ପରିଶୋଧ କରିନାହାଁନ୍ତି। ଏଣୁ କିସ୍ତି/ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। **ଶାଖା ପ୍ରବନ୍ଧକଙ୍କ ଦ୍ୱାରା ୟୁକୋ ବ୍ୟାଙ୍କ, ରସୁଲଗଡ ଶାଖା**ର ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ଡିମାଣ୍ଡ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଋଣ ପରିମାଣ / ବକେୟା ଦେୟ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସୁନାର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତା: ନର୍ମଦା ପରିଡା, ପିତା: ଜଟାଧାରୀ ପରିଡା, ସା: ପ୍ଲଟ୍ ନଂ.: ୭୫୭, ଜିଜିପି କଲୋନୀ, ପୋଷ୍ଟ ଅଫିସ୍ ନିକଟ, ରସୁଲଗଡ, ଭୁବନେଶ୍ୱର, ପିନ୍ - ୭୫୧୦୨୫ | ଟ.୧,୦୧,୦୦୦/- / ଟ.୧,୨୦,୭୪୮/- + ଭବିଷ୍ୟତ ସୁଧ | ୨୮.୦୨.୨୦୨୫ / ୦୫.୦୩.୨୦୨୫ | ମୋଟ ଓଜନ: ୩୩.୭୨୦ ଗ୍ରାମ୍, ନେଟ୍ ଓଜନ: ୩୦.୫ ଗ୍ରାମ୍ |

ଏତଦ୍ୱାରା ବ୍ୟାଙ୍କ ସପକ୍ଷରେ ଆପଣ ସମ୍ପାଦିତ କରିଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏହାର କ୍ଷମତା ପ୍ରୟୋଗ କରି ଏହି ନୋଟିସ୍ ପ୍ରକାଶନ ତାରିଖର **୭ ଦିନ** ମଧ୍ୟରେ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରିବାକୁ ଆପଣଙ୍କୁ କୁହାଯାଉଛି। ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟ ଅଧିକାରର ପ୍ରୟୋଗ ବ୍ୟତୀତ ଆପଣଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ବକେୟା ଋଣ ଆଦାୟକରଣ ପାଇଁ ଉପରୋକ୍ତ ସୁନା ଅଳଙ୍କାରଗୁଡିକର ନିଲାମ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆମେ ଆଶା କରୁଛୁ, ଆପଣ ଏଭଳି ପରିସ୍ଥିତି ଠାରୁ ଦୂରେଇ ରହିବେ ଏବଂ ତୁରନ୍ତ ବକେୟା ଦେୟ ଦାଖଲ କରିବେ।

ସ୍ଥାନ : ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ : ୦୫.୦୩.୨୦୨୬ — ୟୁକୋ ବ୍ୟାଙ୍କ

---

**यूनियन बैंक ऑफ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର
ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୩.୦୩.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ଋଣ | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | କେନ୍ଦୁଝର-୩ ଶାଖା, ପ୍ଲଟ୍ ନଂ.: ୧୩୨, ହୋଲ୍ଡିଂ ନଂ.: ୨୫୫, ଜଗନ୍ନାଥପୁର, କେନ୍ଦୁଝର, ଓଡ଼ିଶା-୭୫୮୦୦୧, ମୋ.: ୯୯୦୯୯୧୦୨୫୪ | | | |
| ୧. | ଶ୍ରୀ ସଦାଶିବ ସାମଲ, ପିତା: ବନମଣି ସାମଲ, ସା: ଶ୍ରୀ ବିହାର, ଭାଲୁକିପାତଳା, ପୋ: କେନ୍ଦୁଝରଗଡ଼, ଥାନା: ଟାଉନ୍, କେନ୍ଦୁଝର, ପିନ୍-୭୫୮୦୦୧ / ୨୯୭୦୨୬୫୪୦୦୦୦୩୫୧ | ଟ.୧୪,୨୦,୧୩୬/- | ୨୫୯ | ୨୭୭ |
| ୨. | ଶ୍ରୀ ସଦାଶିବ ସାମଲ, ପିତା: ବନମଣି ସାମଲ, ସା: ଶ୍ରୀ ବିହାର, ଭାଲୁକିପାତଳା, ପୋ: କେନ୍ଦୁଝରଗଡ଼, ଥାନା: ଟାଉନ୍, କେନ୍ଦୁଝର, ପିନ୍-୭୫୮୦୦୧ / ୨୯୭୦୨୬୫୪୦୦୦୦୩୫୨ | ଟ.୧୩,୩୫,୯୩୮/- | ୨୪୫ | ୨୫୮.୪ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ।

ସ୍ଥାନ : ବାଲେଶ୍ୱର, ତାରିଖ : ୦୫.୦୩.୨୦୨୬ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଜୟନ୍ତୀରେ ବିଜୁବାବୁଙ୍କ ଗୁଣଗାନ





ବୌଦ୍ଧ,୫ ।୩(ସମିସ)

ଆଜି ବୌଦ୍ଧ ସହର ମହାନଦୀ ବ୍ରିଜ ଛକ ନିକଟରେ ପ୍ରବାଦ ପୁରୁଷ ଜନନାୟକ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନେତୃତ୍ୱରେ ବ୍ରିଜ ଛକ ନିକଟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧ୍ୟକ୍ଷା ସୁଭାସିନି ସେଠୀ, ଜିଲ୍ଲା ମହିଳା ବିଜେଡି ସଭାପତି ଦୀପ୍ତିପ୍ରଭା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଅଶୋକ ସାହୁ, ସୁବୋଧ ପ୍ରଧାନ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଅଶିନୀ ପ୍ରଧାନଙ୍କ ସମେତ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

ମନମୁଣ୍ଡା: ମହାନ ଜନନେତା ତଥା ଓଡ଼ିଶାର ଗର୍ବ ଗୌରବ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ କଣ୍ଟାମାଳଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳ କଣ୍ଟାମାଳ ବ୍ଲକ ସଭାପତି ରାଧାବଲ୍ଲଭ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ମହିଧର ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାଗ୍ୟରଥି ମଲ୍ଲିକ, ବିଜୟ ବାରିକ, ବାଳମୁକୁନ୍ଦ ମେହେର, ଘନ ବୁଡେକ, ମୁରଲୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ହରଭଙ୍ଗା: ହରଭଙ୍ଗା ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଚାରିଛକରେ ବିଜୁ ଜୟନ୍ତୀ ପାଳିତ ହୋଇଛି। ସଭାପତି ପଙ୍କଜ ସାହୁଙ୍କ ସଭାପତିତ୍ୱରେ ଏହି ଜୟନ୍ତୀ ପାଳିତ ହୋଇଛି। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ରବିଚନ୍ଦ୍ର ପ୍ରଧାନ, ସୁଶାନ୍ତ ପ୍ରଧାନ, ଅବକାଶ ସାହୁ, ପ୍ରଦୀପ ସାହୁ, ପୁରୁଣାକଟକ ସରପଞ୍ଚ ଅଶୋକ ସେଠି, କରଞ୍ଜୀକଟା ସରପଞ୍ଚ ନିହାର ଘୋଷ, ଗରୁଡ଼ ପ୍ରଧାନ ପ୍ରମୁଖଙ୍କ ସମେତ ଅନେକ ନେତା ଓ କର୍ମୀ ଯୋଗ ଦେଇଥିଲେ।

ବୀରମହାରାଜପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ ହୋଇଯାଇଛି।



ବୀରମହାରାଜପୁର ଯୁବ ବିଜେଡି ସଭାପତି ନାରାୟଣ ଲୁହାଙ୍କ ନେତୃତ୍ୱରେ ଆୟୋଜିତ ଜନ୍ମଦିନରେ ବ୍ଲକ ବିଜେଡି ସଭାପତି ସୁକୃନାରାୟଣ ମହାକୁଡଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେଡି ଜିଲ୍ଲା ଉପସଭାପତି ଶତ୍ରୁଘ୍ନ ନାଥ ଖଣ୍ଡଗିରି, କିଶୋର ହୋତା, ରଞ୍ଜିତ କୁମାର ରଥ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ଲଳିତ ମୋହନ ପାତ୍ର, ସମ୍ପାଦକ ସଞ୍ଜୀବ କୁମାର ଦେହୁରୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ହିଲୁଙ୍ଗ ସମିତି ସଭ୍ୟ ଶୈଳେନ୍ଦ୍ର ବାଦୀ, ମହେନ୍ଦ୍ର ଜଗଲଲା, ଶ୍ରୀକାନ୍ତ କର୍ମୀ, ପୃଥ୍ୱୀରାଜ ମହାକୁଡ, ତୁଳସୀ ଦାସ ହୋତା ପ୍ରମୁଖ ଯୋଗଦେଇଥିଲେ। ବୀରମହାରାଜପୁର ବ୍ଲକ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହାରି ବସଷ୍ଟାଣ୍ଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ଯୋଗଦେଇ ଥିବାବେଳେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଫଳବଣ୍ଟନ କରାଯାଇଥିଲା।

## ତେଲ ନଦୀରେ ବୁଡ଼ି ଯୁବକ ମୃତ

କଣ୍ଟାମାଳ,୫ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ବଡ଼ଛପାପାଲି ମେଗା ପ୍ରୋଜେକ୍ଟ ପାମ୍ପ ନର୍ସରୀ ତେଲନଦୀ କୂଳରେ ଅଘଟଣ ଘଟିଛି। ହୋଲି ଅବସରରେ ଭୋଜି କରି ମଉଜମସ୍ତି କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଗାଧୋଇବା ସମୟରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ହେଲେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳର ବଳରାମ ସାହୁ (୩୦)। କଣ୍ଟାମାଳ ଅଞ୍ଚଳର ଏକ ଗ୍ୟାସ୍ ଏଜେନ୍ସି ଫିଲ୍ଡରେ ସେ କାମ କରୁଥିଲେ। ହୋଲି ଅବସରରେ ସାଙ୍ଗମାନଙ୍କ ସହ ସେ ଭୋଜି କରିବାକୁ ତେଲନଦୀକୁ ଯାଇଥିଲେ। ବହୁ ସମୟ ଧରି ନ ଆସିବାରୁ ସାଙ୍ଗମାନେ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ ବାହିନୀ ଜରିଆରେ ବଳରାମଙ୍କୁ ଉଦ୍ଧାର କରାଯାଇଥିଲା। କଣ୍ଟାମାଳ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷିତ କରିଥିଲେ। କଣ୍ଟାମାଳ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ମନମୁଣ୍ଡା,୫ ।୩(ସମିସ): ବିଳାସପୁର ମେହେରୁଣି ଗୋଳା ନିକଟ ଦୈମତି ନାଳ ମୋଡ଼ରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନମୁଣ୍ଡା ଥାନା ବିଳାସପୁର ପଞ୍ଚାୟତ ନରସିଂହପୁର ଗ୍ରାମର ଲକ୍ଷ୍ମୀଧର ମେଣ୍ଡିଲି (୫୨)। ସେ ଏକ ବାଇକ୍ (ଓଡ଼ି୩୧ଡି ୦୬୮୨) ଯୋଗେ ମନମୁଣ୍ଡାରୁ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ସାମନାରୁ ଏକ ଚାରି ଚକିଆ ଗାଡ଼ି ଦ୍ରୁତ ଓ ବେପରୁଆ ଭାବେ ଆସି ଧକ୍କା କରି ପଳାଇଯାଇଥିଲା। ଧକ୍କାରେ ତାଙ୍କ ବାଇକ ଭାଙ୍ଗିରୁଜି ଯାଇଛି। ସେ ଗୁରୁତର ହୋଇଥିଲେ। ପୁଲିସ ଗାଡ଼ିରେ ତାଙ୍କୁ ମନମୁଣ୍ଡା ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏହାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଭାଇ ନରେନ୍ଦ୍ର ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ। ଏହି ଘଟଣାରେ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ଓ ୫ ଝିଅ ଭାଙ୍ଗି ପଡିଛନ୍ତି। ଏଭଳି ଦୁଃଖଦ ଘଟଣା ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

## କପାଶିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ିରୁ ଚୋରି

ମନମୁଣ୍ଡା,୫ ।୩(ସମିସ): ମନମୁଣ୍ଡା ଥାନା ତଥା ପଞ୍ଚାୟତ ଅଧୀନ କପାଶିରା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ନଂ ୧ ଓ ୨ରୁ ଚୋରି ହୋଇଯାଇଛି। ଦୁର୍ବୃତ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଭାଙ୍ଗି ଏକ ଗ୍ୟାସ ଟାଙ୍କି, ଛାତ୍ରଛାତ୍ରୀଙ୍କ ଖେଳ ଉପକରଣ ଓ ଯାଦୁ ପେଡ଼ି ସାମଗ୍ରୀ ନେଇଯାଇଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରୁ ମଧ୍ୟ ଏକ ଗ୍ୟାସ ଟାଙ୍କି, ଓଜନ ଯନ୍ତ୍ର, ୩୦ ପ୍ୟାକେଟ ଛତୁଆ, ଅଣ୍ଡା ସହ ଆହୁରି ଅନେକ ଜିନିଷ ଚୋରି କରି ନେଇଯାଇଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରମେଶ୍ୱର ମେହେର ଏବଂ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ବାସନ୍ତୀ ମିଶ୍ର ଓ କଳ୍ପନା ନାଏକ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଘଟଣା ସ୍ଥଳ ପରିଦର୍ଶନ କରିବା ପୂର୍ବକ ଏହାର ତଦନ୍ତ ଚଳାଇଛି।

## ଘର ଆଗରୁ ବୁଲେଟ ନେଇଗଲେ

ମନମୁଣ୍ଡା,୫ ।୩(ସମିସ): ସୁବର୍ଣ୍ଣପାଲି ନିବାସୀ ସୁଶାନ୍ତ ସାହୁଙ୍କ ଘର ସାମନାରୁ ତାଙ୍କ ଏକ ବୁଲେଟ (ଓଡ଼ି ୩୧କେ ୨୫୮୧) ଚୋରି ହୋଇଯାଇଛି। ସିସିଟିଭିରେ ଏହାର ପ୍ରମାଣ ରହିଛି। ପୁଲିସ କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ କରିବା ତ ଦୂର କଥା ଘଟଣା ସ୍ଥଳ ପରିଦର୍ଶନ କରିନି। ସେହିପରି ପଦରପଡ଼ା ନିବାସୀ ଶିକ୍ଷକ ଭାଗ୍ୟଧର ସାହୁଙ୍କ ଦେଉଳିସ୍ଥିତ ଭଡ଼ାଘରୁ ଗତ ୨୬ ତାରିଖ ରାତିରେ ତାଙ୍କ ବାଇକ (ଓଡ଼ି୨୭ଏ ୮୭୮୨) ଚୋରି ହୋଇଯାଇଛି। ଏଥିରେ ମଧ୍ୟ ପୁଲିସକୁ ସଫଳତା ମିଳିନି। ମନମୁଣ୍ଡା ଥାନା ଅଞ୍ଚଳରେ କିଛି ଦିନ ହେବ ଚୋରି ବୃଦ୍ଧି ପାଇଛି। ଏହାକୁ ନେଇ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ଥାନୀୟ ପୁଲିସ ପ୍ରତି ଲୋକଙ୍କ ଭରସା ତୁଟିଗଲାଣି।

## ପୋଡ଼ିଗଲା ଟ୍ରାନ୍ସଫର୍ମର; ଚିନ୍ତାରେ ଚାଷୀ

ବୌଦ୍ଧ,୫ ।୩(ସମିସ) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସିମିଲିଯୋରାର ଗଭୀର ନଳକୂପରେ ଲାଗିଥିବା ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ୧୦ ଦିନ ହେଲା ପୋଡ଼ି ଯାଇଛି। ଏଣୁ ଧାନ ଚାଷୀ ମରିବାକୁ ବସିଲାଣି। ଏହି ଟ୍ରାନ୍ସଫାର୍ମର ଉପରେ ୫ଜଣ ଚାଷୀ ନିର୍ଭର କରୁଛନ୍ତି। ଫଳରେ ଏବେ ଚାଷୀମାନେ ଚିନ୍ତାଗ୍ରସ୍ତ ଅଛନ୍ତି। ଖୁବ ଶୀଘ୍ର ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗାଇ ଦେବା ପାଇଁ ଚାଷୀ ଲୋଚନ ରଣା, କୁଳମଣି ରଣା, ସୀମାଞ୍ଚଳ ରଣା, କୃଷ୍ଣ ରଣା, କହ୍ନେଇ ମୂର୍ଗୀ ପ୍ରମୁଖ ଦାବି କରିଛନ୍ତି।

## ଧାନଖଣ୍ଡିରେ ଅଷ୍ଟପ୍ରହର ନାମଯଜ୍ଞ

ବୌଦ୍ଧ,୫ ।୩(ସମିସ): କଣ୍ଟାମାଳ ବ୍ଲକ୍ ପଲସାଗୋରା ପଞ୍ଚାୟତ ଧାନଖଣ୍ଡି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ପୁରୁଷ ଓ ମହିଳା କଳସ ଧରି ଗ୍ରାମ୍ୟ ପୁଷ୍କରିଣୀରୁ ପାଣି ଆଣିଥିଲେ। ପୂଜାର୍ଚ୍ଚନା ସହ ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ବନମାଳୀ ପ୍ରହରାଜ ପୂଜା କାର୍ଯ୍ୟ ନିର୍ବାହ କରିଥଲେ। କମ୍ପୁ ପ୍ରଧାନ ଓ ସଂଜୁ ପ୍ରଧାନ କର୍ତ୍ତା ଥିଲେ।

## ବରଯାତ୍ରୀ ଗାଡ଼ି-ହାଇୱା ମୁହାଁମୁହିଁ: ୪ ଗୁରୁତର

ବୌଦ୍ଧ,୫ ।୩(ସମିସ):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଅଧୀନ ଭୈରବୀ ମନ୍ଦିର ନିକଟରେ ଦୁର୍ଘଟଣା ଘଟିଛି। ଏକ ବୋଲେରୋକୁ ଗୋଟିଏ ହାଇଓା ଧକ୍କା ଦେଇଛି। ଏଥିରେ ୪ଜଣ ଗୁରୁତର ହୋଇଛନ୍ତି। ସୋନପୁର ଜିଲ୍ଲା ବୀରମହାରାଜପୁର ଡୁମୁରି ଅଞ୍ଚଳରୁ ପୁରୁଣାକଟକ ନିକଟସ୍ଥ ସାଲକଟାକୁ ଏକ ବୋଲେରୋରେ ୧୪ଜଣ ବରଯାତ୍ରୀ ଆସିଥିଲେ। ଭୋଜିଖାଇ ଫେରୁଥିଲେ; ମାତ୍ର ପୁରୁଣାକଟକରେ ଜାତୀୟରାଜପଥ ଅବରୋଧ ହୋଇଥିଲା। ଏଣୁ ସେମାନେ ଭୈରବୀ ମନ୍ଦିର ଛକରୁ ଜାତୀୟ ରାଜପଥ ଦେଇ ଯାଜପୁର ଗାଁ ହୋଇ ଫେରିବାର ଥିଲା; ମାତ୍ର ଦୁର୍ଭାଗ୍ୟବଶତଃ ଭୈରବୀ ମନ୍ଦିର ଛକରୁ ଜାତୀୟ ରାଜପଥରେ କିଛିବାଟ ଗଲାପରେ ଟିଭିଏସ ଶୋ' ରୁମ୍ ନିକଟରେ ଚାରିଛକ ପାଶ୍ୱର୍ରୁ ଆସୁଥିବା ଏଆରଏସଏସ କମ୍ପାନୀର ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋରେ ବସିଥିବା ୧୪ଜଣଙ୍କ ମଧ୍ୟରୁ ୧୨ଜଣ ଆହତ ହୋଇଥିବାବେଳେ ୪ଜଣ ଗୁରୁତର ହୋଇଥଲେ। ସେଥିରୁ ଅଧିକ ଚିକିତ୍ସା ପାଇଁ ୩ଜଣ ଗୁରୁତରଙ୍କୁ ବୌଦ୍ଧ ମେଡିକାଲ ପଠାଯାଇଥିଲା।

## ଭୁଲ୍ ଚିକିତ୍ସା ଯୋଗୁଁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ବୌଦ୍ଧ,୫ ।୩(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକରେ ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଯୋଗୁଁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପୁରୁଣାକଟକ ମେଡିକାଲ ପଛ ବସ୍ତିର ସୁବ୍ରତ ନାୟକ(୨୪)। ତାଙ୍କ ଦେହ କୁଣ୍ଠେ ହେବାରୁ ସେ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲ ଆସିଥିଲେ। ଡାକ୍ତର ରଜତ ମହାନନ୍ଦିଆ ତାଙ୍କର ଚିକିତ୍ସା କରିଥିଲେ। ଇଞ୍ଜେକ୍ସନ ନେବାର କିଛି ସମୟ ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ ବୌଦ୍ଧ ମେଡିକାଲ ନେବା ବାଟରେ ମୃତ୍ୟୁ ଘଟିଥିଲା। ଏଥିଯୋଗୁ ସ୍ଥାନୀୟ ଲୋକେ ମେଡିକାଲ ସମ୍ମୁଖରେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଘଟଣାସ୍ଥଳରେ ଏସ୍‌ଡିପିଓ ଲରେନ୍ସ ରାଉତରାୟ, ହରଭଙ୍ଗା ତହସିଲଦାର ବଳଦେବ ବେହେରା, ହରଭଙ୍ଗା ବିଡିଓ ବିଜୟ ପ୍ରଧାନ, ପୁରୁଣାକଟକ ଥାନା ଅଧିକାରୀ ଅରୁଣ ସିଂ, ସ୍ଥାନୀୟ ସରପଞ୍ଚ ଅଶୋକ ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାର ତ୍ୱରିତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ମନମୁଣ୍ଡା,୫ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର କ୍ଲଷ୍ଟର ଅଧୀନ ପୁରୁଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ବସ୍ତିଆ ଅବସର ନେଇଛନ୍ତି। ସ୍କୁଲ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଟାମାଳ ବିଇଓ ଅଶୋଭ ରଂଜନ ମାଳି, ପ୍ରାକ୍ତନ ଏବିଇଓ ଫାଲ୍ଗୁନୀ ମାଝୀ, ଏବିଇଓ ଦୁର୍ଗା ଚରଣ ପ୍ରଧାନ, ଶଙ୍କର ମହାନନ୍ଦ, ଶିକ୍ଷକ ସଂଘ ସଭାପତି ନୀଳାଚଳ ଭୋଇ, ଟଂକୁ ଅମାତ, ପ୍ରଧାନ ଶିକ୍ଷକ ନାରାୟଣ ମହାକୁଡ଼, ପଞ୍ଚାନନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ମଙ୍ଗଳୁ ସାହୁ, ୱାର୍ଡସଭ୍ୟ ବିଚିତ୍ର ସାହୁ, ପ୍ରାକ୍ତନ ଶିକ୍ଷକ ଦିଲ୍ଲୀପ କର୍ଣ୍ଣ, ବିଜୟ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଶିକ୍ଷକ ଷଣ୍ଢେଶ୍ୱର ନାଗ ସଭାରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଗୋବର୍ଦ୍ଧନ ସାହୁ, ରାକେଶ ମଲ୍ଲିକ, ସଂଜୀବ ନାଏକ, ପ୍ରମେଶ୍ୱର ଭୋଇ, ଦୌପଦୀ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମନମୁଣ୍ଡା,୫ ।୩(ସମିସ): କଣ୍ଟାମାଳ ବ୍ଲକ୍ ଗୁଡ଼ଭେଲିପଦର କ୍ଲଷ୍ଟର ଅଧୀନ ପୁରୁଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ତୃପ୍ତିତୃଷ୍ଣା ଭୋଇ ପଞ୍ଚମ ଶ୍ରେଣୀ ବୃତ୍ତି ପାଇଛନ୍ତି। ସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୫ ଦିନ ତଳେ ଅବସର ଗ୍ରହଣ କରିଥିବା ସ୍କୁଲର ପ୍ରଧାନ ଶିକ୍ଷକ ଖଗେଶ୍ୱର ବସ୍ତିଆ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ, ସହକାରୀ ଶିକ୍ଷକ ପରମେଶ୍ୱର ଭୋଇ, ରାକେଶ ମଲ୍ଲିକ, ସଞ୍ଜୀବ ନାଏକ, ଶିକ୍ଷୟିତ୍ରୀ ଦ୍ରୌପଦୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ପଲଶାଗୋରା: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା କ୍ଲଷ୍ଟର ବାଲିଯୋରୀ ୟୁଜିଏମଇ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ସରସ୍ୱତୀ ପ୍ରଧାନ ବ୍ଲକସ୍ତରୀୟ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦ୍ଧବ ମହାଲିକଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ସ୍କୁଲକୁ ୱାଟରକୁଲର ପ୍ରଦାନ

ମନମୁଣ୍ଡା,୫ ।୩(ସମିସ): ଦିଲ୍ଲୀ ବସନ୍ତ ସୋସିଆଲ ଫାଉଣ୍ଡେସନର ମନମୁଣ୍ଡା ଶାଖା ପକ୍ଷରୁ କେତେକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୱାଟରକୁଲର ପ୍ରଦାନ କରାଯାଇଛି। ବୌଦ୍ଧ ଏନ୍‌ଏସି ଅଧୀନ ବାପୁଜୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିନବ ପଟ୍ଟନାୟକ, କଣ୍ଟାମାଳ ବ୍ଲକ ଉଦୟପୁର ସ୍କୁଲର ପ୍ରଧାନ ଶିକ୍ଷକ ବାବୁଲାଲ ମହାକୁଡ, କପାଶିରା ସ୍କୁଲର ପ୍ରଧାନ ଶିକ୍ଷକ ପରମେଶ୍ୱର ମେହେର, ଖଇରମାଳ ସ୍କୁଲର ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପ୍ରଧାନ ଏବଂ ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେଠୀ ଏହା ଗ୍ରହଣ କରିଛନ୍ତି। ଫାଉଣ୍ଡେସନର ନିର୍ଦ୍ଦେଶକ ବିକାଶ ନାରାୟଣ ମିଶ୍ର ଏବଂ ଚେୟାରପର୍ସନ ରାଜଶ୍ରୀ ମିଶ୍ର ଶାଖା କାର୍ଯ୍ୟାଳୟରେ ଏହା ପ୍ରଦାନ କରିଥିଲେ। ସାମ୍ବାଦିକ ବୈଦ୍ୟନାଥ ହୋତା, ମନମୁଣ୍ଡା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସମ୍ବିତ ମିଶ୍ର , ଶିକ୍ଷାବିତ ସୁଶାନ୍ତ ରଥ, ନରେଶ କର୍ଣ୍ଣ, ମନମୁଣ୍ଡା ସିଆରସିସି ପ୍ରଜିନା ପାଢ଼ୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

## କଲେଜର ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ

ବିନିକା,୫ ।୩(ସମିସ): ବିନିକା ବ୍ଲକ୍ ବାଉଁସୁନୀ ଶ୍ରୀ ଜଗନ୍ନାଥ ଜୁନିଅର କଲେଜର ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପଞ୍ଚାନନ ସାହୁ ଏହି ନୂତନ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ।

## ଶିକ୍ଷକଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ



ବୌଦ୍ଧ,୫ ।୩(ସମିସ): କଣ୍ଟାମାଳ ବ୍ଲକ୍ ସୌରୀ ବେଙ୍ଗେସ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମହାବୀର ନାଗଙ୍କ ଅକାଳ ବିୟୋଗ ଘଟିଛି। କଣ୍ଟାମାଳ ମିଳିତ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାରକୁ ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ପତ୍ନୀ କାନ୍ତି ନାଗଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି।

## ନବନିଯୁକ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ଶଗଡା,୫ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଳାସପୁର ପଞ୍ଚାୟତ ରାକ୍ଷସକୁଟି ଗାଁର୍ ଦଣ୍ଡଧର କର୍ଣ୍ଣଙ୍କ ପୁଅ ସିଦ୍ଧାନ୍ତ କର୍ଣ୍ଣ ଆସାମ୍ ରାଇଫଲରେ ଯବାନ ଭାବେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ସିଦ୍ଧାନ୍ତଙ୍କୁ ବୌଦ୍ଧ ଜିଲ୍ଲା ମାଁ ମାହେଶ୍ୱରୀ ସେନା ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।



## ଟୋକନ ପାଇଁ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବୌଦ୍ଧ,୫ ।୩(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପ୍ରାଥମିକ କୃଷି ସମବାୟ ସମିତି ପାକ୍ସରେ ଧାନ ବିକ୍ରି ପାଇଁ ପଂଜିକରଣ କରିଥିବା ଚାଷୀଙ୍କ ଟୋକନ ଆସିନି। ଏଣୁ ସେମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁଞ୍ଜ ସେଠୀ, ପ୍ରାଣବନ୍ଧୁ ସେଠୀ ଓ ଗୋପବନ୍ଧୁ ସେଠୀ ଅମଳ କରିଥିବା ଧାନ ବିକ୍ରି ପାଇଁ ତେଲିବନ୍ଧ ସମିତିରେ ପଂଜିକରଣ କରିଥିଲେ; ମାତ୍ର ଆଜି ପର୍ଯ୍ୟନ୍ତ ଧାନ ବିକ୍ରି ପାଇଁ ଟୋକନ ଆସିନାହିଁ। ଏ ସମ୍ପର୍କରେ ଟୋଲ ଫ୍ରି ନମ୍ବର ସହ ସମିତି ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଟୋକନ ଆସୁନି। ଶେଷରେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ହାତୀପଲରେ ଶାବକ ଜନ୍ମ

ବୌଦ୍ଧ,୫ ।୩ (ସମିସ): ବୌଦ୍ଧ ବନଖଣ୍ଡ ଅଧୀନ ବଲାସିଙ୍ଗା ସହରୀ ବନୀକରଣ ଜଙ୍ଗଲ ଅଞ୍ଚଳରେ ବର୍ତ୍ତମାନ ୧୧ଟି ହାତୀ ଅବସ୍ଥାନ କରୁଛି। ଏହି ପଲରେ ୩ ଦିନ ତଳେ ଏକ ହାତୀ ଛୁଆ ଜନ୍ମ ଦେଇଛି। ନବଜାତ ଶାବକ ସହ ହାତୀ ପଲର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଦିନରାତି କଡା ନଜର ରଖାଯାଇଛି। ୪ଦିନ ପୂର୍ବେ ଆଠମଲିକ ବନଖଣ୍ଡ ଅଞ୍ଚଳରୁ ମହାନଦୀ ଡେଇଁ ୧୩ଟି ହାତୀ ପଲ ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ବଲାସିଙ୍ଗା ଅଞ୍ଚଳକୁ ପ୍ରବେଶ କରିଥିଲେ। ବନ ବିଭାଗ ସେମାନଙ୍କୁ ମହାନଦୀର ଅପରପାଶ୍ୱର୍କୁ ଘଉଡ଼ାଇଥିଲା। ପରଦିନ ୧୧ଟି ହାତୀ ପୁଣି ମହାନଦୀ ଡେଇଁ ବଲାସିଙ୍ଗା ପ୍ଲାଣ୍ଟେସନ ଅଞ୍ଚଳକୁ ଫେରଥିଲେ। ଏହି ପଲରେ ଥିବା ଗର୍ଭଣୀ ହାତୀଟି ଏକ ସୁରକ୍ଷିତ ସ୍ଥାନ ଚିହ୍ନଟ କରି ଛୁଆ ଜନ୍ମ ଦେଇଥିବା ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ହାତୀମାନେ ସାଧାରଣତଃ ଛୁଆ ଜନ୍ମ ପୂର୍ବରୁ ନିରାପଦ ଓ ନିର୍ଜନ ସ୍ଥାନ ବାଛିଥାନ୍ତି। ବର୍ତ୍ତମାନ ବନ କର୍ମଚାରୀ ଜଙ୍ଗଲରେ ଶିବିର କରି ହାତୀ ପଲ ଉପରେ କଡା ନଜର ରଖିଛନ୍ତି।



## ୫ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ



କଣ୍ଟାମାଳ,୫ ।୩(ସମିସ): ଲମ୍ବସରୀ ପଞ୍ଚାୟତ ଅଧୀନ ବଳମତୁମା ଜଙ୍ଗଲରୁ ୫ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ତେବେ ମାଫିଆ ପଳାଇବାରେ ସକ୍ଷମ ହୋଇଛନ୍ତି। ଏସ୍‌ଆଇ ପ୍ରକାଶ ଭୋଇ, ଏଏସ୍‌ଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

## କୋଟସମଲାଇରେ ଅଷ୍ଟପ୍ରହର ନାମଯଜ୍ଞ



ବୀରମହାରାଜପୁର,୫ ।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ କୋଟସମଲାଇ ଗଡ଼ଭିତର ରଥଛକ ଠାରେ ଫାଲଗୁନ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୩ତାରିଖ ରାତିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶିବ, ରାଧାକୃଷ୍ଣ ମହାପ୍ରଭୁ ହରିହର ଭେଟ ହୋଇ ହୋଲି ଖେଳ ଅନୁଷ୍ଠିତ ହୋଇଥିଲା। ୪ ତାରିଖ ସକାଳେ କଳସ ଶୋଭାଯାତ୍ରା ଓ ନାମଯଜ୍ଞ ଆରମ୍ଭ ହୋଇଥିଲା। ନାମଯଜ୍ଞର ପୂର୍ଣ୍ଣାହୁତି ହେଲାପରେ ଦହିହାଣ୍ଡି ଭଙ୍ଗା ଓ ନଗର ପରିକ୍ରମା କରାଯାଇଥିଲା। ଏଥିରେ ପୂଜକ ଭାବେ ସୁରେଶ ନାୟକ ଓ ଲକ୍ଷ୍ମଣ ନାୟକ କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଗାଁ ଗୌନ୍ତିଆ ଚମରା ଅମାତ ଓ ସୌରେନ୍ଦ୍ରୀ ଅମାତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ପର୍ଶୁରାମ ବାରିକ, ଘାସିରାମ ଅମାତ, ବିରଞ୍ଚି ପ୍ରସାଦ ବାରିକ, ଭୁବନେଶ୍ୱର ବିଶି, ଜଗନ୍ନାଥ ଉଡାନ, ଧବଳେଶ୍ୱର ଗୁରୁ, ଜୀବର୍ଦ୍ଧନ ଅମାତ ପ୍ରମୁଖ ସହଯୋଗ କରିଥିଲେ।

## କପିଳେଶ୍ୱର ମନ୍ଦିରରେ ମହାଜଳଶାୟୀ

ବିନିକା,୫ ।୩(ସମିସ): ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ ବାବା କପିଳେଶ୍ୱର ମନ୍ଦିରରେ ବିରାଜମାନ ମହାଦେବଙ୍କଠାରେ ମହାଜଳଶାୟୀ କରାଯାଇଛି। ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ ଓ ମମତା ନାୟକ ମୁଖ୍ୟ କର୍ତ୍ତା ଥିଲେ। ମୁକ୍ତିତୀର୍ଥ କୁହାଯାଉଥିବା ପୁଣ୍ୟପୀଠ ପାପକ୍ଷୟ ଘାଟରୁ ଆଖ ପାଖ ଗ୍ରାମର ପ୍ରାୟ ୧୫୦ଜଣ ଭକ୍ତ ଜଳ ସଂଗ୍ରହ କରି ବାବାଙ୍କ ପୀଠରେ ଅର୍ପଣ କରିଥିଲେ। ପୀଠରେ ଲିଙ୍ଗାବରଣ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର କମ୍ପି ଉଠିଥିଲା।

# ମନମାନି ଚଳାଇଛି ମନମୁଣ୍ଡା ପୁଲିସ

ମନମୁଣ୍ଡା,୫ ।୩(ସମିସ)

**● ନାବାଳିକାଙ୍କୁ ଦୁଷ୍କର୍ମ, ଗର୍ଭନଷ୍ଟ, ଅପହରଣ**
**● ଏସ୍‌ପିଙ୍କ ହସ୍ତକ୍ଷେପ ପରେ ମାମଲା ରୁଜୁ**

ମନମୁଣ୍ଡା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା, ଗର୍ଭ ନଷ୍ଟ କରିବା, ବିବାହ ପାଇଁ ମନା କରିବା, ପୁଣି ଅପହରଣ କରି ଦୁଷ୍କର୍ମ କରିବା ଏବଂ ହତ୍ୟା ଧମକ ଦେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଶଗଡ଼ାର ଜଣେ ଯୁବକ ପ୍ରାୟ ବର୍ଷେ ତଳେ ଏହି ନାବାଳିକା ଜଣଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲା। ଗର୍ଭବତୀ ହେବା ପରେ ନାବାଳିକା ଜଣକ ବିବାହ ପାଇଁ ଯୁବକକୁ କହିଥିଲେ। ଏହାପରେ ଯୁବକ ଜଣକ ଔଷଧ ଖୁଆଇ ଗର୍ଭ ନଷ୍ଟ କରି ଦେବା ପରେ ବିବାହ ପାଇଁ ମନା କରି ଦେଇଥିଲା। ପରିବାର ବର୍ଗ ବହୁ ବିଳମ୍ବରେ ଏହା ଜାଣିବାକୁ ପାଇଥିଲେ। ଏହାପରେ ଝିଅକୁ ଅନ୍ୟ ଜଣକଙ୍କ ସହ ବିବାହ ଲାଗି ନିର୍ବନ୍ଧ କରିଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ଯୁବକ ଜଣକ ବିବାହ ଠିକ୍ ହୋଇଥିବା ଯୁବକଙ୍କୁ ଧମକ ଦେଇଥିଲା। ନାବାଳିକାଙ୍କୁ ବାହା ହେଲେ ମାରିଦେବ ବୋଲି ଚେତାବନୀ ଦେଇଥିଲା। ଏଥିରେ ଭୟଭୀତ ହୋଇ ଏହି ବିବାହ ଭାଙ୍ଗିଥିଲା। ଗତ ୨୩ ତାରିଖ ରାତିରେ ଅଭିଯୁକ୍ତ ଯୁବକ ନାବାଳିକାଙ୍କୁ ଅପହରଣ କରି ପୁଣି ଦୁଷ୍କର୍ମ କରିଥିଲା। ତାଙ୍କୁ କୌଣସିଠାରେ ବାହା କରାଇ ଦେବ ନାହିଁ। କେସ୍ କଲେ ପରିବାର ଲୋକଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଥିଲା। ନାବାଳିକାଙ୍କ ପରିବାର ବର୍ଗ ଖୋଜାଖୋଜି କରି ୨୪ ତାରିଖ ସକାଳେ ଦୁହିଁଙ୍କୁ କଣ୍ଟାମାଳ ତେଲ ନଦୀ ସେତୁ ନିକଟରେ ପାଇଥିଲେ। ସେମାନଙ୍କ ଆସିବା ଦେଖି ଅଭିଯୁକ୍ତ ଫେରାର ହୋଇଯାଇଥିଲା। ନାବଳିକାଙ୍କୁ ପରିବାରବର୍ଗ ଉଦ୍ଧାର କରି ଘରକୁ ନେଇଥିଲେ। ଏନେଇ ନାବାଳିକାଙ୍କ ମା' ଗତ ୨୫ ତାରିଖରେ ଏତଲା ଦେଇଥିଲେ। ପୁଲିସ କିନ୍ତୁ ଆଜି ଆସ, କାଲି ଆସ କହି ଥାନାକୁ ୪ ଦିନ ପର୍ଯ୍ୟନ୍ତ ଦୌଡାଇ ଥିଲା। ଓଲଟା ନାବାଳିକାଙ୍କୁ ଥାନରେ ବସାଇ ମାମଲା ରୁଜୁ କରି ନ ଥିଲା। ପରିବାରବର୍ଗ ଏଥିରେ ଅତିଷ୍ଠ ହୋଇ ଏସ୍‌ପିଙ୍କୁ ଜଣାଇବା ପରେ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ଅଦ୍ୟାବଧି କିନ୍ତୁ ଅଭିଯୁକ୍ତ ଗିରଫ ହୋଇନି।

## ଅପହରଣ ପରେ ଯୁବତୀଙ୍କୁ ବିକ୍ରି ଅଭିଯୋଗ

# ପୀଡ଼ିତା ଏସ୍‌ପିଙ୍କ ଦ୍ୱାରସ୍ଥ

**ବଲାଙ୍ଗିର, ୫।୩(ସମିସ):** ବଲାଙ୍ଗିର ଜିଲ୍ଲାରେ ଜଣେ ଯୁବତୀ କଲେଜରୁ ଫେରିବା ଖଛଖଗ ଉଠାଇ ନେଇ ନିଶାସକ୍ତ ଅବସ୍ଥାରେ ରାଜ୍ୟ ବାହାରକୁ ନେଇ ବିକ୍ରି କରିବା ଭଳି ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି। କିଛି ମାସ ପୂର୍ବରୁ ଘଟିଥିବା ଏହି ଘଟଣାକୁ ନେଇ ପୀଡିତା ଯୁବତୀ ସହ ପରିବାର ଲୋକେ ଥାନା, ଏସ୍‌ପି କାର୍ଯ୍ୟାଳୟ ଧାଉଁଛନ୍ତି। କେହି ତାଙ୍କ ଦୁଃଖ ଶୁଣୁ ନ ଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଜରାସିଂହା ଅଞ୍ଚଳର ଜଣେ ଯୁବତୀ ୨୦୨୫ ମସିହା ଅକ୍ଟୋବର ୧୦ ତାରିଖରେ ଅପହୃତ ହୋଇଥିବା ଅଭିଯୋଗ ହୋଇଛି। ସେହିଦିନ ସକାଳୁ ଯୁବତୀ ଜଣକ କଲେଜରୁ ଫେରୁଥିବା ବାଟରେ ହରିଜନପଡ଼ାର ଜଣେ ଯୁବକ ଘରେ ଛାଡିଦେବାକୁ କହିଥିଲେ; କିନ୍ତୁ ସେ ମନା କରିଥିଲେ। ତାଙ୍କ ପେଟ ଯନ୍ତ୍ରଣା ହେଉଥିବାରୁ ସେ ଘରକୁ ଯିବେ ବୋଲି କହିଥିଲେ। ପରେ ସମ୍ପୃକ୍ତ ଯୁବକ ଜଣକ ଚକଲେଟ ଖାଇବା ପାଇଁ ଦେଇଥିଲେ। ପରେ ସେ ଆଉ କିଛି ଜାଣିପାରି ନ ଥିବା ବେଳେ ତାଙ୍କୁ ଏକ ବସଷ୍ଟାଣ୍ଡକୁ ନେଇଥିଲେ। ସେଠାରେ ଜରାସିଂହା କଲେଜର କିଛି ଯୁବକ ଉପସ୍ଥିତ ଥିଲେ। ତାଙ୍କୁ ପାଣି ମାଗିବାରୁ ସମ୍ପୃକ୍ତ ଯୁବକ ଜଣକ ଆମ୍ବରସ ଆଣି ପିଇବାକୁ ଦେଇଥିଲା; ଯାହାକୁ ପିଇ ଛାତ୍ରୀ ଜଣକ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ତାଙ୍କ ଚେତା ଫେରିବା ପରେ ସେ ଗାନ୍ଧୀପୁରମ ନାମକ ଏକ ସ୍ଥାନରେ ରହିଥିବା ଜାଣିବାକୁ ପାଇଥିଲେ। ସେଠାରେ ୫ଜଣ ଯୁବକ ଥିବା ବେଳେ ତାଙ୍କୁ ସମ୍ପୃକ୍ତ ଯୁବକ ୨ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ। ସେମାନଙ୍କ ପରିଚୟ ମାଗିବାରୁ ଜଣେ ଯୁବକ ନିଜକୁ ବରଗଡ଼ ଜିଲ୍ଲା ଟୋରା ଗାଁର ରାଜା ପଧାନ ବୋଲି କହିଥିବା ପୀଡିତା ଅଭିଯୋଗ କରିଛନ୍ତି। କିଛି ମାସ ଧରି ତାଙ୍କୁ ଏକ ବନ୍ଦ କୋଠରିରେ ରଖାଯାଇଥିଲା। ମଦ ପିଇବାକୁ ବାଧ୍ୟ କରାଯାଇଥିଲା। ସେ ନ ପିଇବାରୁ ଆକ୍ରମଣ କରାଯାଇଥିଲା। ଡାକ୍ତରଖାନାରେ ଥିବା ଜଣେ ଯୁବତୀଙ୍କ ସହାୟତା କ୍ରମେ ସେ ଘରକୁ ଫେରିଥିବା ଅଭିଯୋଗ କରିଛନ୍ତି। ତେବେ ତାଙ୍କ ଅଭିଯୋଗକୁ ଦେଓଗାଁ ଥାନା ପୁଲିସ ଗ୍ରହଣ କରୁଦି। ଗୁରୁବାର ସେମାନେ ଏସପିଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି।

## ■ ବିଦ୍ୟାଳୟର ଜମି ହଡ଼ପ ମାମଲା

# ଜିଲ୍ଲାପାଳଙ୍କ ଅଫିସ ଘେରିଲେ ଛାତ୍ରଛାତ୍ରୀ, ଅଭିଭାବକ

**ନୂଆପଡ଼ା, ୫।୩(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଜୁନାନୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଖେଳ ପଡ଼ିଆକୁ ଜନୈକ ଗାଁ ବାହାର ଲୋକ ଜାଲିଆତି




କରି ପଟ୍ଟା କର ନେଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।ଏହାକୁ ନେଇ ଗ୍ରାମ ଶିକ୍ଷା କମିଟୀ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଛାତ୍ରଛାତ୍ରୀଙ୍କୁ ନେଇ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ ଏହିବିଦ୍ୟାଳୟ ସଂଲଗ୍ନ ଏକ ଖେଳ ପଡ଼ିଆ ବିଦ୍ୟାଳୟ ପଟ୍ଟାରେ ଥିଲେ ମଧ୍ୟ ଜଣେ ବ୍ୟକ୍ତି ଜାଲିଆତି କରି ନିଜ ନାଁରେ ରେଜେଷ୍ଟ୍ରି କରି ପଟ୍ଟା କରିନେଇଥିବା ଅଭିଯୋଗ ହୋଇଛି। ଘଟଣା ଅବଗତ ହେବାପରେ ବିଦ୍ୟାଳୟ ତରଫରୁ ପରିଚାଳନା କମିଟୀ ନୂଆପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସୋମବାର ଦିନ କୌଣସି ଅଭିଭାବକ ପିଲାଙ୍କୁ ଆଉ ସ୍କୁଲକୁ ଛାଡିନଥିଲେ। ସେମାନଙ୍କୁ ଧରି ନୂଆପଡ଼ା ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

# ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରା

**କେସିଙ୍ଗା, ୫।୩(ସମିସ):** ରାଜ୍ୟରେ ଥିବା ଖଣିଜ ସମ୍ପଦର ହରିଲୁଟ ଓ ତାହାଦ୍ୱାରା ପରିବେଶକୁ ହେଉଥିବା କ୍ଷୟକ୍ଷତିକୁ ବନ୍ଦ କରିବା ପାଇଁ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ଗତ ଫେବୃଆରୀ ୨୫ ତାରିଖ ଦିନ କଟକ ଜିଲ୍ଲା ସତ୍ୟଭାମାପୁର ଆରମ୍ଭ ହୋଇ ଥିବା ଲୋକ ଅଧିକାର ଯାତ୍ରା ନବମ ଦିନରେ କଳାହାଣ୍ଡିର ଦ୍ୱାର କେସିଙ୍ଗା ସହରରେ ପହଞ୍ଚିଛି।କେସିଙ୍ଗା ଆମ୍ବେଦକର ଭବନ ଠାରେ ସଭାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ସାମିଲ ଥିବା ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ଅଭିଭାଷଣରେ ବିଜେପି ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରି ଧାନର ସବସିଡି ଇନପୁଟ୍ ଟଙ୍କା ଦେବାରେ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରି ଓଡ଼ିଶାର ଖଣିଜ ସମ୍ପଦକୁ ସରକାର କର୍ପୋରେଟର ମାନକ ହାତକୁ ଟେକି ଦେଇ ଖଣିଜ ସମ୍ପଦକୁ ହରିଲୁଟ କରୁଥିବା ଅଭିଯୋଗ କରିଥିଲେ।ସେହିପରି ଅଧିକାର ଯାତ୍ରାର ନେତୃତ୍ୱ ନେଇଥିବା ପରିବେଶବିତ୍ ଶ୍ରୀ ସାମନ୍ତରା ମଧ୍ୟ ସରକାରଙ୍କ ଖଣି ନୀତିକୁ ଆଲୋଚନା କରି ରାଜ୍ୟର ଖଣିଜ ସମ୍ପଦକୁ ବିକ୍ରି କରିବାରେ ଲାଗିଛନ୍ତି ବୋଲି କହି ଆଉ ୨୦ରୁ ୩୦ ବର୍ଷ ପରେ



ରାଜ୍ୟର ଖଣିଜ ସମ୍ପଦ ସରିଗଲେ ସରକାର କଣ କରିବେ ବୋଲି ପ୍ରଶ୍ନ କରିଥିଲେ। ୨୦ ରୁ ୩୦ ବର୍ଷ ପରେ ରାଜ୍ୟ ର ବିକାଶ ହେବ ଭଲ ରାସ୍ତା ସାଙ୍ଗକୁ ସୁଉଚ୍ଚ କୋଠା ସବୁ ଥିବ ହେଲେ ପରିବେଶ ଦୂଷିତ ହୋଇ ଯାଇଥିବ ଚିରସ୍ରୋତା ନଦୀ ସବୁ ଶୁଖି ଯାଇଥିବ ସେତେ ବେଳେ ସରକାର କଣ କରିବେ ବୋଲି ସରକାରଙ୍କୁ ଟାର୍ଗେଟ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଖ ପାଖ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଅଞ୍ଚଳର ବୁଦ୍ଧିଜିବୀଙ୍କ ସମେତ ଶ୍ରମିକ ନେତା ଲିଙ୍ଗରାଜ ଆଜାଦ, କେସିଙ୍ଗା ବ୍ରାସ ସଂଗଠନର ସଭାପତି ସୁରେଶ ମହାନନ୍ଦ, ଆଦିବାସୀ ସଂଘର ସଞ୍ଜୀବ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ କେସିଙ୍ଗାର ଯୁବ ସଂଗଠକ ସୁରେଶ ରାଓ।

# ବିଜୁବାବୁ ଥିଲେ ଓଡ଼ିଆଙ୍କ ପ୍ରେରଣାର ସ୍ୱର

**ଭବାନୀପାଟଣା, ୫।୩ (ସମିସ)**

ଓଡ଼ିଶାର ଭାଗ୍ୟ ନିର୍ଣ୍ଣୟରେ ଉଚ୍ଚ ଶକ୍ତିସମ୍ପନ୍ନ, କ୍ରିୟାଶୀଳ ଏବଂ ନବସର୍ଜନାର ନିର୍ମାତା ଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ସେ ଥିଲେ ଓଡ଼ିଆଙ୍କ ଅନ୍ତସ୍ୱରକୁ ଶାଣିତ କରିବାରେ ସୁଦକ୍ଷ ବିନ୍ଧାଣି। କେବଳ ତାହା ନୁହେଁ ସାଂସ୍କୃତିକ ଏବଂ ରାଜନୈତିକ




ଜୀବନର ପୁନର୍ବିନ୍ୟାସ ଓ ଚିନ୍ତା ଚେତନାରେ ବୈପ୍ଳବିକ ପରିବର୍ତ୍ତନର ଗୁରୁ ଦାୟିତ୍ୱ ମଧ୍ୟ ବହନ କରି ଆଜି ବି କୋଟି ଓଡ଼ିଆଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ସ୍ମୃତିଚାରଣ କରାଯାଇଛି। ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ରହିଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ସଭା ପରିଚାଳନା କରିଥିଲେ। ବିଜୁ ବାବୁଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇ ସଭା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଜିଲ୍ଲା ଉପସଭାପତି ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ନାରାୟଣ ସିଂହଦେଓ, ଟିକେଲାଲ ସାହୁ, ଗିରୀଶ ବେହେରା, ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ମୌଷଧି ବାଗ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ଯୁବ ସଭାପତି ଅବିନାଶ ଠାକୁର, ରାଜ୍ୟଯୁବ ଉପସଭାପତି ମଣ୍ଟୁ ନାଏକ, ମନୀନ୍ଦ୍ର ମହାନ୍ତି, ରାଜ୍ୟ ମହିଳା ଉପସଭାପତି ସଙ୍ଗୀତା ଖରସେଲ୍‌ଫ, ଆଦିବାସୀ ନେତା, ପରମାନନ୍ଦ ମାଝୀ, ରୁଦ୍ରରାଜ ମାଝୀ, ସାମନ୍ତ ଖମାରି, ନଗର ସଭାପତି ଧବଳେଶ୍ୱର ମହାପାତ୍ର, ପ୍ରଦୀପ ପ୍ରଧାନ, ଦିନେଶ ସାହୁ, ତ୍ରିଲୋଚନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ଟୁନି ଖୋସଲା, ପୁଷ୍ପଲତା ନାଏକ, ନମ୍ରତା ସାହୁ, ପରୀକ୍ଷିତ ନାଏକ, ବ୍ଲକ ସଭାପତି ଡାକେଶ୍ୱର ଲହଜାଲ, ପ୍ରେମ ରଞ୍ଜନ ପାଣିଗ୍ରାହୀ, ଅଭିମନ୍ୟୁ ବାଗ, ସୁଶାନ୍ତ ବେହେରା, ବିଜୟ ମାଝୀ, ରମେଶ ଦାସ, ହୃଷୀକେଶ ସାହୁ ସମେତ ଦୁଇ ଶହ କର୍ମକର୍ତ୍ତା ଆୟୋଜିତ ସମ୍ମିଳନୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜିଲ୍ଲା ବରିଷ୍ଠ ଉପ ସଭାପତି ଧର୍ମେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ନୂଆପଡ଼ା/ଖଡ଼ିଆଳ, ୫।୩(ସମିସ):** ବିଜେଡି ତରଫରୁ ନୂଆପଡ଼ା ଜିଲ୍ଲା ସଦର ମହକୁମା ସହ ଖଡ଼ିଆଳରେ ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନୂଆପଡ଼ା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ, ସାଧାରଣ ସମ୍ପାଦକ ରାଜେଶ ନିଗମ, ହରିଶ୍ଚନ୍ଦ୍ର ପଣ୍ଡା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ, କାର୍ତ୍ତିକ ଦୀପ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଘାଟିପଡ଼ାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିଭଳି ନୂଆପଡ଼ା ଜିଲ୍ଲା ଖଡିଆଳସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡ଼ି ଖଡିଆଳ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଓଡ଼ିଶା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ମହିଳା ନେତ୍ରୀ ସନ୍ତୋଷିନି ସଲମା, ୟାସିନ ମହମ୍ମଦ, ମନୋଜ ଦୀପ, ରାଜ୍ୟ ଉପସଭାପତି ସରସ୍ୱତୀ ବାଗ, ସହିଦ ଖାନ, ମନୋଜ ସୁନାନୀ, ଅନୀତା ବାରିକ, ସାଧବି ସିଂ ଦେଓ, ସଞ୍ଜୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ।






# କେଫ୍ୟୁ ପକ୍ଷରୁ ବନ୍ୟପ୍ରାଣୀ ଦିବସ ପାଳିତ

**ଭବାନୀପାଟଣା/ଥୁଆମୂଳରାମପୁର, ୫।୩ (ସମିସ):** କଳାହାଣ୍ଡି ଏଜେନ୍ସି ଫର ଏନଭାଇରମେଣ୍ଟ ଏଣ୍ଡ ୱାଇଲଡ଼ ଲାଇଫ (କେଫ୍ୟୁ) ପକ୍ଷରୁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳରାମପୁର ସାଇସୁରନି ରେଞ୍ଜର ସିଆଲିପଦର ଠାରେ ବନ୍ୟପ୍ରାଣୀ ଦିବସ ଓ ବନାଗ୍ନି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କେଫ୍ୟୁ ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷକବିତ୍, ଡ଼. ଅଜୟ ମିଶ୍ର, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ବାବୁ, କଳାହାଣ୍ଡି ପ୍ରାଥମିକ ଶିକ୍ଷକ ସଂଘର ନବ ନିର୍ବାଚିତ ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ କେଫ୍ୟୁ ସଂଗଠନର ପ୍ରତିଷ୍ଠାତା ସଦସ୍ୟ ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ, ଗୁଣପୁର ସରପଞ୍ଚ ପ୍ରତିନିଧି ପବିତ୍ର ମାଝୀ, ଥୁଆମୂଳରାମପୁର ଦକ୍ଷିଣ ବନାଞ୍ଚଳ ସାଇସୁରନି ବିଟର ବନରକ୍ଷୀ ସୁଶାନ୍ତ କୁମାର ଦାସ, ସିଆଲିପଦର ମହିଳା ସବୁଜ ବାହିନୀ ର ଅଧକ୍ଷ୍ୟା ନମିତା ମାଝୀ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ନାୟକ ଓ ଗଣ୍ୟମାନ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇ ବିଶ୍ୱ ବନ୍ୟପ୍ରାଣୀ ଦିବସ ଓ ବନାଗ୍ନି ସଚେତନତା ସଭା ଉପରେ ଆଲୋଚନା କରିଥିଲେ। ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ଲାଗି ସରକାର ଆଣିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ସ୍ଥାନୀୟ ଜଙ୍ଗଲର ରକ୍ଷଣ ବେକ୍ଷଣ କରିବା ପାଇଁ ଗ୍ରାମବାସୀ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ ପରିଚାଳନା କରିଥିବା ବେଳେ ଡୋଳାମଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟପାଟଣା ବ୍ଲକ୍‌ରେ ଭୀମଭୋଇ ସାମର୍ଥ୍ୟ ଶିବିର

**ଜୟପାଟଣା, ୫।୩ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ପରିସରରେ ଭିନ୍ନକ୍ଷମମାନଙ୍କ ସହାୟତା ପାଇଁ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦୨ ଜଣ ହିତାଧିକାରୀ ଯୋଗ ଦେଇଥିଲେ।ଶିବିରରେ ଉପସ୍ଥିତ ଥିବା ହିତାଧିକାରୀଙ୍କୁ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ପରୀକ୍ଷା କରିଥିଲେ।ଡାକ୍ତରୀ ଦଳରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରମଥେଶ କଶ୍ୟପ ପଣ୍ଡା, ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଚେତୁରାମ ମେହେର, ଇଏନ୍‌ଟି (କାନ, ନାକ, ଗଳା) ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁମ୍ନ କିଶୋର ପଣ୍ଡା ଏବଂ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଲୋପାମୁଦ୍ରା ବିଶି ପ୍ରମୁଖ ସାମିଲ ଥିଲେ। ଏଥିସହ ଅଡିଓଲୋଜିଷ୍ଟ ଆରାଧନା ବେହୁରା, ଫିଜିଓଥେରାପିଷ୍ଟ ଡାକ୍ତର ସମ୍ବିତ ସ୍ୱରୂପ ପଣ୍ଡା ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନେ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ହିତାଧିକାରୀମାନଙ୍କୁ ପରୀକ୍ଷା କରାଯିବା ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ପରବର୍ତ୍ତୀ ସମୟରେ ପେନସନ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ତିନି ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର ମଧ୍ୟ ପ୍ରଦାନ କରାଯାଇଛି। ଶିବିରରେ ବ୍ଲକ ପ୍ରଶାସନର ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ମିଳିଲା ହଜି ଯାଇଥିବା ମୋବାଇଲ



**ସଇଁତଲା, ୫।୩(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ପୁଲିସ ଚୋରି ଯାଇଥିବା ୮ଟି ମୋବାଇଲ ଫୋନ୍‌କୁ ଫେରାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପଧାନି ଏହା ସୂଚନା ଦେଇଛନ୍ତି। ପୁଲିସ ବିଭିନ୍ନ ସ୍ଥାନରୁ ଏହି ମୋବାଇଲ ଫୋନ ଉଦ୍ଧାର କରିଥିଲା। ମୋବାଇଲଗୁଡ଼ିକୁ ସଇଁତଲା ଥାନାରେ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏସଆଇ ଆଲୋକ ଭୋଇ, ଏସଆଇ ପୂର୍ଣ୍ଣିମା ଦେହୁରୀ, କନେଷ୍ଟବଳ ପାର୍ଥ ସାହୁ, କନେଷ୍ଟବଳ ବୀଣା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ନେତାଙ୍କ ଦେହାନ୍ତ

**ବଲାଙ୍ଗିର, ୫।୩(ସମିସ):** ବଲାଙ୍ଗିର ସହରର ଟିକ୍ରାପଡ଼ା ନିବାସୀ କଂଗ୍ରେସର ଯୁବନେତା ସନୋଜ ପଟ୍ଟନାୟକ ଆଉ ନାହାନ୍ତି। ତାଙ୍କ ପରଲୋକ ଘଟିଛି। ବଲାଙ୍ଗିର କଂଗ୍ରେସ କାର୍ଯ୍ୟାଳୟରେ ଏକ ଶୋକସଭା ଆୟୋଜନ ହୋଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ସାନନ୍ଦ ମିଶ୍ର, କୈଳାସ ମିଶ୍ର, ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରନ୍ଦର ତରିଆଙ୍କ ପରଲୋକ

**ମୁରିବାହାଲ, ୫।୩ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରନ୍ଦର ତରିଆ (୭୨)ଙ୍କ ନିଜ ବାସଭବନରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ମୁରିବାହାଲ ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଦସ୍ୟ ଥିଲେ। ବଡପୁଅ ଅଶୋକ ମୁଖାଗ୍ନି ଦେଇଥିଲେ।

## ଦୋଳ ଉତ୍ସବରେ ମାର୍‌ପିଟ୍

**ଦେଓଗାଁ, ୫।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଲୁହାଖାନରେ ଦୋଳଉତ୍ସବ ଦିନ ମାରପିଟ୍ ହୋଇଛି। ଏହି ଘଟଣାରେ ପୁଲିସ ଲୁହାଖାନ ଗାଁର ଶୁଭମ ମେହେର (୨୨) ଓ ମାଟୁପାଲି ଗାଁର ନକୁଳ ଭୋଇ (୨୦)ଙ୍କୁ ଗିରଫ କରିଛି। ଗାଁରେ କିଛି ଯୁବକ ରଙ୍ଗ ଖେଳିବା ପରେ ନିଶାଶକ୍ତ ହୋଇ ଝାମେଲା ସୃଷ୍ଟି କରିଥିଲେ। ଶୁଭମ୍ ଓ ନକୁଳ ଶମ୍ଭୁ ଭାଟିଙ୍କୁ ଅନଲାଇନରେ ମଗାଇଥିବା ଏକ ବନ୍ଧୁକରେ ଆକ୍ରମଣ କରିଥିଲେ। ଶମ୍ଭୁ ଗୁରୁତର ହୋଇଥିଲେ। ଖବର ପାଇ ଶମ୍ଭୁଙ୍କୁ ପରିବାର ଲୋକେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲକୁ ନେଇଥିଲେ। ଖବର ପାଇ ଏସଆଇ ଦୀପକ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚି ଶୁଭମ୍ ଓ ନକୁଳକୁ ଗିରଫ କରିଥିଲା। ପୁଲିସ ତା ପାଖରୁ ବନ୍ଧୁକ ଜବତ କରିଛି। ଅନ୍ୟପକ୍ଷେ ଶମ୍ଭୁଙ୍କ ପରିବାର ଓ ସହଯୋଗୀ ଶୁଭମ୍ ଘରକୁ ଆସି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ୨ଟି ମାମଲା ରୁଜୁ ହୋଇଛି। ତଦନ୍ତ ଚାଲିଥିବା ଥାନା ଅଧିକାରୀ ସବିତା ଠେମରିଆ ସୂଚନା ଦେଇଛନ୍ତି।

# ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ କର୍ମଶାଳା

**ଜୁନାଗଡ଼, ୫।୩(ସମିସ):** ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମହିଳା ଅଧିକାର ଉପରେ କର୍ମଶାଳା ଜୁନାଗଡ଼ ବ୍ଲକ ବଣ୍ଡାକୁଟ୍ରା ସ୍ଥିତ କର୍ତ୍ତବ୍ୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ, କଳାହାଣ୍ଡି ଓ ସ୍ୱେଚ୍ଛାସେବୀ ସଂଗଠନ 'କର୍ତ୍ତବ୍ୟ'ଦ୍ୱାରା ଆୟୋଜିତ ହୋଇଯାଇଛି। ନାରୀ ଯେତେବେଳେ ସଂକଳ୍ପ ନିଏ ସେତେବେଳ ସବୁକିଛି ସମ୍ଭବ ହେଇଯାଏ। ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏବେ ଏହା ବାସ୍ତବତା ଆଡ଼କୁ ଗତି କରୁଛି ବୋଲି ମଞ୍ଚାସିନ ଅତିଥିମାନେ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଜୁନାଗଡ଼ ଓ ଧର୍ମଗଡ଼ ବ୍ଲକର ୫୨ ଜଣ ମହିଳା ଯୋଗଦେଇଥିଲେ। ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ମଶାଳାରେ, ଜିଲ୍ଲା ସମାଜ ମଙ୍ଗଳ ଅଫିସର ମୋହନ ନାଏକ ଜେଣ୍ଡର ସ୍ପେସିଆଲିଷ୍ଟ, ଦେବେନ୍ଦ୍ର ପଟେଲ ଜିଲ୍ଲା ପ୍ରକଳ୍ପ ପରିଚାଳକ ରିଲାଏନ୍ସ ଫାଉଣ୍ଡେସନ, ଆଶୋକ ପଟ୍ଟନାକ ମୁଖ୍ୟ ନିର୍ବାହୀ କର୍ତ୍ତବ୍ୟ ପ୍ରମୁଖ ମଞ୍ଚାସିନ ଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନର ଟେକ୍ନିକାଲ ଲିଡ ସୁଶ୍ରୀ ରାଧା ଠାକୁର, ସୁଶିଲ କୁମାର ବେହେରା ଅନଲାଇନରେ ଯୋଗ ଦେଇଥିଲେ।କର୍ମଶାଳାରେ ଡିଜିଟାଲ କୌଶଳ ଏବଂ ପ୍ରଯୁକ୍ତି ଜ୍ଞାନ, ମହିଳାଙ୍କ ଆଇନଗତ ଅଧିକାର ଓ ସଚେତନତା, ମହିଳା ଉଦ୍ୟମିଙ୍କ ବଜାର ସୁବିଧା ପ୍ରାପ୍ତି ତଥା ଆର୍ଥିକ ସାକ୍ଷରତା ଓ ସଶକ୍ତିକରଣ ଉପରେ ଅତିଥିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

## ଶିଶୁସେବିକା ନିଯୁକ୍ତିରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

# ଦେପୁର, ପାତ୍ରବସା ଓ କସାବାହି ବିଦ୍ୟାଳୟରେ ତୀବ୍ର ଅସନ୍ତୋଷ

**କଲମପୁର, ୫।୩(ସମିସ)**

ଶିଶୁ ସେବିକା ନିଯୁକ୍ତିକୁ ନେଇ ବିଭିନ୍ନ ବିଦ୍ୟାଳୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନସ୍ତ ଦେପୁର, ପାତ୍ରବସା, କସାବାହି ସରକାରୀ ବିଦ୍ୟାଳୟ ଗୁଡିକ ଅନ୍ୟତମ। ମିଳିଥିବା ସୂଚନା ଅନୁସାରେ ଦେପୁର ପାଇଁ ଦୁଇ ଜଣ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ମଧ୍ୟରେ ଜଣେ ପ୍ରାର୍ଥିନୀଙ୍କୁ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ମନୋନୀତ କରିଥିବା ବେଳେ ପ୍ରଧାନଶିକ୍ଷକ ଏକତରଫା ଭାବେ ଅନ୍ୟ ଜଣେ ପ୍ରାର୍ଥିନୀଙ୍କୁ ଚୟନ ଲାଗି ଚେଷ୍ଟା କରିବାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ପ୍ରଧାନଶିକ୍ଷକ ସ୍କୁଲ ପରିଚାଳନା କମିଟି ମନୋନୀତ କରିଥିବା ପ୍ରାର୍ଥୀନୀଙ୍କୁ ନୀୟମ ଦେଖାଇ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସମ୍ପର୍କୀୟ ବୋଲି ଦର୍ଶାଇଛନ୍ତି। ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ କହିବା କଥା ଝିଅକୁ ଛାଡ଼ି ମାଆ ପରପୁରୁଷକୁ ନେଇ ଘର କଲା, ସେହି ପରପୁରୁଷ କିପରି ପ୍ରାର୍ଥିନୀଙ୍କ ସମ୍ପର୍କୀୟ ହେଲା। ଯେଉଁ ପ୍ରାର୍ଥିନୀଙ୍କ ପାଇଁ ପ୍ରଧାନଶିକ୍ଷକ ବାଟ ହୁଡିଛନ୍ତି, ସେହି ପ୍ରାର୍ଥନୀ ଓ ସମ୍ପୃକ୍ତ ପ୍ରଧାନଶିକ୍ଷକ ସମ୍ପର୍କରେ ଭାଇ ଭାଉଣୀ ହେବେ। ପ୍ରଧାନଶିକ୍ଷକଙ୍କ ମାଉସୀ ଝିଅ ହେଉଛନ୍ତି ପ୍ରାର୍ଥନୀ। ଏନେଇ ଦେପୁର ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କୁ ଅଭିଯୋଗ କରିଛନ୍ତି। ହେଲେ ଏଯାଏଁ କୌଣସି ନିର୍ଦ୍ଦିଷ୍ଟ ନିଷ୍କର୍ଷ ବାହାରି ନାହିଁ। ସେହିପରି କସାବାହି ବିଦ୍ୟାଳୟରେ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି। ଏଠାରେ ମଧ୍ୟ ଦୁଇ ଜଣ ପ୍ରାର୍ଥୀନୀଙ୍କ ଲାଗି ଅସନ୍ତୋଷ ଦେଖାଦେଇଛି। ଜଣେ ପ୍ରାର୍ଥନୀ ଅନୁସୂଚିତ ଜନଜାତିର ହୋଇଥିବା ବେଳେ ସମ୍ପୃକ୍ତ ପ୍ରାର୍ଥୀନୀଙ୍କ ସମ୍ପର୍କୀୟ ସ୍କୁଲ ପରିଚାଳନା କମିଟି ସଦସ୍ୟ ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ପ୍ରାର୍ଥନୀ ସ୍ୱାମୀ ପରିତ୍ୟକ୍ତା ବୋଲି ଦାବି କରିଥିବା ବେଳେ ତାଙ୍କ ନିକଟରେ ଯାଞ୍ଚିତ ପ୍ରମାଣପତ୍ର ନାହିଁ। ଏନେଇ ପ୍ରଧାନଶିକ୍ଷକ ଦ୍ୱିବିଧାରେ ପଡ଼ି ଯାଇଛନ୍ତି। ଏପଟେ ଅନୁସୂଚିତ ଜନଜାତିର ପ୍ରାର୍ଥନୀଙ୍କ ସମ୍ପର୍କୀୟ ସ୍କୁଲ ପରିଚାଳନା କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବେଳେ କୋର୍ଟ ଦ୍ୱାରା ପ୍ରଦତ୍ତ ଛାଡ଼ପତ୍ର ପ୍ରମାଣପତ୍ର ହିଁ ଗ୍ରହଣ ଯୋଗ୍ୟ ବୋଲି କୁହାଯାଉଛି। ତେବେ ବିଦ୍ୟାଳୟ ପକ୍ଷରୁ ପୁଣିଥରେ ଶିଶୁ ସେବିକା ନିଯୁକ୍ତି ବିଜ୍ଞାପନ ପ୍ରକାଶିତ ହେବାକୁ ସ୍ଥିର ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ପାତ୍ରବସା ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀୟମକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏଥିପାଇଁ ଜନୈକା ପ୍ରାର୍ଥନୀ ଗ୍ରାମର ୱାର୍ଡ ସଦସ୍ୟାଙ୍କ ସହିତ ପହଞ୍ଚି ଅସ୍ପୃଶ୍ୟତା ମନୋଭାବ ରଖି ମୋତେ ଏହି ନିଯୁକ୍ତିରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ କରି କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ନାଏକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷକ ଦୁଇଜଣ ପ୍ରାର୍ଥିନୀ ଆବେଦନ କରିଥିଲେ ବୋଲି ବାହାରେ କହୁଥିବା ବେଳେ ଅଫିସ ରିପୋର୍ଟ ଅନୁସାରେ ଜଣେ ମାତ୍ର ପ୍ରାର୍ଥନୀ ଆବେଦନ କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ଅଭିଯୋଗ କାରିଣୀ ମୁଁ ଆବେଦନ କରିବା ସମୟରେ ୱାର୍ଡ ସଦସ୍ୟ ଉପସ୍ଥିତ ରହିଥିଲେ। ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତତା ଓ ନିର୍ଦ୍ଦେଶ କ୍ରମେ ଅନ୍ୟ ଜଣେ ଶିକ୍ଷକ ମୋ ଆବେଦନ ପତ୍ର ଗ୍ରହଣ କରିଥିଲେ ବୋଲି କହିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମଧ୍ୟରେ ମୁଁ ଜଣେ ମାତ୍ର ପ୍ରାର୍ଥନୀ ଆବେଦନ କରିଥିବା ବେଳେ ପଛୁଆବର୍ଗର ପ୍ରାର୍ଥନୀଙ୍କୁ ଚୟନ କରାଯାଇଛି। ସମ୍ପୃକ୍ତ ପ୍ରାର୍ଥନୀ ଦୁଇଟି ସନ୍ତାନ ସହିତ ବାପ ମାଆ ଘରେ ରହି ଆସୁଥିବା ବେଳେ କୋର୍ଟରେ ଛାଡ଼ପତ୍ର ହୋଇଥିବା ପ୍ରମାଣ ନାହିଁ, ଏବେ ମଧ୍ୟ କେତେକ କାଗଜପତ୍ରରେ ତାଙ୍କ ସ୍ୱାମୀଙ୍କ ନାମ ଉଲ୍ଲେଖ ଅଛି। ତାଙ୍କୁ କିପରି ଚୟନ କରାଗଲା ବୋଲି ଗ୍ରାମବାସୀମାନେ ପାଲଟା ପ୍ରଶ୍ନ କରିଛନ୍ତି, ଆହୁରି ମଧ୍ୟ ପ୍ରାର୍ଥନୀ ଅଭିଯୋଗ କରିଛନ୍ତି ଯେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶୁ ସେବିକା ନିଯୁକ୍ତି ବିଜ୍ଞାପନ ସର୍ବସାଧାରଣରେ ପ୍ରକାଶିତ କରି ନାହାନ୍ତି। ଗୋପନରେ ଏସବୁ କାମ ତୁଲାଇଛନ୍ତି, ମୁଁ ପରସ୍ପରରେ ଖବର ପାଇ ସମ୍ପୃକ୍ତ ପ୍ରଧାନଶିକ୍ଷକ ପାଖକୁ ଆବେଦନ ପତ୍ର ଦାଖଲ କରିବାକୁ ଗଲି, ସେ କହିଲେ ମୋ ପାଖକୁ ଏଭଳି କିଛି ଚିଠି ଆସି ନାହିଁ, ଏଣୁ ମୁଁ ଆବେଦନ ପତ୍ର ରଖି ପାରିବି ନାହିଁ, ପରେ କହିଲେ ବିଇଓ ଅଫିସକୁ ଯାଅ ଓ ବିଇଓଙ୍କ ଠାରେ ଆବେଦନ ପତ୍ର ଦାଖଲ କର। ଶେଷରେ ବାଧ ହୋଇ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପରେ ମୋର ଆବେଦନ ପତ୍ର ଗ୍ରହଣ ହୋଇଥିଲା। ଚୟନ ସମୟରେ ପ୍ରାର୍ଥିନୀ ଗ୍ରାମରେ ଥିବା ସରପଞ୍ଚ, ୱାର୍ଡ ସଦସ୍ୟ ଓ ବୁଦ୍ଧିଜୀବିମାନଙ୍କୁ ସାମିଲ ନ କରି କାହିଁକି ଗୋପନରେ ଚୟନ କାମ ସାରି ଦିଆଗଲା ତାହା ହିଁ ତଦନ୍ତ ସାପେକ୍ଷ। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ନାହିଁ।

# କୁଳିଆବନ୍ଧା ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ନୂଆପଡ଼ା, ୫।୩ (ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ କୁଳିଆବନ୍ଧା ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନ ଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ




ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡ. ଧନେଶ୍ୱର ସେଠୀ, ବିଡ଼ିଓ ରୋହିତ ଭୋଇ, ନୂଆପଡ଼ା ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ସରପଞ୍ଚ ଶାନ୍ତାରାମ ଓ ସମିତି ସଭ୍ୟ କେଶରୀ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ବିଲୋପ ପାଇଁ ଲୋକଙ୍କ ସହଯୋଗିତା ଓ ସହଭାଗିତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଯେଉଁମାନେ ଆଗରୁ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଇଥିଲେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ବନଖଣ୍ଡ ଅଧିକାରୀ ଅଜିଜ ଖାନ ଜଙ୍ଗଲ ନିଆଁର ଭୟାବହତା ଓ ବାୟୁ ପ୍ରଦୂଷଣ ଭଳି ପରିବେଶ ଉପରେ ବିଭିନ୍ନ କୁପ୍ରଭାବ ଉପରେ ଆଲକପାତ କରି ଲୋକଙ୍କୁ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଅତିଥିଙ୍କ ଦ୍ୱାରା ଏକ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଭିବିଜି ରାମଜୀରେ ୧୦୦ ଦିନରୁ ଉର୍ଦ୍ଧ୍ୱ କାମ କରିଥିବା ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛେରିଲେଣ୍ଡି ଗ୍ରାମର ୧୦ ଜଣ ପ୍ରଜାଙ୍କୁ ଆଇଏଫ୍ ଆର୍ ଦ୍ୱାରା ଘରଡିହ ଓ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ସେହିପରି ମାସନକୁଣ୍ଡା ଗ୍ରାମବାସୀଙ୍କୁ ୧୨.୫ ହେକ୍ଟର ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଇଥିଲା।

# ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ତମ ଜୟନ୍ତୀ

ଭୁବନେଶ୍ୱର,୫।୩(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି। ଏଥିରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ ଦଳ ସବୁବେଳେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢୁଛି ବୋଲି ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ଆଜି ସକାଳ ପ୍ରଥମେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ସକାଳ ଭୁବନେଶ୍ୱର ସ୍ଥିତ ଫରେଷ୍ଟ ପାର୍କଠାରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଶଙ୍ଖ ଭବନରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉପସ୍ଥିତ ବରିଷ୍ଠ ନେତା, ସାଂସଦ, ବିଧାୟକ ଓ ଦଳୀୟ ପଦାଧିକାରୀମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ



ଜୀବନୀ, ଆଦର୍ଶ ଓ ତାଙ୍କର ଅମୂଲ୍ୟ ଅବଦାନ ବିଷୟରେ ନିଜର ମତ ପ୍ରକାଶ କରିଥିଲେ । ତାଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ଲୋକଙ୍କ ଉନ୍ନତି ଓ କଲ୍ୟାଣ ପାଇଁ କାମ କରିବାକୁ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ଡ. ଅରୁଣ କୁମାର ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସୁଲୋଚନା ଦାସ, ବଦ୍ରି ନାରାୟଣ ପାତ୍ର, ବ୍ୟୋମକେଶ ରାୟ, କଳିକେଶ ନାରାୟଣ ସିଂହଦେଓ, ଗଣେଶ୍ୱର ବେହେରା, ସସ୍ମିତ ପାତ୍ର, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, ମୁଜିବୁଲା ଖାନ୍, ମଞ୍ଜୁଲତା କହଁର, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ପ୍ରଣବ ବଳବନ୍ତରାୟ, ଭୃଗୁ ବକ୍ସିପାତ୍ର, ସୁମିତ୍ରା ଜେନା, ଗୀତା ବସ୍ତିଆ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ବ୍ରଜ କିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ଅଶ୍ୱିନୀ କୁମାର ପାତ୍ର, ଗୌତମବୁଦ୍ଧ ଦାସ, ସୁଭାସିନୀ ଜେନା, ମାଧବ ଧଡ଼ା, ବର୍ଷା ସିଂ ବରିହା, ସଞ୍ଜୀବ କୁମାର ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୁପେଶ ପାଣିଗ୍ରାହୀ, ରମାକାନ୍ତ ଭୋଇ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦିଶାରୀ, ମନୋରମା ମହାନ୍ତି, ଚକ୍ରମଣୀ କହଁର, ଧ୍ରୁବ ଚରଣ ସାହୁ, ଅଭିମନ୍ୟୁ ସେଠୀ, ନବକିଶୋର ମଲ୍ଲିକ, ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଦୀପ କୁମାର ସାହୁ, ମନୋହର ରନ୍ଧାରୀ, ରମେଶ ଚନ୍ଦ୍ର ବେହେରା, ଅଧିରାଜ ମୋହନ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା, ସୁନିଲ କୁମାର ମହାନ୍ତି, ସୁଦର୍ଶନ ହରିପାଲ, ଯୋଗେଶ କୁମାର ସିଂ, ରୋହିତ ଯୋଶେ' ତିର୍କୀ, ଲୋପାମୁଦ୍ରା ବକ୍ସିପାତ୍ର, ମୀନତି ବେହେରା, ଚନ୍ଦ୍ରସାରଥୀ ବେହେରା, ରିଜୱାନ ବେଗମ, ଶେଖ୍ ନିଜାମୁଦ୍ଦୀନଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ,୫।୩(ସମିସ): ପବିତ୍ର ଦୋଳ ପୂର୍ଣ୍ଣିମାରେ ଗତ ମଙ୍ଗଳବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ରତ୍ନ ସିଂହାସନରେ ଦାରୁବିଗ୍ରହ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ଦୋଳବେଦୀରେ ଶ୍ରୀଦୋଳଗୋବିନ୍ଦଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଶ୍ରଦ୍ଧାଳୁ। ବିଶେଷକରି ଶ୍ରୀବିଗ୍ରହଙ୍କ ରାଜାଧିରାଜ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ସେହିପରି ବୁଧବାର ମହାପ୍ରଭୁଙ୍କ ହୋଲି ନୀତି ସମ୍ପନ୍ନ ହୋଇଥିଲା।

ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ପୂର୍ବରାତ୍ର ୧୦ଟା ୫୫ରେ ପହୁଡ଼ ହୋଇ ରାତି ୧ଟା ୫ରେ ଦ୍ୱାର ଫିଟିଥିଲା। ସୂର୍ଯ୍ୟୋଦୟଠାରୁ ପାକତ୍ୟାଗ ଓ ଦେବନୀତି ନିଷେଧ ଥିବାରୁ ନୀତିକାନ୍ତିକୁ ତ୍ୱରାନ୍ୱିତ କରାଯାଇଥିଲା। ସକାଳ ୬ଟା ୨୫ସୁଦ୍ଧା ବିମାନବେଢ଼ା ସରି ନୀତିକାନ୍ତି ବନ୍ଦ ରହିଥିଲା। ଗ୍ରହଣ ଲାଗିବା ପରେ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ରାତି ୯ଟାରୁ ମହାପ୍ରଭୁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ରାତି ୧୦ଟା ୪୦ରେ ବେଶ ସମ୍ପୂର୍ଣ୍ଣ ହୋଇଥିଲା। ପୁଲିସ ପକ୍ଷରୁ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ରହିବ, ସେନେଇ ବ୍ୟାପକ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ। ଶ୍ରଦ୍ଧାଳୁମାନେ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ସୁନାବେଶରେ ଦର୍ଶନ କରି ଖୁସିରେ ଫେରିଥିଲେ।

# ଦଣ୍ଡେଶ୍ୱରଙ୍କୁ ସମର୍ଥନ ଘୋଷଣା କଲା ସିପିଆଇ(ଏମ୍)

ଭୁବନେଶ୍ୱର, ୫।୩ (ସମିସ): ରାଜ୍ୟସଭା ନିର୍ବାଚନର ଗୁରୁତ୍ୱପୂର୍ଣ୍ଣ ଏବଂ ମର୍ଯ୍ୟାଦାଜନକ ଚତୁର୍ଥ ଆସନ ପାଇଁ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପ୍ରାର୍ଥିତ୍ୱକୁ ସିପିଆଇ (ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛି। ଏନେଇ ଦଳ ପକ୍ଷରୁ ଗୁରୁବାର ବିଧିବଦ୍ଧ ଘୋଷଣା ସହ ଏହି

### ନାମାଙ୍କନ ବେଳେ ଉପସ୍ଥିତ ରହିଲେ ପାର୍ଟିର ରାଜ୍ୟ ସମ୍ପାଦକ

ନିର୍ବାଚନ ଧର୍ମନିରପେକ୍ଷ, ଗଣତନ୍ତ୍ର ଓ ସମ୍ବିଧାନକୁ ରକ୍ଷା କରିବା ପାଇଁ ଏକ ରାଜନୈତିକ ଓ ଆଦର୍ଶଗତ ସଂଗ୍ରାମ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି।

ଡା. ହୋତା ଧର୍ମନିରପେକ୍ଷ ମୂଲ୍ୟବୋଧ, ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷା କରିବାର ଲଢ଼େଇକୁ ଆଗେଇ ନେବା ପାଇଁ ପ୍ରାର୍ଥୀ ହୋଇଛନ୍ତି। ଆଜି ବିଧାନସଭାରେ ତାଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ବିଧାନସଭାର ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ବରିଷ୍ଠ ସିପିଆଇ(ଏମ୍) ନେତା ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ ଉପସ୍ଥିତ ରହି ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛନ୍ତି।

ଦଳ ଆହୁରି କହିଛି, ବିଜେପି ପ୍ରାୟୋଜିତ ପ୍ରାର୍ଥୀଙ୍କ ବିରୋଧରେ ବୃହତ୍ତମ ବିରୋଧୀ ଦଳ ବିଜେଡି ଓ ଅନ୍ୟତମ ବିରୋଧୀ ଦଳ କଂଗ୍ରେସ ସହ ବିଧାନସଭାରେ ବଣାଇ ଆସନକୁ ପ୍ରତିନିଧିତ୍ୱ କରୁଥିବା ସିପିଆଇ(ଏମ୍) ଏକାଠି ହୋଇ ଏହି ଲଢ଼େଇ କରିବ। ଦଳର ଏକମାତ୍ର ବିଧାୟକ ଲକ୍ଷ୍ମଣ ମୁଣ୍ଡା ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ସମର୍ଥନ ଦେବେ। ଡାକ୍ତର ଦଣ୍ଡେଶ୍ୱର ହୋତା ସାମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଏବଂ ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଆଗକୁ ଆସିଥିବାରୁ ପାର୍ଟି ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଛି। ଏହାସହ ରାଜ୍ୟର ସମସ୍ତ ଧର୍ମନିରପେକ୍ଷ ବିରୋଧୀ ଦଳର ବିଧାୟକମାନଙ୍କୁ ଦେଶ ଓ ଓଡ଼ିଶାର ସ୍ୱାର୍ଥ ପାଇଁ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ସପକ୍ଷରେ ମତଦାନ କରିବାକୁ ଦଳ ନିବେଦନ କରିଛି।

# ନବୀନଙ୍କ ନିଷ୍ପତ୍ତି ଐତିହାସିକ: ଭକ୍ତ

- ଓଡ଼ିଶାରେ ନବୀନ ବାବୁଙ୍କର ନାହିଁ ନ ଥିବା ଲୋକପ୍ରିୟତା ରହିଛି
- ଭୋଟ୍ ପ୍ରତିଶତରେ ଆଜି ବି ସେ ରାଜ୍ୟରେ ସବୁଠୁ ଶୀର୍ଷରେ

ଭୁବନେଶ୍ୱର, ୫।୩(ସମିସ): ଡାକ୍ତର ଦଣ୍ଡେଶ୍ୱର ହୋତା ମିଳିତ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନ ପରେ ଏଭଳି ନିଷ୍ପତ୍ତି ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ବହୁ ପ୍ରଶଂସା କରିଛନ୍ତି। ପିସିସି ସଭାପତି କହିଛନ୍ତି, ବହୁ ବର୍ଷ ପରେ ଓଡ଼ିଶାରେ ସମଭାବାପନ୍ନ ଦଳମାନେ ଏକାଠି ହୋଇଛନ୍ତି। ଫଳସ୍ୱରୂପ, ବିଜେଡି-କଂଗ୍ରେସ ଓ ସିପିଏମ୍ ରାଜନୈତିକ ଭାବେ ଏକାଠି ହେବାକୁ ନିଷ୍ପତ୍ତି ନେଇଛନ୍ତି। ଭକ୍ତ କହିଛନ୍ତି, ଆଦରଣୀୟ ନବୀନ ବାବୁଙ୍କ ପ୍ରସ୍ତାବକୁ ଏଆଇସିସି ଗ୍ରହଣ କଲା। ଆମେ କଥାବାର୍ତ୍ତା ହୋଇ ରାଜ୍ୟ ହିତରେ କାମ କରୁଥିବା ଓ ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇଥିବା ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ପ୍ରାର୍ଥୀ କଲୁ। ୟୁରୋଲୋଜି ଓ କିଡ୍‌ନୀ ପ୍ରତିରୋପଣ କ୍ଷେତ୍ରରେ ଡାକ୍ତର ହୋତାଙ୍କର ବୈପ୍ଳବିକ ଅବଦାନ ରହିଛି। ତେଣୁ ତାଙ୍କୁ ଆମେ ସମସ୍ତେ ମିଶି ମିଳିତ ପ୍ରାର୍ଥୀ କରିଛୁ। ନବୀନ ବାବୁ ସ୍ପଷ୍ଟ ଭାବେ କହିଥିଲେ ସମାଜବାଦୀ, ସମଭାବାପନ୍ନ ଦଳମାନେ ସମୟର ଆହ୍ୱାନକ୍ରମେ ଆମେ ଏକ ହୋଇ ଏହି ନିଷ୍ପତ୍ତି ନେଇଛୁ। ତେଣୁ ଓଡ଼ିଶା ରାଜନୀତିରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଭକ୍ତ କହିଛନ୍ତି।

ଘୋଡ଼ା ବେପାର ପ୍ରସଙ୍ଗରେ ଗଣମାଧ୍ୟମକୁ ଉତ୍ତର ଦେଇ ଭକ୍ତ ଆହୁରି କହିଛନ୍ତି, ନବୀନ ବାବୁଙ୍କର ନାହିଁ ନ ଥିବା ଲୋକପ୍ରିୟତା ଓଡ଼ିଶାରେ ରହିଛି। ଭୋଟ୍ ପ୍ରତିଶତରେ ଆଜି ବି ସେ ରାଜ୍ୟରେ ସବୁଠୁ ଶୀର୍ଷରେ ଅଛନ୍ତି। ଏସବୁ କଥାକୁ ବିଚାର କରି ବର୍ତ୍ତମାନର କୌଣସି ବିଧାୟକ ଭୁଲ୍ ନିଷ୍ପତ୍ତି ନେବେ ନାହିଁ ବୋଲି ଆମେ ବିଚାର କରୁଛୁ। ନବୀନ ବାବୁଙ୍କ ଏହି ନିଷ୍ପତ୍ତି ବହୁତ ବଡ଼ ନିଷ୍ପତ୍ତି, ପୂର୍ବରୁ ବିଜୁବାବୁ ଏପରି ନିଷ୍ପତ୍ତି ନେଉଥିଲେ। ସେତେବେଳେ ବିଜୁ ବାବୁଙ୍କ ନିଷ୍ପତ୍ତିକୁ ଭାରତବର୍ଷର ନେତାମାନେ ଗ୍ରହଣ କରୁଥିଲେ ବୋଲି କହି ନବୀନଙ୍କୁ ପ୍ରଶଂସା କରିଛନ୍ତି ଭକ୍ତ।

### ବିଶୃଙ୍ଖଳିତ ଆଚରଣ ଓ ସେବାପୂଜାରେ ବିଳମ୍ବ

# ତିନି ସେବକଙ୍କୁ କୈଫିୟତ୍ ତଲବ

ପୁରୀ, ୫।୩(ସମିସ): ଗତ ଶନିବାର ସେବାପୂଜାରେ ବିଳମ୍ବ, କର୍ତ୍ତବ୍ୟରତ ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର ଓ ବିଶୃଙ୍ଖଳ ଆଚରଣ ଅଭିଯୋଗରେ ତିନିଜଣ ସେବକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କୈଫିୟତ ତଲବ କରିଛନ୍ତି। ରାମକୃଷ୍ଣ ଖୁଣ୍ଟିଆ ଯିଏ କି ଅନ୍ୟ ଜଣେ ପାଳିଆ ଖୁଣ୍ଟିଆ ସେବକଙ୍କ ଖଟଣିଆ ଭାବେ ପାଳି ଖଟିଥିବା ସତ୍ତ୍ୱେ ନିର୍ଦ୍ଦିଷ୍ଟ ନୀତି ସମ୍ପାଦନରେ ଅହେତୁକ ବିଳମ୍ବ କରିବା ସହ କର୍ତ୍ତବ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ପ୍ରତି ଅଶୋଭନୀୟ ବ୍ୟବହାର କରିଥିବା ଅଭିଯୋଗ ରହିଛି। ସେହିପରି ମାଧବ ଖୁଣ୍ଟିଆ (ହାତୀ) ଓ ମଧୁସୂଦନ ଖୁଣ୍ଟିଆ (ଷଣ୍ଢ) ମଧ୍ୟ ସେବା ସମ୍ପାଦନରେ ବାଧା ସୃଷ୍ଟି କରି ବିଶୃଙ୍ଖଳା ପ୍ରଦର୍ଶନ କରିଥିବା ଅଭିଯୋଗ ଆସିଛି। ତେଣୁ, ଏହି ତିନିଜଣ ସେବକଙ୍କୁ ୭ ଦିନ ମଧ୍ୟରେ ନିଜର ଲିଖିତ କୈଫିୟତ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାମକୃଷ୍ଣ ଖୁଣ୍ଟିଆଙ୍କ ବିରୋଧରେ ଜାରି ହୋଇଥିବା ଶାଢ଼ିବନ୍ଧା ଆଦେଶ କାହିଁକି ପ୍ରତ୍ୟାହାର କରାଯିବ ନାହିଁ, ସେ ବିଷୟରେ ସନ୍ତୋଷଜନକ ଉତ୍ତର ଦେବା ଲାଗି ମଧ୍ୟ ନୋଟିସ୍ ଜାରି କରାଯାଇଛି।

### ଜଣେ ସେବକଙ୍କ ଶାଢ଼ିବନ୍ଧା ଆଦେଶ ପ୍ରତ୍ୟାହାର ପାଇଁ ନୋଟିସ୍

ଚଳିତବର୍ଷ ଦୋଳ ପୂର୍ଣ୍ଣିମା ସହ ଅନ୍ୟାନ୍ୟ ପର୍ବପର୍ବାଣିରେ ଅଧିକାଂଶ ସେବକଙ୍କ ସହଯୋଗ ଓ ସମନ୍ୱୟରେ ସେବାପୂଜା ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଆସୁଥିବା ବେଳେ କିଛି ସେବକଙ୍କ ଏପରି ଆଚରଣ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଉଲ୍ଲେଖ କରିଛନ୍ତି। ବିଶୃଙ୍ଖଳିତ ଆଚରଣ ପ୍ରତି ଶ୍ରୀମନ୍ଦିର ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସଚେତନ କରାଇଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନରେ ସହଯୋଗ ଓ ସମନ୍ୱୟ ରକ୍ଷା କରୁଥିବା ସମସ୍ତ ସେବକଙ୍କ ପ୍ରତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମ୍ପୁଛି ଜଳ-ସ୍ଥଳ...

ହୋଇଛି। ଆଜରବାଇଜାନ ଅଭିଯୋଗ କରିଛି ଯେ ଇରାନ ପକ୍ଷରୁ ହୋଇଥିବା ଡ୍ରୋନ ମାଡ଼ରେ ନାଖଚିଭାନ ଅଞ୍ଚଳରେ ଦୁଇଜଣ ନାଗରିକ ଆହତ ହୋଇଛନ୍ତି। ଏଥିପାଇଁ ଆଜରବାଇଜାନ ରାଜଧାନୀ ବାକୁସ୍ଥିତ ଇରାନର ରାଷ୍ଟ୍ରଦୂତଙ୍କୁ ସମନ କରିଛନ୍ତି। ପୁଣି ଇଟାଲୀ ଏହି ଯୁଦ୍ଧରେ ଉପସାଗରୀୟ ଦେଶଗୁଡ଼ିକୁ ସମର୍ଥନ ଜଣାଇଛନ୍ତି। ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଛନ୍ତି ଯେ ସେ ଉପସାଗରୀୟ ଦେଶଗୁଡ଼ିକୁ ଇରାନ ଆକ୍ରମଣରୁ ବଞ୍ଚାଇବା ପାଇଁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅର୍ଥାତ ଏୟାର ଡିଫେନ୍ସ ସିଷ୍ଟମ ପଠାଇବେ। ସେହିପରି କାତାର ରାଜଧାନୀ ଦୋହାରେ ମଧ ବିସ୍ଫୋରଣ ହୋଇଛି। ଦୋହାରେ ଶକ୍ତିଶାଳୀ ବିସ୍ଫୋରଣ ଶୁଣାଯିବା ପରେ ଆମେରିକୀୟ ଦୂତାବାସ ନିକଟରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଇତିମଧ୍ୟରେ ଆମେରିକା ନିଜର ପରମାଣୁ କ୍ଷମତା ସମ୍ପର୍ଣ୍ଣ 'ମିନିଟମ୍ୟାନ-୩' କ୍ଷେପଣାସ୍ତ୍ର ପରୀକ୍ଷଣ କରି ଇରାନକୁ ଚେତାବନୀ ଦେଇଛି। ସେହିପରି ଆମେରିକା ପକ୍ଷରୁ ଗୋଟିଏ ଜାହଜ ବୁଡ଼ାଇଦିଆଯିବା ପରେ, ଗୁରୁବାର ଇରାନର ଦ୍ୱିତୀୟ ଏକ ଜାହାଜ ଶ୍ରୀଲଙ୍କା ଜଳସୀମା ଆଡ଼କୁ ଆସୁଥିବା ଜଣାପଡ଼ିଛି। ସେହିପରି ସାଇପ୍ରସ୍‌ରେ ଥିବା ବ୍ରିଟିଶ ଏୟାର ବେଶ୍ ଉପରେ ହୋଇଥିବା 'ଶାହେଦ ଡ୍ରୋନ' ଆକ୍ରମଣ ଲେବାନନ ରାଜଧାନୀ ବେରୁଟ୍‌ରୁ କରାଯାଇଥିବା ସ୍ପଷ୍ଟ କରାଯାଇଛି। ସେହିପରି ବାହାରିନ ତା'ର ସାମରିକ ପ୍ରତିଷ୍ଠାନ ଓ ଅପରେସନର ଫଟୋ ବା ଭିଡିଓ ଉତ୍ତୋଳନ ଓ ପ୍ରସାରଣ ଉପରେ କଟକଣା ଲାଗୁ କରିଛି। ସେପଟେ କୁଏତ ଉପକୂଳରେ ଏକ ଟ୍ୟାଙ୍କର ବିସ୍ଫୋରଣ ଯୋଗୁଁ ସମୁଦ୍ରରେ ପ୍ରଚୁର ତେଲ ବୋହିଯାଇଛି, ଯାହା ପରିବେଶ ପାଇଁ ବିପଦ ସୃଷ୍ଟି କରିଛି।

ଭାରତ ମହାସାଗରରେ ଇରାନର ଯୁଦ୍ଧ ଜାହଜ ଆଇଆରଆଇଏସ୍ ଡେନାକୁ ଆମେରିକା ବୁଡ଼ାଇବାର କିଛି ଘଣ୍ଟା ମଧ୍ୟରେ ଇରାନ ଏହାର ପ୍ରତିଶୋଧ ନେଇଛି। ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଗୁରୁବାର ଉତ୍ତର ପାରସ୍ୟ ଉପସାଗରରେ ଏକ ଆମେରିକୀୟ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କରିଥିବା ଦାବି କରିଛି। ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆକ୍ରମଣ ପରେ ଆମେରିକା ଜାହାଜରେ ନିଆଁ ଲାଗିଯାଇଛି। ଅବଶ୍ୟ ଏ ନେଇ ଆମେରିକା ତରଫରୁ କିଛି କୁହାଯାଇନାହିଁ। ଇରାନ ପୂର୍ବରୁ ଚେତାବନୀ ଦେଇଥିଲା ଯେ, ଆମେରିକାକୁ ନିଜର କାର୍ଯ୍ୟ ପାଇଁ କଠୋର ଅନୁତାପ କରିବାକୁ ପଡ଼ିବ। ଆଇଆରଜିସି ଏକ ବିବୃତ୍ତିରେ କହିଛି ଯେ, ବର୍ତ୍ତମାନଠାରୁ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ସମସ୍ତ ଜାହଜ ସେମାନଙ୍କ ନିୟନ୍ତ୍ରଣରେ ରହିବେ। ଏହି ଅଞ୍ଚଳର ବିଶ୍ୱର ତୈଳ ବାଣିଜ୍ୟ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ।

ଇରାନ ଏବଂ ଆମେରିକ- ଇସ୍ରାଏଲ ମଧ୍ୟରେ ଚାଲିଥିବା 'ଏପିକ୍ ଫ୍ୟୁରି' ଯୁଦ୍ଧରେ ଇରାନକୁ ଏକ ବଡ଼ ସଫଳତା ମିଳିଛି। ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ (ଆଇଆରଜିସି) ଦାବି କରିଛି ଯେ ସେମାନେ କାତାରରେ ଥିôବା ଆମେରିକାର ସବୁଠାରୁ ଶକ୍ତିଶାଳୀ ଏବଂ ବହୁମୂଲ୍ୟର ରାଡାର ଏଏନ୍/ଏଫ୍‌ପିଏସ-୧୩୨କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି। ଏହି ରାଡାର୍‌ଟି ଆଧୁନିକ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ଏହାକୁ ଆମେରିକା ୨୦୧୩ରେ ୧.୧ ବିଲିଅନ ଡଲାର ଅର୍ଥାତ ୯,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟରେ ସ୍ଥାପନ କରିଥିଲା। ଏହି ରାଡାରକୁ କାତାରର ଅଲ୍ ଉଦେଇଦ୍ ବାୟୁସେନା ଘାଟିରେ ମୁତୟନ କରାଯାଇଥିଲା। ଏହାକୁ ମୁଖ୍ୟତଃ ଇରାନର ବାଲଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ତିଆରି କରାଯାଇଥିଲା। ଏହି ରାଡାର ଧ୍ୱଂସ ହେବା ପରେ ସମଗ୍ର ଉପସାଗରୀୟ ଅଞ୍ଚଳରେ ଆମେରିକାର ନଜର ରଖିବା କ୍ଷମତା ହ୍ରାସ ପାଇଛି। ଏହା ଆମେରିକାର ସହଯୋଗୀ ଦେଶଗୁଡ଼ିକର ସୁରକ୍ଷା ପାଇଁ ଏକ ଝଟ୍‌କା ସଦୃଶ ହୋଇଛି। କାତାର ଅଧିକାରୀମାନେ ମଧ୍ୟ ସ୍ୱକାର କରଛନ୍ତି ଯେ ଏହି ରାଡାରଟି ଏକ କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସ ହୋଇଛି। ଏହି ଘଟଣା ଆମେରିକାର ସାମରିକ ଅଭିଯାନକୁ ଜବରଦସ୍ତ ଝଟ୍‌କା ଦେଇଛି।

### ଇରାନୀୟ ଯୁଦ୍ଧଜାହାଜକୁ...

ବୁଡ଼ିବା ପୂର୍ବରୁ ଏକ ଡିଷ୍ଟ୍ରେସ୍ କଲ୍ ପଠାଯାଇଥିଲା। ଶ୍ରୀଲଙ୍କା ନୌସେନା ଉଦ୍ଧାରକାରୀ ଦଳ ପହଞ୍ଚିବା ବେଳକୁ ଜାହାଜ ବୁଡ଼ିଯାଇଥିଲା। ଶ୍ରୀଲଙ୍କା ନୌସେନାର ୨ଟି ଜାହଜ ଓ ଏକ ବିମାନ ପଠାଇ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା।

ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ ଏହି ଆକ୍ରମଣକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ଆମେରିକୀୟ ବୁଡ଼ାଜାହଜ ଏକ ଇରାନୀୟ ଯୁଦ୍ଧ ଜାହଜକୁ ବୁଡ଼ାଇ ଦେଇଛି ଓ ଏହାକୁ ସେ ଏକ ଐତିହାସିକ ଘଟଣା ବୋଲି କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମଥର ପାଇଁ ଏକ ଆମେରିକୀୟ ବୁଡ଼ାଜାହଜ ଶତ୍ରୁ ପକ୍ଷରୁ ଜାହଜକୁ ଟର୍ପିଡୋ ଦ୍ୱାରା ବୁଡ଼ାଇଦେଇଛି। ହେଗସେଥ ଏହାକୁ 'ଶାନ୍ତ ମୃତ୍ୟୁ' (କୁଇଟ୍ ଡେଥ୍) ବୋଲି କହିଛନ୍ତି। ଆମେରିକାର ପ୍ରତିରକ୍ଷା ବିଭାଗ ଏହି ଆକ୍ରମଣର ଏକ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଅର୍ଥାତ କଳାଧଳା ଭିଡ଼ିଓ ଜାରି କରିଛି।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, କୌଣସି ବୁଡ଼ାଜାହଜର ଆକ୍ରମଣର ଦୃଶ୍ୟକୁ ଏତେ ଶୀଘ୍ର ସାର୍ବଜନୀନ କରିବା ଏକ ଅଭାବନୀୟ ଘଟଣା, ଯାହା ଆଧୁନିକ ଯୁଦ୍ଧ ଏବଂ ସୂଚନା ପ୍ରଦାନର ପରିବର୍ତ୍ତିତ ଶୈଳୀକୁ ଦର୍ଶାଉଛି। ଇତିମଧ୍ୟରେ ପେଣ୍ଟାଗନ ତରଫରୁ କୁହାଯାଉଛି ଯେ ଇରାନ ବିରୁଦ୍ଧରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନର ନୌସେନା ଶକ୍ତିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବା।

### ୪ ଆସନ ପାଇଁ...

ଗୁରବାର ବିଜେଡି ପ୍ରାର୍ଥୀର୍ ସଂତୃପ୍ତ ମିଶ ଓ ମିଳିତ ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତା ପ୍ରଥମେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସଂତୃପ୍ତଙ୍କ ପାଇଁ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ପ୍ରଥମରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସ୍ୱାକ୍ଷର କରିଥିଲେ। ସେହିପରି ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରସ୍ତାବକ ଭାବରେ ପ୍ରଥମ ସ୍ୱାକ୍ଷର କରିଥିଲେ। ଉଭୟ ପ୍ରାର୍ଥୀ ରିଟର୍ଣ୍ଣି ଅଫିସରଙ୍କ ନିକଟରେ ନାମାଙ୍କନ ଭରିବା ସମୟରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତି ଭକ୍ତଚରଣ ଦାସ, ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ସିପିଏମ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ ବିଜେପି ପ୍ରାର୍ଥୀ ମନମୋହନ ସାମଲ ଏବଂ ସୁଜିତ୍ କୁମାର ଏ ପଟ୍ଟଆରରେ ବାହାରି ରାମ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ସାରି ସେମାନେ ବିଧାନସଭା ସଚିବାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେମାନଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ନାମାଙ୍କନ ଭରିଥିଲେ। ମନମୋହନଙ୍କ ପାଇଁ ପ୍ରସ୍ତାବକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ସ୍ୱାକ୍ଷର କରିଥିବା ବେଳେ ସୁଜିତଙ୍କ ପାଇଁ ପ୍ରଭାତୀ ପରିଡ଼ା ପ୍ରଥମ ପ୍ରସ୍ତାବକ ରହିଥିଲେ। ସେହିପରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପାଇଁ ବରିଷ୍ଠ ବିଜେପି ନେତା ଜୟନାରାୟଣ ମିଶ୍ର ପ୍ରସ୍ତାବକ ଭାବେ ପ୍ରଥମ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାର, ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ଉପସ୍ଥିତ ଥିଲେ।ଆସନ୍ତାକାଲି ନାମାଙ୍କନ ପତ୍ରର ଯାଞ୍ଚ ହେବାକୁ ଥିବାବେଳେ ୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ୪ ଆସନ ପାଇଁ ୫ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ଆସନ୍ତା ୧୬ ତାରିଖରେ ନିର୍ବାଚନ ହେବା ନିଶ୍ଚିତ ହୋଇଯାଇଛି।

### ବିଜେପି ଓ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ନିଶ୍ଚିତ: ମନମୋହନ

ଭୁବନେଶ୍ୱର,୫।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦୁଇ ଦଳୀୟ ଓ ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ନିଶ୍ଚିତ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି ଯେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ଆମ ପାଖରେ ସଂଖ୍ୟା ଅଛି ଓ ଦିଲ୍ଲୀପ ରାୟ ସବୁ ଦଳର ବିଧାୟକଙ୍କ ସହ ସମ୍ପର୍କରେ ଅଛନ୍ତି। ତେଣୁ ତାଙ୍କର ବିଜୟ ପାଇଁ କିଛି ସମସ୍ୟା ନାହିଁ।

### ରାଜ୍ୟସଭା ଯିବେ...

ହଠାତ ଏଭଳି ନିଷ୍ପତ୍ତି କାହିଁକି ନେଲେ ତାହା ସ୍ପଷ୍ଟ କରି ନାହାନ୍ତି। ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ସେ ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ବର୍ତ୍ତମାନ ବିହାରରେ ବିଜେପି ନେତୃତ୍ୱରେ ସରକାର ଗଠନ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ଏକାଧିକ ବରିଷ୍ଠ ରାଜନେତା ଦୌଡ଼ରେ ସାମିଲ ହୋଇଛନ୍ତି। ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପାଇଁ ସବୁଠାରୁ ଶକ୍ତିଶାଳୀ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି। ସେହିପରି କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଯଦି ବିଜେପି ଯାଦବ ଭୋଟରଙ୍କୁ ଆକର୍ଷିତ କରିବାକୁ ଚାହେଁ, ତେବେ ସେ ମୁଖ୍ୟମନ୍ତ୍ରୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିହାରର ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ବିଜେପି ସଭାପତି ଦିଲୀପ ଜୈସୱାଲ ମଧ୍ୟ ଜଣେ ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଉଭା ହୋଇଛନ୍ତି। ସେ ବୈଶ୍ୟ ସମୁଦାୟରୁ ଆସୁଥିବାରୁ ଜାତି ସମୀକରଣରେ ଯୋଗ୍ୟ ମନେ ହେଉଛନ୍ତି। ଅନ୍ୟପଟେ ପାଟନାର ଦିଘା ବିଧାୟକ ସଞ୍ଜୀବ ଚୌରାସିଆଙ୍କ ନାମ ମଧ୍ୟ ଦଳୀୟ ମହଲରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ବେଶ ଆଲୋଚନା ହେଉଛି।

ଉଲ୍ଲେଖଥାଉ କି ବିହାରରେ ଜାତିଗତ ରାଜନୀତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ବିଜେପି ଏପରି ଜଣେ ନେତାଙ୍କୁ ବାଛିବାକୁ ଚାହୁଁଛି ଯିଏ କେବଳ ଦଳକୁ ନୁହେଁ; ବରଂ ବିଭିନ୍ନ ଜାତିର ଲୋକଙ୍କୁ ଏକାଠି କରିପାରିବ। ସେପଟେ ନୀତୀଶ ଦଲ୍ଲୀ ଯିବା ପରେ ଜେଡିୟୁ (ଜନତା ଦଳ ୟୁନାଇଟେଡ) ର ସ୍ଥିତି କ'ଣ ହେବ ଏବଂ ଦଳର ନେତୃତ୍ୱ କିଏ ନେବ ସେ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଆଜି ସନ୍ଧ୍ୟାରେ ନିଜର ଏଚ୍‌ଏଏମ୍ ଦଳର ବିଧାୟକଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି ଓ ଏହା ନୂଆ ସରକାର ଗଠନପୂର୍ବରୁ ଏକ ରଣନୀତି ହୋଇପାରେ ବୋଲି ଆଲୋଚନା ହେଉଛି। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ନରେନ୍ଦ୍ର ମୋଦୀ ଓ ଅମିତ ଶାହା ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରିବେ।

### ଆଜି ଆସୁଛନ୍ତି...

ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ପୁଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସାଧାରଣ ଲୋକଙ୍କ ପାଇଁ ଶନିବାରଠାରୁ ୪ଦିନ ଖୋଲା ରହିବ ପ୍ରଦର୍ଶନୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। ଏହି ପ୍ରଦର୍ଶନୀ ଜନସାଧାରଣଙ୍କ ପାଇଁ ମାର୍ଚ୍ଚ ୭ରୁ ୧୦ ଯାଏ ଖୋଲା ରହିବ ବୋଲି ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଗୁରୁବାର ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଛନ୍ତି, ଭାରତୀୟ ନ୍ୟାୟ ସଂହିତାର ନୂତନ ଆଇନଗୁଡ଼ିକ ୨୦୨୪ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଛି। ଯାହା ଫଳରେ ଔପନିବେଶିକ ଯୁଗରେ ପ୍ରଚଳିତ ଥିବା "ଦଣ୍ଡ" ବ୍ୟବସ୍ଥା ଏବେ "ନ୍ୟାୟ" ବ୍ୟବସ୍ଥାକୁ ପରିବର୍ତ୍ତନ ହୋଇଛି। ପୀଡ଼ିତଙ୍କ ଅଧିକାର ଓ ସମ୍ମାନକୁ ପ୍ରାଥମିକତା ଦିଆଯାଇ ସମୟ ସୀମା ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ହେଉଛି ନୂତନ ଆଇନର ମୂଳ ଲକ୍ଷ୍ୟ । ଏହା ବ୍ୟତୀତ ପ୍ରଦର୍ଶନୀରେ "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇପାରିବେ ବୋଲି ଡିଜିପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ଝାରସୁଗୁଡ଼ା ଏସିଆର ...

ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୩୭.୨, ଗୋପାଳପୁର ଓ ଢେଙ୍କାନାଳରେ ତାପମାତ୍ରା ୩୭.୧ ଡିଗ୍ରୀ ରେକର୍ଡ଼୍ ହୋଇଛି। ଭୁବନେଶ୍ୱରରେ ତାପମାତ୍ରା ୩୬.୪ ଡିଗ୍ରୀରେ ପହଞ୍ଚିଛି। ତାପମାତ୍ରା ବୃଦ୍ଧି ମଧ୍ୟରେ ଆସନ୍ତା ୮ ତାରିଖରୁ ଦୁଇଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ପବନ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ରାଜ୍ୟରେ ତାପମାତ୍ରା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ଉତ୍ତପ୍ତ ରହୁଛି। ଏହି ସମୟରେ ଏକ ପଶ୍ଚିମା ଘୂର୍ଣ୍ଣିବଳୟ ସୃଷ୍ଟି ପ୍ରଭାବରେ ବର୍ଷା ନେଇ ପରିବେଶ ଅନୁକୂଳ ହୋଇଛି। ଏହି କ୍ରମରେ ୮ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ସମୟରେ ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ବୃଦ୍ଧି ହୋଇ ଘଣ୍ଟା ପ୍ରତି ୩୦-୪୦ କିମି ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୯ ତାରିଖରେ ବର୍ଷାର ପ୍ରଭାବ ଅଧିକ ଅଞ୍ଚଳରେ ବଢ଼ିବା ସହିତ ବର୍ଷା ସାଙ୍ଗକୁ କୁଆପଥର ପଡ଼ିବା ନେଇ ଆଶଙ୍କା କରାଯାଉଛି। ବର୍ଷା ଯୋଗୁଁ ସେହି ସମୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିବାକୁ ଥିଲେ ମଧ୍ୟ ଏହା ପରେ ତାପମାତ୍ରା କ୍ରମାଗତ ଭାବେ ବଢ଼ିବାର ସମ୍ଭାବନା ରହିଛି।

## ଆଜିର ରାଶିଫଳ

**ମେଷ:** ଜରୁରି କାମକୁ ଧ୍ୟାନ ଦିଅନ୍ତୁ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିପାରେ।

**ବୃଷ:** ପରିବାର ସହିତ ସମୟ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ କିଛି ବିବାଦ ଦେଖାଯାଇପାରେ। ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। କୌଣସି ଶୁଭ ଖବର ମିଳିବ।

**ମିଥୁନ:** ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ଲୋକସମ୍ପର୍କ ବୃଦ୍ଧି ପାଇବ। ନୂତନ ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ସୁଯୋଗ ମିଳିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିପାରେ। ଅଚାନକ ଖୁସି ଖବର ମିଳିପାରେ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିପାରେ। ଭାଇ –ଭାଇ ମଧ୍ୟରେ କଳହ ଦେଖାଦେବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜ କରିପାରନ୍ତି। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୯୦୨- ସ୍ପେନ୍‌ର ଚର୍ଚ୍ଚିତ ଫୁଟବଲ୍ କ୍ଲବ୍ 'ମାଦ୍ରିଦ୍ କ୍ଲବ୍'ର ସ୍ଥାପନା।
- ୧୯୧୫- ଶାନ୍ତି ନିକେତନରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ପାଇଁ ରବୀନ୍ଦ୍ରନାଥ ଟାଗୋରଙ୍କୁ ଭେଟିଲେ।
- ୧୯୬୧- 'ଦ ଇକୋନମିକ୍ସ ଟାଇମ୍ସ'ର ପ୍ରକାଶନ ମୁମ୍ବାଇରୁ ଆରମ୍ଭ ହେଲା।
- ୧୯୯୧- ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ନିଜ ପଦରୁ ଇସ୍ତଫା ଦେଲେ।

# ଜନ୍ମତାରିଖ ଅନୁସାରେ ପାଳନ୍ତିନି ଜନ୍ମଦିନ



ବିଶ୍ୱର ପ୍ରତ୍ୟେକ ସ୍ଥାନର ଲୋକେ ନିଜ ଜନ୍ମଦିନ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରନ୍ତି। ତେବେ ବିଶ୍ୱରେ ଏମିତି ବି ଏକ ଦେଶ ଅଛି, ଯେଉଁଠାରେ ଲୋକେ ନିଜ ଜନ୍ମ ତାରିଖ ଅନୁସାରେ ଜନ୍ମଦିନ ପାଳନ କରି ନ ଥାନ୍ତି। ଭିଏତନାମରେ ଲୋକେ ବର୍ଷ ଯାକ ଅଲଗା ଅଲଗା ତାରିଖରେ ଜନ୍ମଦିନ ପାଳନ କରିବା ପରିବର୍ତ୍ତେ ଦେଶ ସହ ମିଶି ଏକାଠି ଗୋଟିଏ ଦିନରେ ଏହାକୁ ପାଳନ କରନ୍ତି। ଏଠାରେ ମୁଖ୍ୟ ପର୍ବ ହେଉଛି ଟେଟ୍ ଙ୍ଗୁୟେନ୍ ଡାନ୍। ଏହା ମୁଖ୍ୟତଃ ଟେଟ୍ ନାଁରେ ପରିଚିତ। ପାରମ୍ପରିକ ଭାବେ ଟେଟ୍‌ରେ ସମସ୍ତଙ୍କ ଜନ୍ମଦିନ ପାଳନ କରାଯାଏ। ଏହିଦିନ ଲୋକେ ନିଜ ପ୍ରକୃତ ଜନ୍ମତିଥିକୁ ମନେ ନ ପକାଇ ବର୍ଷେ ବଡ଼ ହୋଇଯାନ୍ତି। ଭିଏତନାମରେ ଶିଶୁଟିଏ ଜନ୍ମ ହେବା ସମୟରେ ସେ ବର୍ଷକର ହେଲା ବୋଲି ବିଶ୍ୱାସ କରାଯାଏ। ଏଠାକାର ମାନ୍ୟତା ଅନୁସାରେ, ଜୀବନ ମା' ଗର୍ଭରୁ ଆରମ୍ଭ ହୋଇଥାଏ। ଏହାବାଦ୍ ଏଠାରେ ବ୍ୟକ୍ତିଗତ ପରିଚୟ ବଦଳରେ ସାମୂହିକ ପରିଚୟ ଉପରେ ଗୁରୁତ୍ୱ ଦିଆଯାଏ। ସେହିପରି ଏଠାରେ ବାପାମାଆ, ପୂର୍ବପୁରୁଷ ଓ ଗୁରୁଜନଙ୍କ ସମ୍ମାନ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଏ। ଏଠାରେ ଜଣେ ନିଜ ଜନ୍ମଦିନ ପାଳନ କରିବା ଅପେକ୍ଷା ଏହିଦିନ ଜନ୍ମଦାତା ଓ ଜନ୍ମଦାତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ ସହିତ ପୂର୍ବପୁରୁଷଙ୍କୁ ସମ୍ମାନ ଦେବା ଉପରେ ଗୁରୁତ୍ୱ ଦିଆଯାଏ। ଅବଶ୍ୟ ଏବେ ଏହି ପରମ୍ପରାରେ ପରବର୍ତ୍ତନ ଦେଖାଯାଇଛି। ଏଠାକାର ସହରାଞ୍ଚଳର ଯୁବପିଢ଼ି ପାଶ୍ଚାତ୍ୟଶୈଳୀକୁ ଅନୁକରଣ କରି ଜନ୍ମତାରିଖ ଅନୁସାରେ ନିଜ ଜନ୍ମଦିନକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରୁଛନ୍ତି।

# 'ସ୍ପିରିଟ୍' ପରେ ଏହି ପ୍ରୋଜେକ୍ଟରୁ ବାହାରିଲେ ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ତାଙ୍କର ସର୍ତ୍ତ ପାଇଁ କିଛି ପ୍ରୋଜେକ୍ଟରୁ ବାଦ୍ ପଡ଼ିବା ପରେ ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ପ୍ରଥମେ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦିଆଯାଇଥିଲା। ଏହାର କିଛି ଦିନ ପରେ 'କଲ୍‌କି ୨୮୯୮ ଏଡି ୨'ରୁ ମଧ୍ୟ ତାଙ୍କୁ କାଢ଼ି ଦିଆଗଲା। ଏବେ ତାଙ୍କ ହାତରେ ଦୁଇଟି ପ୍ରୋଜେକ୍ଟ ରହିଛି। ଏଟ୍‌ଲିଙ୍କ ଫିଲ୍ମ 'A6xA22' ରେ ଦୀପିକା କାମ କରୁଛନ୍ତି। ଏହାବାଦ୍ ସେ ଶାହାରୁଖ୍ ଖାନ୍‌ଙ୍କ 'କିଙ୍ଗ୍'ରେ ମଧ୍ୟ କାମ କରୁଛନ୍ତି। ଇତିମଧ୍ୟରେ ଦୀପିକାଙ୍କ ହାତରୁ ଆଉ ଏକ ବଡ଼ ପ୍ରୋଜେକ୍ଟ ଖସି ଯାଇଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ଏମି ଆୱାର୍ଡ ଜିତିଥିବା ସିରିଜ୍ 'ଦ ହ୍ୱାଇଟ୍ ଲୋଟସ୍'ର ସିଜିନ୍ ୪ ପାଇଁ ଦୀପିକାଙ୍କୁ ଯୋଗାଯୋଗ କରାଯାଇଥିବା ଚର୍ଚ୍ଚା ହେଉଥିଲା। ଏବେ କିନ୍ତୁ ଦୀପିକା ଏହି ଶୋ'ରୁ ବାଦ୍ ପଡ଼ିଛନ୍ତି ବୋଲି କୁହାଯାଉଛି। ତେବେ ଏହି ସିରିଜ୍ ନିର୍ମାତା ଦୀପିକାଙ୍କୁ ଏଥିରୁ ବ୍ରେକ୍ ଦେବା ପୂର୍ବରୁ ତାଙ୍କ ଅଡିସନ୍ ଚାହୁଁଥିଲେ। ଦୀପିକା କିନ୍ତୁ ଅଡିସନ୍ ଦେବାକୁ ଚାହୁଁ ନ ଥିଲେ। ଏହି କାରଣ ଯୋଗୁଁ ତାଙ୍କୁ 'ଦ ହ୍ୱାଇଟ୍ ଲୋଟସ୍'ରୁ ବାଦ୍ ଦିଆଗଲା ବୋଲି କୁହାଯାଉଛି। ଏହାପୂର୍ବରୁ ଏହି ସିରିଜ୍‌ର ତୃତୀୟ ସିଜିନ୍ ପାଇଁ ମଧ୍ୟ ଦୀପିକାଙ୍କୁ ଯୋଗାଯୋଗ କରାଯାଇଥିଲା। ସେସମୟରେ ଦୀପିକା ଗର୍ଭବତୀ ଥିବାରୁ ଏହି ସିରିଜ୍‌କୁ ମନା କରି ଦେଇଥିଲେ। ଏଠାରେ ପ୍ରକାଶ ଥାଉ କି, 'ଦ ହ୍ୱାଇଟ୍ ଲୋଟସ୍' ଏକ ଆମେରିକୀୟ ଟେଲିଭିଜନ ସିରିଜ୍। ଏହାର ପ୍ରଥମ ସିଜିନ୍ ୧୧ ଜୁଲାଇ, ୨୦୨୧ରେ ପ୍ରିମିୟର ହୋଇଥିଲା। ସେହିଭଳି ଦ୍ୱିତୀୟ ସିଜିନ୍ ଅକ୍ଟୋବର ୨୦୨୨ ଓ ତୃତୀୟ ସିଜିନ୍ ଏପ୍ରିଲ୍ ୨୦୨୫ରେ ଆସିଥିଲା। ମାଇକ୍ ହ୍ୱାଇଟ୍ ଏହାର କାହାଣୀ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି।

# ୨୨ ବର୍ଷ ତଳର ପେଣ୍ଟିଂରେ ନିଜକୁ ଦେଖିଲେ ଯୁବକ !

ଆମେରିକାରେ ରହୁଥିବା ୨୬ ବର୍ଷୀୟ ମିଶେଲ କ୍ୟାରିଙ୍କ ସହିତ ୨୦୨୪ ମସିହାରେ ଏକ ବିଚିତ୍ର ଘଟଣା ଘଟିଥିଲା। ସେ ଏକ ଥ୍ରିଫ୍ଟ ଷ୍ଟୋର ଅର୍ଥାତ୍ ସେକେଣ୍ଡ ହ୍ୟାଣ୍ଡ ଜିନିଷ ବିକ୍ରି କରୁଥିବା ଦୋକାନକୁ ଯାଇଥିଲେ। ସେଠାରେ ସେ ଏକ ପେଣ୍ଟିଂ ଦେଖିଲେ। ଯାହାକୁ ଦେଖି ସେ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ସେଥିରେ ଯେଉଁ ବ୍ୟକ୍ତିଙ୍କ ଚିତ୍ର ଅଙ୍କାଯାଇଥିଲା, ତାହା ତାଙ୍କ ଚେହେରା ସହ ମେଳ ଖାଉଥିଲା। କେବଳ ସେତିକି ନୁହେଁ, ଏହି ପେଣ୍ଟିଂ ମିଶେଲଙ୍କ ଜନ୍ମର ୨୨ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୭୮ରେ ତିଆରି ହୋଇଥିଲା। ସେହି ପେଣ୍ଟିଂରେ ଯେଉଁ ବ୍ୟକ୍ତିଙ୍କ ଚିତ୍ର ଅଙ୍କାଯାଇଥିଲା, ତାଙ୍କ ହେୟାର ଷ୍ଟାଇଲ, ଚଷମା, ମୁହଁର ଆକାର ଆଦି ସବୁ କିଛି ମିଶେଲଙ୍କ ସହ ପୂରା ମିଶି ଯାଉଥିଲା। ପେଣ୍ଟିଂରେ ବ୍ୟକ୍ତି ଜଣକ ଏକ ସ୍ମୋକିଂ ପାଇପ୍ ବ୍ୟବହାର କରିଛନ୍ତି। ଏଥିରେ ଦିଆଯାଇଥିବା ସୂଚନା ଅନୁସାରେ, ଏହାକୁ କ୍ରିସ୍ କନିଂଘମ ନାମକ ଜଣେ ଚିତ୍ରଶିଳ୍ପୀ ତିଆରି କରିଥିଲେ। ମିଶେଲ କହିଛନ୍ତି, 'ପେଣ୍ଟିଂରେ ଥିବା ବ୍ୟକ୍ତି ଜଣକ ଅବିକଳ ମୋ ଭଳି ଦେଖାଯାଉଥିଲେ। କେବଳ ତାଙ୍କର ନିଶ ଥିଲା, ମୋର ନ ଥିଲା।' ତେବେ ଏହି ଘଟଣାର ଦୁଇ ବର୍ଷ ଯାଏଁ ମିଶେଲ ସାମାଜିକ ଗଣମାଧ୍ୟମରେ ଏ ବାବଦରେ କିଛି ପୋଷ୍ଟ କଲେ ନାହିଁ। ଏହାପରେ ଦେଖିଲେ ଅନ୍ୟମାନେ ସାମାଜିକ ଗଣମାଧ୍ୟମରେ ଏଭଳି ମେଳ ଖାଉଥିବା କାହାଣୀ ସେୟାର୍ କରୁଛନ୍ତି। ତେଣୁ ସେ ବି ନିଜ କାହାଣୀ ସେୟାର କଲେ। ସାମାଜିକ ଗଣମାଧ୍ୟମରେ ସେ ନିଜ ଫଟୋ ସହ ସେ ପେଣ୍ଟିଂଟିକୁ ସେୟାର୍ କରିଛନ୍ତି। ଯାହାକୁ ଦେଖି ଲୋକେ ବେଶ୍ ଆଶ୍ଚର୍ଯ୍ୟ ହୋଇଛନ୍ତି।





## ସଞ୍ଜୀବନୀ

# ରକ୍ତହୀନତାରେ ପୀଡ଼ିତା ଭାରତର ଅଧିକାଂଶ ମହିଳା

**ଅଧିକାଂଶ ମହିଳା ପରିବାର ସହିତ ବୃତ୍ତିଗତ ଜୀବନରେ ବ୍ୟସ୍ତ ରହୁଛନ୍ତି। ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ହେଉନଥିବାରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ତନ୍ମଧ୍ୟରୁ ରକ୍ତହୀନତା ଏକ ପ୍ରମୁଖ ସମସ୍ୟା। ୟୁରୋପିଆନ୍ ଜର୍ଣ୍ଣାଲ ଅଫ୍ କାର୍ଡିଓଭାସ୍କୁଲାର ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଗ୍ରାମୀଣ ଭାରତରେ ୬୨.୫ ପ୍ରତିଶତ କିଶୋରୀ ରକ୍ତହୀନତାରେ ପୀଡ଼ିତା।**

ଭାରତରେ ମହିଳାଙ୍କଠାରେ ରକ୍ତହୀନତା ଏକ ମୁଖ୍ୟ ସମସ୍ୟା। ଗର୍ଭବତୀ ମହିଳା, କିଶୋରୀ ଓ ଯୁବତୀ ଏଥିରେ ପୀଡ଼ିତା। ରକ୍ତରେ ହିମୋଗ୍ଲୋବିନ୍ ପରିମାଣ ଆବଶ୍ୟକତାରୁ କମ୍ ରହିଲେ ରକ୍ତହୀନତା ହୁଏ। ଲୌହସାର ଓ ଭିଟାମିନ୍ ବି -୧୨ର ଅଭାବରୁ ସୃଷ୍ଟି ହେଉଥିବା ରକ୍ତହୀନତାରେ ରକ୍ତରେ ଲୋହିତ ରକ୍ତ କଣିକା ହ୍ରାସ ପାଏ। ଶରୀରର କୋଷକୁ ପର୍ଯ୍ୟାପ୍ତ ମାତ୍ରାର ଅମ୍ଳଜାନ ପହଞ୍ଚିପାରେ ନାହିଁ। ମସ୍ତିଷ୍କର ସକ୍ରିୟତା ପ୍ରଭାବିତ ହୁଏ। ଋତୁସ୍ରାବ ସମୟରେ ରକ୍ତସ୍ରାବ ହେତୁ ଲୌହ ଅଂଶ କମି ଶରୀରକୁ ଦୁର୍ବଳ କରେ। ମହିଳାମାନେ ସୁଷମ ଖାଦ୍ୟପ୍ରତି ଏତେ ଯତ୍ନଶୀଳ ନଥାନ୍ତି, ଲୌହଯୁକ୍ତ ଖାଦ୍ୟ ଅଭାବରୁ ରକ୍ତହୀନତା ଆଶଙ୍କା ବୃଦ୍ଧି ପାଏ। ପ୍ରସବ ସମୟରେ ମହିଳାମାନେ ଗର୍ଭଧାରଣର ପ୍ରଥମ ମାସରୁ ୯ ମାସ ପର୍ଯ୍ୟନ୍ତ ସମାନ ପରିମାଣ ଖାଦ୍ୟ ଖାଇଥାନ୍ତି। ଗର୍ଭସ୍ଥ ଶିଶୁର ବିକାଶ ହେଉଥିବାରୁ ମହିଳାଙ୍କୁ ଆବଶ୍ୟକୀୟ ପ୍ରୋଟିନ୍, ଭିଟାମିନ୍ ମିଳି ନ ଥାଏ। ପ୍ରସବ ସମୟରେ ରକ୍ତସ୍ରାବ ଯୋଗୁଁ ରକ୍ତ କମିଯାଏ। ଏହାଦ୍ୱାରା ଥକ୍କାପଣ, ତ୍ୱଚା ଶେତା ପଡ଼ିବା, ହାଲିଆ, ଅବସାଦ, ନଖ ଭାଙ୍ଗିବା ଆଦି ଲକ୍ଷଣ ଦେଖାଯାଏ।

ଡାକ୍ତରଙ୍କ ପରାମର୍ଶରେ ସିବିସି ଓ କମେଣ୍ଟ ଅନ୍ ପେରିଫେରାଲ ସ୍ମିୟର ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ କରି ରକ୍ତ କାହିଁକି କମୁଛି ତାହା ଜାଣି ଔଷଧ ସେବନ କରିବା ସହ ଖାଦ୍ୟପେୟରେ ଲୌହସାରଯୁକ୍ତ ଖାଦ୍ୟ ସାମିଲ କରିବା ଏକାନ୍ତ ଆବଶ୍ୟକ।



# ବ୍ୟସ୍ତ ଜୀବନରେ ଯକୃତର ଯତ୍ନ

**ଆଜିକାଲି ଯକୃତଜନିତ ରୋଗ ଅଧିକ ଦେଖିବାକୁ ମିଳୁଛି। ଦୀର୍ଘ ସମୟ ବସିବା, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁଁ ଯକୃତରେ ଅତିରିକ୍ତ ଚର୍ବି ଜମା ହୁଏ। ଏହା ଫ୍ୟାଟି ଲିଭର ରୋଗ ସୃଷ୍ଟି କରେ। ଚିକିତ୍ସାରେ ଅବହେଳା ହେଲେ ଯକୃତ କାର୍ଯ୍ୟକ୍ଷମତା ପ୍ରଭାବିତ ହୁଏ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଯାୟୀ, କିଛି ଅଭ୍ୟାସ ଗ୍ରହଣ କରି ଯକୃତକୁ ସୁସ୍ଥ ରଖି ପାରିବେ।**


ଦୀର୍ଘ ସମୟ ବସି ନ ରହି ପ୍ରତି ୧-୨ଘଣ୍ଟାରେ ଚଲାବୁଲା କରି ପାରିବେ। ଏହା ଦ୍ୱାରା ରକ୍ତ ସଞ୍ଚାଳନ ହୋଇ ଯକୃତରେ ଚର୍ମି ଜମିବାକୁ ଦିଏ ନାହିଁ। ବାହାରର ଖାଦ୍ୟ ନ ଖାଇ ଦୈନିକ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଆବଶ୍ୟକୀୟ ପରିମାଣର ପାଣି ପିଇ ଯକୃତକୁ ସୁସ୍ଥ ରଖନ୍ତୁ।

ଡାକ୍ତରଙ୍କ ପରାମର୍ଶରେ ଲିଭର ଫଙ୍କସନ୍ ଟେଷ୍ଟ(ଏଲ୍‌ଏଫ୍‌ଟି) ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଜରୁରି। ପ୍ରତିଦିନ ଯୋଗ, ପ୍ରାଣାୟମ ଏବଂ ଧ୍ୟାନ କରିବା ଜରୁରି।



## 'ସକାଳ'ର ସ୍ୱାସ୍ଥ୍ୟ

# ପରିସ୍ରା ରୋକୁଥିଲେ...




ଦୂର ସ୍ଥାନକୁ ଭ୍ରମଣ କରିବା ସମୟରେ ଅଧିକାଂଶ ଦୀର୍ଘ ସମୟ ଧରି ପରିସ୍ରାକୁ ଚାପି ରଖନ୍ତି। ଦୀର୍ଘ ସମୟ ପରିସ୍ରା ରୋକିବା ଦ୍ୱାରା ମୂତ୍ରଥଳୀ ଏବଂ ବୃକ୍କ ପ୍ରଭାବିତ ହୋଇପାରେ। ମୂତ୍ରଥଳୀରେ ପରିସ୍ରା ଜମା ହୋଇରୁହେ। ମୂତ୍ରାଶୟର ସମ୍ବେଦନଶୀଳତା କମି ଆସିବା ସହ ପରିସ୍ରାରେ ଜୀବାଣୁ ବୃଦ୍ଧି ପାଇ ମୂତ୍ରନଳୀ ସଂକ୍ରମଣ (ୟୁଟିଆଇ) ଆଶଙ୍କା ବଢ଼ାଇଥାଏ। ମୂତ୍ରଥଳୀ ଫୁଲିଥାଏ। ମୂତ୍ରଥଳୀର ମାଂସପେଶୀ ଦୁର୍ବଳ ହେବା ସହ ବୃକ୍କ ପ୍ରଭାବିତ ହୁଏ। ସ୍ୱାଭାବିକ ଭାବେ ପରିସ୍ରା ବାହାରିପାରେ ନାହିଁ। ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମୁତାବକ, ଭ୍ରମଣ ସମୟରେ ପରିସ୍ରାକୁ ଚାପିବା ଦ୍ୱାରା କିଡ୍‌ନୀ ଷ୍ଟୋନ୍, ୟୁଟିଆଇ ଏବଂ ମୂତ୍ରଥଳୀରେ ସମସ୍ୟା ହୁଏ। ମହିଳାଙ୍କ ମୂତ୍ରଥଳୀ ଛୋଟ ଥିବାରୁ ସେମାନଙ୍କଠାରେ ପରିସ୍ରା ସଂକ୍ରମଣ, ୟୁଟିଆଇ, ପିଠି ଯନ୍ତ୍ରଣା ଆଦି ସମସ୍ୟା ଦେଖାଯାଏ। ସେହିପରି ଅଧିକାଂଶ ବାହାରକୁ ଯିବାସମୟରେ କମ୍ ପାଣି, ଖାଲି ପେଟରେ ଚା', କଫି, କୋଲ୍‌ଡ୍ରିଙ୍କ୍, ଏନର୍ଜିଡ୍ରିଙ୍କ୍ ଆଦି ପିଇଥାନ୍ତି। ଏହା ମଧ୍ୟ ବୃକ୍କକୁ ପ୍ରଭାବିତ କରିବା ସହ ସଂକ୍ରମଣ କରିପାରେ। ଶରୀରରେ ଜଳୀୟଅଂଶ ଅଭାବରୁ ବିଷାକ୍ତ ପଦାର୍ଥ ଜମା ହୋଇ ପରିସ୍ରା ମୋଟା ହୋଇ କିଡ୍‌ନୀ ଷ୍ଟୋନ ହେବା ଆଶଙ୍କାକୁ ବଢ଼ାଇଦିଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଅଳ୍ପ ଅଳ୍ପ କରି ପାଣି ପିଇ ପ୍ରତି ୨ରୁ ୩ଘଣ୍ଟା ମଧ୍ୟରେ ପରିସ୍ରା କରିବା ସ୍ୱାସ୍ଥ୍ୟ ପାଇଁ ହିତକର।

## ଘର ବଇଦ

# ଦାନ୍ତର ପାଇରିଆ

**ଦାନ୍ତ ମୂଳରୁ ପୂଜ, ରକ୍ତ ପଡୁଥିଲେ ନିମ୍ନଲିଖିତ ଚୂର୍ଣ୍ଣ ବ୍ୟବହାର କଲେ ପାଇରିଆ ରୋଗ ଭଲ ହୁଏ। (ବହୁ ପରୀକ୍ଷିତ)**



କୋଚିଲା ମଞ୍ଜିକୁ ପୋଡ଼ି ଚୂର୍ଣ୍ଣ କରି କନାରେ ଛାଣି ରଖିବ। ଫିଟିକିରିକୁ କରେଇ ବା କରଚୁଲିରେ ନିର୍ଧୂମ ନିଆଁରେ ରଖି ଫୁଲିଗଲା ପରେ ଚୁର୍ଣ୍ଣ କରିବ। ତୁତିଆକୁ ସେହିପରି ପୋଡ଼ି ଚୂର୍ଣ୍ଣ କରିବ। ଏ ସମସ୍ତର ସମଭାଗ ଚୂର୍ଣ୍ଣ ଏକତ୍ର କରି ଶିଶିରେ ରଖିବ। ଦିନକୁ ଦୁଇଥର ସକାଳ ଓ ସନ୍ଧ୍ୟାରେ ଦାନ୍ତମୂଳରେ ଘଷିବ। ରାତିରେ ଖାଇସାରି ଦାନ୍ତମୂଳରେ ଲଗାଇ ଶୋଇଲେ ସକାଳୁ ମୁହଁରୁ ସୁଗନ୍ଧ ବାହାରେ।

- ଅକାରଣରେ ଦାନ୍ତରୁ ରକ୍ତ ବାହାରିଲେ ଦାସକେରେଣ୍ଟା ପତ୍ରର ରସ ସୈନ୍ଧବ ଲବଣ ମିଶାଇ ତୁଣ୍ଡରେ କିଛି ସମୟ ରଖି କୁଳୁକୁଞ୍ଚା କରିବ।

# ଭଙ୍ଗା ହାଡ଼ ଯୋଡ଼ିବ ହାଇଡ୍ରୋଜେଲ୍!



ବୟସ ବଢ଼ିବା ସାଙ୍ଗକୁ ହାଡ଼ ଦୁର୍ବଳ ହୋଇଯାଏ। ହାଡ଼ରୁ କ୍ୟାଲସିୟମ କମିଯିବାରୁ ହାଡ଼ ଶକ୍ତି ହରେଇ ମଧ୍ୟ ଦୁର୍ବଳ ହୁଏ। ଫଳରେ ସାମାନ୍ୟ ଆଘାତରେ ହାଡ଼ ଭାଙ୍ଗି ପ୍ରବଳ ଯନ୍ତ୍ରଣା ହୋଇଥାଏ। ଚିକିତ୍ସା ଦ୍ୱାରା ଏହା ଠିକ୍ ହେବାକୁ ମାସ ମାସ ସମୟ ଲାଗିଥାଏ। ହେଲେ ଏବେ ଏହି ସମସ୍ୟା ଦୂର କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଇଞ୍ଜେକ୍ଟେବଲ୍ ହାଇଡ୍ରୋଜେଲ୍ ବିକଶିତ କରିଛନ୍ତି। ଏହା ଶରୀରର ଆଭ୍ୟନ୍ତରୀଣ ଆଘାତକୁ ନିଜେ ସୁଧାରିବାରେ ସକ୍ଷମ। ଏହି ହାଇଡ୍ରୋଜେଲ୍ ଏକ ସ୍ୱତନ୍ତ୍ର ପ୍ରକାରର ଥ୍ରିଡି ପଲିମରର ନେଟୱର୍କ। ଯାହାକୁ ଇଞ୍ଜେକସନ୍ ମାଧ୍ୟମରେ ଭାଙ୍ଗିଯାଇଥିବା ହାଡ଼ ମଧ୍ୟରେ ଦିଆଯାଏ। ଏହି ଜେଲ୍ ନଷ୍ଟ ହୋଇଯାଇଥିବା ଟିସୁକୁ ପରସ୍ପର ସହିତ ଯୋଡ଼ି ଦେଇ ଥାଏ। ହାଡ଼ ଭାଙ୍ଗିବା ସ୍ଥାନରେ ନୂତନ ଅସ୍ଥି କୋଷିକାକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ସାଧାରଣତଃ ଅସ୍ଥି ସର୍ଜରୀରେ ସଂକ୍ରମଣ ଆଶଙ୍କା ଥାଏ। ହେଲେ ଏହି ଜେଲ୍‌ରେ ଏମିତି ତତ୍ତ୍ୱ ମିଶାଯାଇଛି ଯାହା ଜୀବାଣୁ ବୃଦ୍ଧି କରିବାକୁ ଦିଏ ନାହିଁ। ଘା ଶୁଖିବା ପ୍ରକ୍ରିୟାକୁ ସୁରକ୍ଷିତ କରିଥାଏ। ସଂକ୍ରମଣରୁ ଏହା ସୁରକ୍ଷା ଦେଇଥାଏ। ଏହା ପାରମ୍ପରିକ ପ୍ଲେଟ୍ କିମ୍ବା ସ୍କ୍ରୁ ଆବଶ୍ୟକତାକୁ କମ୍ କରିପାରେ। ବର୍ତ୍ତମାନ ଏହାର ପ୍ରାରମ୍ଭିକ ପରୀକ୍ଷଣ ଚାଲିଛି। ଏହା ସଫଳ ହେଲେ ଅସ୍ଥି ଦୁର୍ବଳ ଥିବା ବୟସ୍କ ବ୍ୟକ୍ତି, ଅଷ୍ଟିଓପୋରୋସିସ୍ ପୀଡ଼ିତ, ସ୍ପୋର୍ଟସ ଇଞ୍ଜୁରି ତଥା ଗମ୍ଭୀର ଫ୍ରାକଚର ମାମଲାରେ ଏହା ବହୁତ ଭଲ କାମ ଦେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ରଖିଛନ୍ତି।

## ଟି-୨୦ ବିଶ୍ୱକପ୍ କ୍ରିକେଟ; ବେଥେଲଙ୍କ ଶତକ ବୃଥା

# ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ

ମୁମ୍ବଇ,୫ା୩(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨୦୨୬ ଟି-୨୦ ବିଶ୍ୱକପ୍ କ୍ରିକେଟର ଫାଇନାଲ ଖେଳାଯିବ। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲରେ ଭାରତ ମାତ୍ର ୭ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୯ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳାଯିବ। ଗତଥର ଦକ୍ଷିଣ ଆଫ୍ରିକାକୁ ହରାଇ ଦ୍ୱିତୀୟଥର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତର ଏହା ଚତୁର୍ଥ ଫାଇନାଲ। ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ୨୦୦୭ ଓ ରୋହିତ ଶର୍ମାଙ୍କ ନେତୃତ୍ୱରେ ୨୦୨୪ରେ ଭାରତ ଦୁଇଥର ଚାମ୍ପିଅନ ହୋଇଥିଲା। ଏହା ଛଡ଼ା ୨୦୧୪ରେ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇ ଧୋନି ବାହିନୀ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଭାରତ ଇନିଂସରେ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିବା ସଞ୍ଜୁ ସାମସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



ମୁମ୍ବଇରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୫୩ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ସଞ୍ଜୁ ସାମସନ ୪୨ଟି ବଲ୍‌ରୁ ୮ ଚୌକା ଓ ୭ଟି ବିଶାଳ ଛକା ସହ ସର୍ବାଧିକ ୮୯ ରନ୍ କରିଥିଲେ। ତାଙ୍କ ବ୍ୟତୀତ ଇଶାନ କିଶାନ ୩୯ ଓ ଶିବମ ଦୁବେ ୨୫ ବଲ୍‌ରେ ୪୩ ରନ୍ କରି ଦମ୍‌ଦାର ସହାୟତା ଦେଇଥିଲେ। ଜବାବରେ ଇଂଲଣ୍ଡ ଜ୍ୟାକବ୍ ବେଥେଲଙ୍କ ୪୮ ବଲ୍‌ରେ ୧୦୫ ରନ୍ ଓ ଅନ୍ୟ ବ୍ୟାଟରଙ୍କ ସହଯୋଗ କ୍ରମେ ସମାନ ସଂଖ୍ୟକ ଓଭର ଖେଳି ସମାନ ୭ ୱିକେଟ ବିନିମୟରେ ୨୪୬ ରନ୍ କରିପାରିଥିଲା। ୱିଲ ଜ୍ୟାକ୍ସ ୩୫, ଜୋସ୍ ବଟଲର ୨୫ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୨ଟି, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଟସ୍ ହାରିବା ପରେ ଭାରତ ବ୍ୟାଟିଂ ଲାଗି ସୁଯୋଗ ପାଇଥିଲା। ଭାରତ ଭଲ ଆରମ୍ଭ କରିଥିଲେ ମଧ୍ୟ ଫର୍ମରେ ନ ଥିବା ଅଭିଷେକ ଶର୍ମା ୭ବଲ୍‌ରୁ ୯ ରନ୍ କରି ପ୍ରଥମେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ସଞ୍ଜୁ ସାମସନ ଓ ଇଶାନ କିଶାନ ଜମେଇକରି ଇଂଲଣ୍ଡ ବୋଲରଙ୍କୁ ଧୂଇେଇ କରିଥିଲେ। ଏମାନେ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୪୫ ବଲ୍‌ରେ ୯୭ ରନ୍ ଉଠାଇ ଦଳକୁ ଏକ ବଡ଼ ପ୍ଲାଟଫର୍ମ ଦେଇଥିଲେ। ଏହି ସମୟରେ ଇଂଲଣ୍ଡର ଅଭିଜ୍ଞ ସ୍ପିନର ଆଦିଲ ରଶିଦ୍‌ଙ୍କ ସ୍ପିନ୍ ଜାଲରେ ଫସିଥିଲେ ଇଶାନ। ଯାହା ଫଳରେ ସେ ବଡ଼ ସଟ୍ ମାରିବାକୁ ଯାଇ ଜ୍ୟାକ୍ସଙ୍କ ହାତରେ ଧରାପଡ଼ିଥିଲେ। ସେ ମାତ୍ର ୧୮ ବଲ୍ ଖେଳି ୪ ଚୌକା ଓ ୨ ଛକା ସହ ୩୯ ରନ୍ କରିଥିଲେ। ତାଙ୍କ ଆଉଟ ପରେ ସାମସନଙ୍କୁ ଆଉଟ କରିଥିଲେ ଅନ୍ୟତମ ସ୍ପିନର ୱିଲ ଜ୍ୟାକ୍ସ। ମାତ୍ର ୨୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ସାମସନ ୪୨ ବଲ୍‌ରେ ୮ ଚୌକା ଓ ୭ ଛକା ସହ ସର୍ବାଧିକ ୮୯ ରନ୍ କରିଥିଲେ। ପୂର୍ବ ମ୍ୟାଚ୍‌ରେ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅପରାଜିତ ୯୭ ରନ୍ କରି ଦଳକୁ ଜିତାଇଥିଲେ। ତାଙ୍କ ଆଉଟ ପରେ ଶିବମ ଦୁବେ ୨୫ ବଲ୍‌ରୁ ୧ଚୌକା ଓ ୪ଛକା ସହ ୪୩, ହାର୍ଦ୍ଦିକ ପାଣ୍ଡ୍ୟା ୧୨ ବଲ୍‌ରୁ ୩ ଚୌକା ଓ ୨ଛକା ସହ ୨୭ ଓ ତିଳକ ବର୍ମା ୭ ବଲ୍‌ରୁ ୩ ଛକା ସହ ୨୧ ରନ୍ କରିବା ଫଳରେ ଭାରତର ସ୍କୋର ୨୫୦ ରନ୍ ଅତିକ୍ରମ କରିଥିଲା। ଦୁବେ ଓ ପାଣ୍ଡ୍ୟା ରନ୍‌ଆଉଟ ହୋଇଥିଲେ।

# ଦକ୍ଷିଣ ଆଫ୍ରିକାର ଆଶା ଧୂଳିସାତ୍

କୋଲକାତା,୫ା୩(ଏଜେନ୍ସି): ଗତଥରର ରନର୍ସ ଅପ୍ ଦକ୍ଷିଣ ଆଫ୍ରିକାର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ଆଶା ଧୂଳିସାତ ହୋଇଯାଇଛି। ଓପନର ଫିନ୍ ଆଲେନଙ୍କ ୩୩ ବଲରେ ଅପରାଜିତ ଶତକ ବା ଠିକ୍ ୧୦୦ ରନ୍ ବଳରେ ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ବୁଧବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ର ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୯ ୱିକେଟରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକାକୁ ହରାଇବା କଷ୍ଟକର ମନେହେଉଥିଲାବେଳେ ନ୍ୟୁଜିଲାଣ୍ଡ ଯେପରି ବିଜୟ ହାସଲ କଲା ତାହା ପ୍ରତିଦ୍ୱନ୍ଦ୍ୱୀ ଦଳର ଚୋକର ଆଖ୍ୟାକୁ ପୁଣିଥରେ ପ୍ରମାଣିତ କରିଛି। ଆଲେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ନ୍ୟୁଜିଲାଣ୍ଡ ଦ୍ୱିତୀୟଥର ଲାଗି ଫାଇନାଲରେ ପ୍ରବେଶ କରିଥିଲାବେଳେ ୨୦୨୧ରେ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।



ଫିନ୍ ଆଲେନ୍

ଏହି ମ୍ୟାଚ୍‌ରେ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୯ ରନ୍ କରିଥିଲା। ଦଳ ପକ୍ଷରୁ ଅଲରାଉଣ୍ଡର ମାର୍କୋ ଜାନେସେନ୍ ସମୟୋପଯୋଗୀ ଅପରାଜିତ ୫୫ ରନ୍ କରିବା ଫଳରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦକ୍ଷିଣ ଆଫ୍ରିକା ସମ୍ମାନ ରକ୍ଷା କରିବାରେ ସମର୍ଥ ହୋଇଥିଲା। ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍ ୨୭ବଲ୍‌ରୁ ୩୪ ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୪ ବଲ୍‌ରୁ ୨୯ ରନ୍‌ର ସହଯୋଗ ଦେଇଥିଲେ। ଦଳ ପାୱାର ପ୍ଲେ'ର ଦ୍ୱିତୀୟ ଓଭରରେ କ୍ୱିଣ୍ଟନ ଡି କକ୍ (୧୦) ଓ ରିୟାନ ରିକେଟଲଟନ (୦)ଙ୍କ ଆଉଟ ହେବା ଏବଂ ୧୦ ଓଭରରେ ୪ ୱିକେଟ ହରାଇ ୭୭ ରନ୍ କରିବା ଫଳରେ ଦକ୍ଷିଣ ଆଫ୍ରିକାର ଇନିଂସରେ ବ୍ରେକ୍ ଲାଗିଯାଇଥିଲା। କେବଳ ଜାନ୍‌ସେନଙ୍କ ୩୦ ବଲ୍‌ରୁ ୨ଚୌକା ଓ ୫ ଛକା ସହ ୫୫ ରନ୍‌ର ଅପରାଜିତ ଇନିଂସ ଫଳରେ ଦଳ ଏତେବାଟ ଯାଇପାରିଥିଲା। ନ୍ୟୁଜିଲାଣ୍ଡର ଦୁଇ ସ୍ପିନ୍‌ର କୋଲ ମ୍ୟାକ୍‌କୋଞ୍ଚି ଓ ରାଚିନ ରବୀନ୍ଦ୍ର ବଲ ଲୋ ରହୁଥିବା ପିଚ୍‌ରେ ଭଲ ବୋଲିଂ କରି ୨ଟି ଲେଖାଏଁ ୱିକେଟ ନେଇଥିଲେ। ମ୍ୟାଟ ହେନରୀଙ୍କୁ ମଧ୍ୟ ୨ଟି ୱିକେଟ ମିଳିଥିଲା।

ଜବାବରେ ୧୭୦ ରନ୍‌ର ଟାର୍ଗେଟକୁ ପିଛା କରି ଫିନ୍ ଆଲେନ୍ ଓ ଟିମ୍ ସେଇଫର୍ଟଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ନ୍ୟୁଜିଲାଣ୍ଡ ମାତ୍ର ୧୨.୫ ଓଭରରେ ୧ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଆଲେନ୍ ମାତ୍ର ୩୩ ବଲ୍‌ରେ ଶତକ ପୂରଣ କରି ବିଶ୍ୱକପ୍‌ରେ ଦ୍ରୁତତମ ଶତକହାସଲକାରୀ ଭାବେ ବିବେଚିତ ହୋଇଥିଲେ। ତାଙ୍କ ସହ ପ୍ରଥମ ୱିକେଟରୁ ୯.୧ ଓଭରରେ ୧୧୭ ରନ୍ ଉଠାଇଥିବା ଟିମ୍ ସେଇଫର୍ଟ ୩୩ ବଲ୍ ଖେଳି ୭ ଚୌକା ଓ ୨ ଛକା ସହାୟତାରେ ୫୮ ରନ୍ କରିଥିଲେ।

# ପାକିସ୍ତାନ ଦିନିକିଆ ଦଳରୁ ଆଜମ୍, ଆୟୁବ୍ ବାଦ୍

କରାଚି,୫ା୩(ଏଜେନ୍ସି): ବାଂଲାଦେଶ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଟିମ୍ ଘୋଷଣା କରିଛି ପାକିସ୍ତାନ। ମାର୍ଚ୍ଚ ୧୧ରୁ ୧୫ ଯାଏ ଖେଳାଯିବାକୁ ଥିବା ଏହି ସିରିଜ୍‌ରୁ ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ କରିଥିବା କିଛି ବରିଷ୍ଠ ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରେ ବାବର ଆଜମ, ଓପନିଂ ଅଲରାଉଣ୍ଡର ସାଏମ ଆୟୁବଙ୍କ ସମେତ ୭ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ଆଘାଙ୍କ ସ୍ଥାନରେ ସାହିନ ଆଫ୍ରିଦୀଙ୍କୁ ପୁଣିଥରେ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି ଓ ୬ଜଣ ନୂଆ ଖେଳାଳିଙ୍କୁ ପ୍ରଥମଥର ଦଳରେ ସାମିଲ କରାଯାଇଛି। ସେମାନେ ହେଲେ ଅବ୍‌ଦୁଲ ସମଦ, ମାଜ୍ ସଦାକତ୍, ମହମ୍ମଦ୍ ଘାଜୀ ଘୌରୀ, ସାଦ୍ ମାସୁଦ୍, ସାହିବଜାଦା ଫରହାନ ଓ ଶାମିଲ ହୁସେନ। ଏମାନେ ପ୍ରଥମଥର ଦିନିକିଆ ଖେଳିବାକୁ ମନୋନୀତ ହୋଇଛନ୍ତି। ସଲମାନ ଅଲି, ଫହୀମ ଆଶ୍ରଫଙ୍କ ପରି ବରିଷ୍ଠ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି।

ପାକିସ୍ତାନ ଦଳ: ସାହୀନ ଆଫ୍ରିଦୀ (ଅଧିନାୟକ), ଅବ୍‌ଦୁଲ ସମଦ, ଆବ୍ରାର ଅହମ୍ମଦ୍, ଫହୀମ ଆଶ୍ରଫ, ଫଇଜଲ ଆକ୍ରମ, ହାରିସ ରୌଫ୍, ହୁସେନ ତଲତ, ମାଜ୍ ସାଦକତ୍, ମହମ୍ମଦ୍ ରିଜ୍‌ୱାନ୍, ମହମ୍ମଦ୍ ୱାସିମ ଜୁନିଅର, ମହମ୍ମଦ୍ ଘାଜୀ ଘୌରୀ, ସାଦ୍ ମାସୁଦ, ସାହିବଜାଦା ଫରହାନ୍, ସଲମାନ ଅଲି ଆଘା ଓ ଶାମିଲ ହୁସେନ।

# ଅର୍ଜୁନଙ୍କ ବିବାହ ଉତ୍ସବରେ ଗୌତମ ଗମ୍ଭୀର

ମୁମ୍ବଇ, ୫ା୩(ଏଜେନ୍ସି): କ୍ରିକେଟ କିଂବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନଙ୍କର ଆଜି ଶିଳ୍ପପତି ସାନିଆ ଚାଣ୍ଡୋକଙ୍କ ସହ ଧୂମ୍‌ଧାମରେ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହରେ କ୍ରିକେଟ ଖେଳାଳି, ଚଳଚ୍ଚିତ୍ର ତାରକା ଓ ରାଜନେତାଙ୍କୁ ଦେଖିବାକୁ ମିଳିଛି। ଏହା ମଧ୍ୟରେ ରହିଛନ୍ତି ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଗୌତମ ଗମ୍ଭୀର। ସେ କୁର୍ତ୍ତା ପାଇଜାମା ପିନ୍ଧି ପତ୍ନୀଙ୍କ ସହ ଏହି ଉତ୍ସବରେ ଯୋଗଦେଇଥିବାର ଦେଖାଯାଇଥିଲା। ଉଲ୍ଲେଖନୀୟ ଘଟଣା ହେଲା, ଆଜି ଏଠାରେ ଇଂଲଣ୍ଡ ସହ ସେମିଫାଇନାଲ ଖେଳିବାର କିଛି ଘଣ୍ଟା ପୂର୍ବରୁ ଗମ୍ଭୀର ଏହି ଉତ୍ସବରେ ଯୋଗଦେବାକୁ ଆସିଥିବାରୁ ତାହା କ୍ରିକେଟପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ହ୍ୟାରୀ ବ୍ରୁକ୍‌ସଙ୍କ ନେତୃତ୍ୱରେ ଇଂଲଣ୍ଡ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ଭାରତୀୟ ଦଳ ସହ ମହାମୁକାବିଲା କରୁଛନ୍ତି।



ଗୁରୁବାର ଅର୍ଜୁନ-ସାନିୟାଙ୍କ ବିବାହ ଉତ୍ସବରେ କ୍ରିକେଟ୍ ତାରକାଙ୍କ ସମାବେଶ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ପ୍ରମୁଖ ହେଲେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଓ ତାଙ୍କ ପତ୍ନୀ ସାକ୍ଷୀ, ଯୁବରାଜ ସିଂହ ଓ ପତ୍ନୀ ହାଜେଲ୍ କିଚ୍, ପୂର୍ବତନ ବ୍ୟାଟ୍‌ସମ୍ୟାନ ସୁରେଶ ରୈନା ଓ ପତ୍ନୀ ପ୍ରିୟଙ୍କା, ଭାରତୀୟ ଦଳର ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ପତ୍ନୀ ନତାଶା, ଆଇସିସି ଅଧ୍ୟକ୍ଷ ଜୟ ଶାହା ଓ ବିସିସିଆଇର ଉପସଭାପତି ରାଜୀବ ଶୁକ୍ଳା, ଭାଷ୍ୟକାର ହର୍ଷ ଭୋଗ୍‌ଲେ, ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଓ ପତ୍ନୀ, ପୁରୁଖା ଖେଳାଳି ଜାହିର ଖାଁ, ଭେଙ୍କଟେଶ ପ୍ରସାଦ, ରାହୁଲ ଦ୍ରାବିଡ଼, ଅଜିତ ଆଗରକର, ଅଜିଙ୍କ୍ୟ ରାହାଣେ, ଇର୍ଫାନ୍ ପଠାନ ପ୍ରମୁଖ।

# କିଟ୍‌ରେ ବିଶ୍ୱ ବିଚ୍ ଭଲିବଲ ଉଦ୍‌ଘାଟିତ

ଭୁବନେଶ୍ୱର,୫ା୩(ସମିସ): କିଟ ୟୁନିଭର୍ସିଟିର କ୍ରୀଡ଼ା ଆୟୋଜନ ଇତିହାସରେ ଆଜି ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡି ହୋଇଯାଇଛି। ଆଜି ଏଠାରେ ଆରମ୍ଭ ହୋଇଛି ବିଶ୍ୱ ବିଶ୍ୱବିଦ୍ୟାଳୟ ବିଚ୍ ଭଲିବଲ ଟୁର୍ଣ୍ଣାମେଣ୍ଟ। ଭାରତରେ ଏହି ପ୍ରତିଯୋଗିତା ପ୍ରଥମଥର ଆୟୋଜିତ ହୋଇଛି ଓ ଏହାକୁ କିଟ୍ ଆୟୋଜନ କରି ଇତିହାସ ସୃଷ୍ଟି କରିଛି। ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଏହି ଭଲିବଲ ଟୁର୍ଣ୍ଣାମେଣ୍ଟରେ ୫୨ଟି ଦେଶରୁ ୮୨ଟି ଟିମ୍ ଅଂଶଗ୍ରହଣ କରୁଛି। ଏହି ଟୁର୍ଣ୍ଣାମେଣ୍ଟକୁ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ବିଶ୍ୱଭଲିବଲ ମହାସଂଘର ଟେକ୍ନିକାଲ ଡେଲିଗେଟ୍ ବ୍ଲେୟାର ହ୍ୟାରିସନ, କିଟ୍ ଭାଇସ୍ ଚାନ୍ସେଲର ସରଣଜିତ ସିଂହ ଓ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



## ■ ବିଶ୍ୱ ପାରା ତୀରନ୍ଦାଜୀ ସିରଜ୍

# ଭାରତୀୟ ଦଳରେ ଓଡ଼ିଶାର ପାୟଲ

କଟକ, ୫ା୩(ସମିସ): ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ମାର୍ଚ୍ଚ ୨୯ରୁ ଏପ୍ରିଲ ୫ ମଧ୍ୟରେ ବିଶ୍ୱ ପାରା ତୀରନ୍ଦାଜୀ ସିରଜ୍ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ପାରା ତୀରନ୍ଦାଜୀ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ପାୟଲ ନାଗ ସ୍ଥାନ ପାଇଛନ୍ତି। ଫେବୃଆରୀ ୯ରୁ ୧୧ ପର୍ଯ୍ୟନ୍ତ ଦିଲ୍ଲୀରେ ହୋଇଥିବା ଟ୍ରାଏଲ୍‌ସର ପ୍ରଦର୍ଶନ ଭିତ୍ତିରେ ଭାରତୀୟ ପାରା ତୀରନ୍ଦାଜୀ ଦଳ ମନୋନୟନ କରାଯାଇଛି। ଭାରତୀୟ ଦଳରେ ସ୍ଥାନ ପାଇବାରେ ପାୟଲ ଏକମାତ୍ର ଓଡ଼ିଆ ତୀରନ୍ଦାଜ। ପାୟଲଙ୍କୁ ଓଡ଼ିଶା ତୀରନ୍ଦାଜୀ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।



## ■ ନନ୍ଦିନୀଙ୍କ ଆଗରେ ଅଲିସ୍ପା ଫିକା

# ଓଡ଼ିଶାକୁ ହରାଇଲା ଉତ୍ତରାଖଣ୍ଡ

ଭୁବନେଶ୍ୱର,୫ା୩(ସମିସ): ପୁଣେରେ ଚାଲିଥିବା ବିସିସିଆଇ ୨୩ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫିରେ ଆଜି ଖେଳାଯାଇଥିବା ମ୍ୟାଚରେ ଉତ୍ତରାଖଣ୍ଡ ୫ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଅଧିନାୟିକା ଅଲିସ୍ପା ବିଶ୍ୱାଳଙ୍କ ୧୧୨ ବଲ୍‌ରୁ ୭୫ ଓ ଜିଏମ୍ ଅଲକାନନ୍ଦାଙ୍କ ୩୭ ବଲ୍‌ରୁ ଅପରାଜିତ ୪୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୫ ୱିକେଟରେ ୨୪୨ ରନ୍ କରିଥିଲା। ପ୍ରତିପକ୍ଷ ଦଳର ନିଶା ମିଶ୍ରଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ନନ୍ଦିନୀ ଯାଦବ ୧୩୩ ବଲ୍‌ରେ ୧୫ ଚୌକା ସହ ଅପରାଜିତ ୧୨୦ ଓ ରାଘବୀଙ୍କ ୫୧ ରନ୍ ସହାୟତାରେ ଉତ୍ତରାଖଣ୍ଡ ୪୭ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଫଳରେ ଅଲିସ୍ପାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଫିକା ପଡ଼ିଥିଲା। ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଉତ୍ତରପ୍ରଦେଶ ୭ ୱିକେଟରେ ଓଡ଼ିଶାକୁ ପରାସ୍ତ କରିଥିଲା। ଏଥିରେ ମଧ୍ୟ ଅଲିସ୍ପା ସର୍ବାଧିକ ୪୮ ରନ୍ କରିଥିଲେ।

# ପାକ୍ ହେଡ୍ କୋଚ୍‌ଙ୍କ ଉପରେ ଖେଳାଳି କ୍ଷୁବ୍ଧ

କରାଚି,୫ା୩(ଏଜେନ୍ସି): ପାକିସ୍ତାନ କ୍ରିକେଟ ଦଳ ଚଳିତ ଟି-୨୦ ବିଶ୍ୱକପ୍‌ର ଟି-୨୦ ପର୍ଯ୍ୟାୟରୁ ବାଦ୍ ପଡ଼ିବା ପରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଛି। ଖରାପ ପ୍ରଦର୍ଶନ କରିଥିବାରୁ ଖେଳାଳିଙ୍କ ଉପରେ ପାକିସ୍ତାନ କ୍ରିକେଟ ବୋର୍ଡ ପାକିସ୍ତାନୀ ଟଙ୍କାରେ ୫୦ ଲକ୍ଷ ଓ ଭାରତୀୟ ଟଙ୍କାରେ ୧୬ ଲକ୍ଷର ଦଣ୍ଡପ୍ରଦାନ କରିଛି। ଶ୍ରୀଲଙ୍କାରେ ରହୁଥିବା ବେଳେ ଜଣେ ଖେଳାଳି ହୋଟେଲର ମହିଳା କର୍ମଚାରୀଙ୍କୁ ଅଶୋଭନୀୟ ବ୍ୟବହାର କରି ଦଳରୁ ବାଦ୍ ପଡ଼ିଛନ୍ତି। କ୍ରିକେଟ ଦଳର ଖରାପ ପ୍ରଦର୍ଶନ ପରେ ଅଧିନାୟକ ସଲମାନ ଅଲି ଆଘାଙ୍କ ପଦ ମଧ୍ୟ ବିପଦରେ ରହିଛି। ତାଙ୍କ ସହ କିଛି ବରିଷ୍ଠ ଖେଳାଳିଙ୍କୁ ଦଳରୁ ବାଦ୍ ଦେବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ମଧ୍ୟରେ ଆଉ ଏକ ରିପୋର୍ଟ ଆସିଛି, ଦଳର ବରିଷ୍ଠ ଖେଳାଳିମାନେ ହେଡ୍ କୋଚ୍ ମାଇକ ହେସନଙ୍କ କାର୍ଯ୍ୟକରିବାର ଶୈଳୀ ଉପରେ କ୍ଷୁବ୍ଧ ହୋଇଛନ୍ତି। ଏମାନେ ବୋର୍ଡକୁ ଏ ସମ୍ପର୍କରେ ଜଣାଇଦେଇଛନ୍ତି। ଯାହା ଫଳରେ ହେସନଙ୍କୁ ବାଦ୍ ଦେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଶେଷ କରି ଭାରତଠାରୁ ଏକତରଫା ଭାବେ ମ୍ୟାଚ୍ ହାରିଯିବା ପରେ ପାକିସ୍ତାନ କ୍ରିକେଟରେ ଏକ ଦୟନୀୟ ସ୍ଥିତି ସୃଷ୍ଟି ହୋଇଛି।

# ହକି ବିଶ୍ୱକପ୍ କ୍ୱାଲିଫାୟର୍ସରୁ ଓହରିଲା ଆମେରିକା

କାଇରୋ,୫ା୩(ଏଜେନ୍ସି): ପୁରୁଷ ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ ମୁକାବିଲାରୁ ଓହରିଯାଇଛି ଯୁକ୍ତରାଷ୍ଟ୍ର ଆମେରିକା। ମଧ୍ୟ ପ୍ରାଚ୍ୟରେ ଲାଗିଥିବା ଯୁଦ୍ଧ ଯୋଗୁଁ ଆମେରିକା ହକି ଦଳ ସରକାରଙ୍କ ଅନୁରୋଧ ଅନୁଯାୟୀ ଏଭଳି ନିଷ୍ପତ୍ତି ନେଇଛି। ଇରାନ ସହ ଆମେରିକା ଓ ଇଜ୍ରାଏଲ୍‌ର ଯୁଦ୍ଧ ଚାଲିଥିବାରୁ ଏହି ଅଞ୍ଚଳ ନିକଟରୁ ଆମେରିକାବାସୀଙ୍କୁ ଦୂରେଇ ରହିବା ସକାଶେ ସରକାର ପରାମର୍ଶ ଦେଇଛନ୍ତି। ଏହାକୁ ଆଧାର କରି ଆମେରିକା ପ୍ରଥମ ରାଉଣ୍ଡ ପରେ ପ୍ରତିଯୋଗିତାରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। ଦ୍ୱିତୀୟ ରାଉଣ୍ଡରେ ଆସନ୍ତା ୧୦ ତାରିଖରେ ଚୀନ୍ ସହ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଏହି ମ୍ୟାଚ୍ ସହ ଅନ୍ୟ ଦୁଇଟି ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଚୀନ୍ ଓ ଅନ୍ୟ ୨ ଦେଶକୁ ୱାକ୍‌ଓଭର ମିଳିଛି। ଚଳିତବର୍ଷ ଏହି ବିଶ୍ୱକପ୍ ବେଲଜିୟମ ଓ ନେଦରଲାଣ୍ଡସରେ ଅଗଷ୍ଟ ୧୪ରୁ ୩୦ ଯାଏ ଖେଳାଯିବ।

# ଭାରତ ଛାଡ଼ିଲେ ଜିମ୍ବାୱେ ଖେଳାଳି, ୱେଷ୍ଟଇଣ୍ଡିଜ୍ ଦଳ ଅଟକି ରହିଛି

ନୂଆଦିଲ୍ଲୀ,୫ା୩(ଏଜେନ୍ସି): ଆମେରିକା-ଇସ୍ରାଏଲ ବନାମ ଇରାନ ଯୁଦ୍ଧ ଯୋଗୁଁ ଉପସାଗରୀୟ ଏୟାର ସ୍ପେଶକୁ ବନ୍ଦ କରିଦିଆଯାଇଛି। ଫଳରେ ଦୁବାଇ ଦେଇ ଜିମ୍ବାୱେ ଓ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଟିମ୍‌ର ସ୍ୱଦେଶ ଯାତ୍ରା ବନ୍ଦ ହୋଇଯାଇଛି। ଏମାନଙ୍କ ବିଶ୍ୱକପ୍ ଅଭିଯାନ ଶେଷ ହୋଇଥିଲେ ମଧ୍ୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଭାରତରେ ଅଟକି ରହିଥିଲେ। ଆଜି ଆଇସିସି ପକ୍ଷରୁ ଅନ୍ୟ ରୁଟ୍ ଦେଇ ବିମାନ ବ୍ୟବସ୍ଥା କରାଯାଇଥିଲା। ଫଳରେ ଜିମ୍ବାୱେ ଦଳର କିଛି ଖେଳାଳି ଗତକାଲି ଇଥିଓପିଆ ଦେଇ ସ୍ୱଦେଶ ଯାଇଛନ୍ତି। ଆଉ କିଛି ଖେଳାଳି ଆଜି ଯିବେ ବୋଲି ସୂଚନା ମିଳିଛି। କିନ୍ତୁ ୱେଷ୍ଟଇଣ୍ଡିଜ୍ ଭାଗ୍ୟରେ ଏଭଳି ସୁଯୋଗ ମିଳିନାହିଁ। ଏମାନେ ଏବେ ନୂଆଦିଲ୍ଲୀରେ ଅଟକି ରହିଛନ୍ତି। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଖୁବ୍ ଶୀଘ୍ର ସେମାନଙ୍କ ଦେଶକୁ ପଠାଇଦିଆଯିବ ବୋଲି ଆଇସିସି ସୂତ୍ରରୁ ଜଣାଯାଇଛି।



## କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ

# ନକ୍‌ଆଉଟ୍‌ରେ ବଲାଙ୍ଗିର, ଝାରସୁଗୁଡ଼ା, ସୁନ୍ଦରଗଡ଼

ଭୁବନେଶ୍ୱର,୫ା୩(ସମିସ): କଟକରେ ଓଡ଼ିଶା କ୍ରିକେଟ ଆସୋସିଏସନ ବା ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ଶେଷରେ କଟକ-ଏ, ଭୁବନେଶ୍ୱର-ଏ, ରାଉରକେଲା, ଡିଫେଣ୍ଡିଂ ଚାମ୍ପିଅନ ସୁନ୍ଦରଗଡ଼, ରାଉରକେଲା, ପୂର୍ବତଟ ରେଳବାଇ, ଅନୁଗୁଳ, ଝାରସୁଗୁଡ଼ା ଓ ବଲାଙ୍ଗିର ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ନକ୍‌ଆଉଟ ବା କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମାର୍ଚ୍ଚ ୮ରୁ ଆରମ୍ଭ ହେବ। କ୍ୱାର୍ଟର ଫାଇନାଲ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ କଟକ-ଏ' ସହ ବଲାଙ୍ଗିର, ଦ୍ୱିତୀୟ ମ୍ୟାଚ୍‌ରେ ସୁନ୍ଦରଗଡ଼ ସହ ଝାରସୁଗୁଡ଼ା, ତୃତୀୟ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ସହ ଅନୁଗୁଳ ଓ ଚତୁର୍ଥ ମ୍ୟାଚ୍‌ରେ ରାଉରକେଲା ସହ ପୂର୍ବତଟ ରେଳବାଇର ମୁକାବିଲା ହେବ। ଏହି ମ୍ୟାଚ୍‌ର ବିଜେତା ଦଳ ସେମିଫାଇନାଲକୁ ଉନ୍ନୀତ ହେଲେ। ମାର୍ଚ୍ଚ ୯ରେ ସେମିଫାଇନାଲ ଓ ମାର୍ଚ୍ଚ ୧୧ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଓସିଏ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରୁ ଜଣାଯାଇଛି।





ଆଜି ଟୁର୍ଣ୍ଣାମେଣ୍ଟର ଶେଷ ପର୍ଯ୍ୟାୟ ମୁକାବିଲା ହୋଇଥିଲା। ଏଥିରେ ୬ଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ରେଭେନ୍‌ଶା ଗ୍ରାଉଣ୍ଡରେ ବାଲେଶ୍ୱର ୮ ୱିକେଟରେ କଳାହାଣ୍ଡିକୁ, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ରାଉରକେଲା ୧୧୦ ରନ୍‌ରେ ଜଗତସିଂହପୁରକୁ, ସନ୍‌ସାଇନ୍ କ୍ରିକେଟ ଗ୍ରାଉଣ୍ଡରେ କେନ୍ଦୁଝର ୪ ୱିକେଟରେ ନୂଆପଡ଼ାକୁ, ସେଞ୍ଚୁରିଅନ ୟୁନିଭର୍ସିଟି ଗ୍ରାଉଣ୍ଡରେ କଟକ-ଏ' ୧୩୦ ରନ୍‌ରେ କିଟ୍‌କୁ, ଡ୍ରିମ୍‌ସ କ୍ରିକେଟ ଗ୍ରାଉଣ୍ଡରେ ପାରାଦୀପ ୪ ୱିକେଟରେ ପାରାଦୀପକୁ ଓ ଖୋର୍ଦ୍ଧା ବିଜେବି ସ୍କୁଲ ଗ୍ରାଉଣ୍ଡରେ ଝାରସୁଗୁଡା ୬୧ ରନ୍‌ରେ ରାୟଗଡ଼ାକୁ ପରାସ୍ତ କରିଛି। ରାଉରକେଲାର ଆଶୀର୍ବାଦ ସ୍ୱାଇଁ ଶତକ ହାସଲ କରି ୧୧୭ ବୋଲିଂରେ ଜଗତସିଂହପୁରର ଅରୁଣ ମହାରଣା ୫ୱିକେଟ ନେଇ ଏହି ମ୍ୟାଚ୍ ଓ ରାଉଣ୍ଡରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

# ଶିବାନୀ, ସୁରଜ ଜିତିଲେ ବିଜୁ ପଟ୍ଟନାୟକ ମିନି ମାରାଥନ୍

ଭୁବନେଶ୍ୱର, ୫ା୩ (ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଅବସରରେ କଟକରେ ଅନୁଷ୍ଠିତ ମିନି ମାରାଥନରେ ବାଜି ମାରିଛନ୍ତି ଶିବାନୀ ବାରିକ୍ ଓ ସୁରଜ ଚୋହାନ। ଆଜି ଅନୁଷ୍ଠିତ ଏହି ମାରାଥନରେ କାଜି ବଜାର ବାଳିକା ବିଦ୍ୟାଳୟର ଛାତ୍ରୀ ଶିବାନୀ ବାରିକ ପ୍ରଥମ, ତରଳ ୟୁପି ସ୍କୁଲ୍‌ର ଶାନ୍ତି ପୂର୍ତ୍ତି ଦ୍ୱିତୀୟ ଓ ରେଭେନ୍ସା କଲେଜିଏଟ ସ୍କୁଲ୍‌ର ଆସ୍ଥା ଆଲା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ତରଳ ସ୍କୁଲ୍‌ର ବାଳକ ପ୍ରତିଯୋଗୀମାନେ ପ୍ରଥମ ୩ଟି ସ୍ଥାନ ଅଧିକାର କରିନେଇଛନ୍ତି। ସେମାନଙ୍କ ମଧ୍ୟରେ ସୁରଜ ପ୍ରଥମ, ତାରକ ଟୁଡୁ ଦ୍ୱିତୀୟ ଓ କାହ୍ନୁ ହାଁସ୍‌ଦା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ସମସ୍ତଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୭,୦୦୦, ଦ୍ୱିତୀୟଙ୍କୁ ୫,୦୦୦ ଓ ତୃତୀୟ ସ୍ଥାନିତ ପ୍ରତିଯୋଗୀଙ୍କୁ ୩,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଶେଷରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ପ୍ରଶିକ୍ଷକ ଯୁଗଳ କିଶୋର ଦାସ, ଇଞ୍ଜିନିୟର ପ୍ରଭାକର ସ୍ୱାଇଁ, ଶିଳ୍ପୋଦ୍ୟୋଗୀ ସୁନୀଲ ମୁରାରକା ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର କିଂବଦନ୍ତୀ କ୍ରୀଡ଼ାବିତ ଭାରତୀ ମିଶ୍ର, ସୟଦ ଜବିଉଲ୍ଲା, ଏସ୍ ରାମାରାଓ ଓ କ୍ରୀଡ଼ା ପ୍ରଶିକ୍ଷକ ସୁବାସଚନ୍ଦ୍ର ଦାସ ମହାପାତ୍ରଙ୍କୁ ଆୟୋଜକ ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଆୟୋଜକ ସଂଘ ପକ୍ଷରୁ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ୍, ସରୋଜ ସିଂ, ଅମୂଲ୍ୟ ବେହେରା, ରବି ପଟ୍ଟନାୟକ, କ୍ଷୀତୀଶ ପାତ୍ର, ସମୀର ପରିଜା, ସୌଦାମିନୀ ଦାସ୍, ଲକ୍ଷ୍ମୀପ୍ରିୟା ଦେଇ, ଅର୍ପିତା ଦାସ ପ୍ରମୁଖ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରସନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS